RNI No.ODIODI/2010/33031
୧୬ ବର୍ଷ Volume-16
ISSUE -282 ସଂଖ୍ୟା-୨୮୨
ଭୁବନେଶ୍ୱର, ଶନିବାର ୨୪ଜାନୁଆରୀ ୨୦୨୬
Bhubaneswar, Saturday 24 January, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# କଟକଠାରେ ପରାକ୍ରମ ଦିବସ ସମାରୋହରେ ଯୋଗ ଦେଲେ ଉପରାଷ୍ଟ୍ରପତି ସି.ପି ରାଧାକୃଷ୍ଣନ୍

ପାରାଦୀପ, ୨୩।୧ (ପିଆଇବି):: ଭାରତର ଉପ-ରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ୍ ଆଜି କଟକସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜନ୍ମସ୍ଥାନ ସଂଗ୍ରହାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜିତ ପରାକ୍ରମ ଦିବସ ସମାରୋହରେ ଯୋଗ ଦେଇଛନ୍ତି

ସମାବେଶକୁ ସମ୍ବୋଧିତ କରି ଉପରାଷ୍ଟ୍ରପତି ନେତାଜୀଙ୍କୁ ଭାରତର ଜଣେ ମହାନ ସୁପୁତ୍ର ଭାବରେ ବର୍ଣ୍ଣନା କରିବା ସହିତ ତାଙ୍କ ପ୍ରତି ହାର୍ଦ୍ଦିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ନେତାଜୀଙ୍କ ଜନ୍ମସ୍ଥାନକୁ ତାଙ୍କର ଗସ୍ତକୁ ସେ ଗଭୀର ଭାବରେ ପ୍ରେରଣାଦାୟକ ବୋଲି କହିଥିଲେ ସେ କହିଥିଲେ ଯେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କେବଳ ଭାରତର ସ୍ୱାଧୀନତା ପାଇଁ ଲଢ଼ି ନଥିଲେ ବରଂ ସ୍ୱାଧୀନତା ପରେ ଦେଶର ଶାସନ ପାଇଁ ତାଙ୍କର ଏକ ସ୍ପଷ୍ଟ ଦୃଷ୍ଟିକୋଣ ଥିଲା ନେତାଜୀ ଭାରତକୁ ଏକ ମଜବୁତ, ଶକ୍ତିଶାଳୀ ଏବଂ ଦାରିଦ୍ର୍ୟମୁକ୍ତ ରାଷ୍ଟ୍ର ଭାବେ ନିର୍ମାଣ କରିବାକୁ ପରିକଳ୍ପନା କରିଥିଲେ।

ଆଜାଦ ହିନ୍ଦ୍ ଫୌଜର ପରିକ୍ରମା ସଙ୍ଗୀତ କଦମ କଦମ୍ ବଢ଼ାଏ ଯାର ଉତ୍ସାହ ଉଦ୍ରେକକାରୀ ସ୍ୱରକୁ ସ୍ମୃତିଚାରଣ କରି ଉପରାଷ୍ଟ୍ରପତି କହିଥିଲେ, ମଜବୁତ ଏବଂ ଆତ୍ମନିର୍ଭର ଭାରତ ନିର୍ମାଣ ଲାଗି ନେତାଜୀଙ୍କର ଦୂରଦୃଷ୍ଟି ଦେଶକୁ ଲଗାତାର ପ୍ରେରଣା ଦେଇ ଆସୁଛି ନେତାଜୀଙ୍କ ସାହସ, ଏକତା ଏବଂ ମାତୃଭୂମି ପ୍ରତି ସର୍ବୋଚ୍ଚ ସମର୍ପଣର ଆଦର୍ଶରୁ ପ୍ରେରଣା ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ଦିଗରେ ଆଗକୁ ବଢ଼ିବା ପାଇଁ ସାମୂହିକ ଭାବରେ ପ୍ରତିଜ୍ଞା କରିବାକୁ ସେ ନାଗରିକମାନଙ୍କୁ ଆହ୍ୱାନ କରିଥିଲେ।

ଉପରାଷ୍ଟ୍ରପତି କହିଥିଲେ, ଭାରତର ସଭ୍ୟତାଗତ ଯାତ୍ରାରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି।ଏଠାରେ ଇତିହାସ, ଆଧ୍ୟାତ୍ମିକତା ଏବଂ ସଂସ୍କୃତି ଏକତ୍ରିତ ହୋଇଛି ଜନଜାତି କଲ୍ୟାଣ, ଆଦିବାସୀ ସମ୍ପ୍ରଦାୟର ଜୀବନଧାରଣ ମାନ ଉନ୍ନତ କରିବା ପାଇଁ ଲକ୍ଷ୍ୟବଦ୍ଧ ପ୍ରୟାସ ଏବଂ ନିରନ୍ତର ଭିତ୍ତିଭୂମି ବିକାଶ ଲାଗି ସେ ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ରାଜ୍ୟର ପ୍ରଗତିକୁ ନେଇ ବିଶ୍ୱାସ ପ୍ରକଟ କରି ସେ କହିଥିଲେ, ନିରନ୍ତର ସୁଶାସନ ସହିତ ଓଡ଼ିଶା ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବରେ ଉଭା ହେବ।

ଏହି କାର୍ଯ୍ୟକ୍ରମ ଅବସରରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରେକର୍ଡ ହୋଇଥିବା ଭାଷଣ ପ୍ରସାରଣ କରାଯାଇଥିଲା ଉପରାଷ୍ଟ୍ରପତି କହିଥିଲେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନେତାଜୀଙ୍କୁ ଯଥାର୍ଥ ସମ୍ମାନ ପ୍ରଦାନ କରିଛନ୍ତି।୨୦୨୧ ମସିହାରୁ ନେତାଜୀଙ୍କ ଜନ୍ମବାର୍ଷିକୀକୁ ପରାକ୍ରମ ଦିବସ ଭାବରେ ପାଳନ କରାଯାଉଛି ଏବଂ ରସ୍ ଦ୍ୱୀପକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦ୍ୱୀପ ଭାବରେ ନାମିତ କରାଯାଇଛି। ସେ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ନିର୍ଣ୍ଣାୟକ ନେତୃତ୍ୱ, ନିର୍ଭୀକ ଦୃଷ୍ଟିକୋଣ ଏବଂ ଜାତୀୟ ସୁରକ୍ଷା ଓ ସ୍ୱାବଲମ୍ବନ ପ୍ରତି ଅଟଳ ପ୍ରତିବଦ୍ଧତା ପ୍ରକୃତରେ ତାଙ୍କର ପରାକ୍ରମ ଭାବନାକୁ ପ୍ରତିଫଳିତ କରେ ସେ ଆହୁରି ମଧ୍ୟ କହିଥିଲେ, ପରାକ୍ରମ ଦିବସ କେବଳ ନେତାଜୀଙ୍କ ବୀରତ୍ୱକୁ ମନେ ପକାଇବାର ଏକ ଅବସର ନୁହେଁ, ବରଂ ପ୍ରତ୍ୟେକ ଭାରତୀୟଙ୍କୁ ଦେଶ ସେବାରେ ସାହସିକ ଭାବରେ କାର୍ଯ୍ୟ କରିବା ପାଇଁ ଏକ ଆହ୍ୱାନ ନେତାଜୀଙ୍କ ଜୀବନ କାହାଣୀ ତାଙ୍କ ମନରେ ପ୍ରଥମେ ଦେଶପ୍ରେମର ଉତ୍ସାହ ଭରିଥିଲା, ଯାହା ଜନସେବା ଏବଂ ଜାତୀୟ କର୍ତ୍ତବ୍ୟ ପ୍ରତି ଜୀବନବ୍ୟାପୀ ପ୍ରତିବଦ୍ଧତାକୁ ପ୍ରେରଣା ଦେଇଥିଲା ବୋଲି ସେ କହିଥିଲେ।



ଏହି ସ୍ମାରକୀ କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ, ଉପରାଷ୍ଟ୍ରପତି ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଉପରେ ଏକ ପ୍ରଦର୍ଶନୀ, ଆଜାଦ ହିନ୍ଦ ଫୌଜ ଉପରେ ଡାକ ଟିକଟ ଗ୍ୟାଲେରୀ ଏବଂ ନେତାଜୀ ସଂସ୍କୃତି ଭବନର ଉଦଘାଟନ କରିଥିଲେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ସହାୟତାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ନେତାଜୀଙ୍କୁ ଉପଯୁକ୍ତ ଭାବରେ ସମ୍ମାନିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ ସେ କହିଥିଲେ, ଏପରି ସଂଗ୍ରହାଳୟ ଏବଂ ପ୍ରଦର୍ଶନୀଗୁଡ଼ିକ ଯୁବ ପିଢ଼ିକୁ ଭାରତର ସ୍ୱାଧୀନତା ସୁରକ୍ଷିତ କରିବା ପାଇଁ ସ୍ୱାଧୀନତା ସଂଗ୍ରାମୀମାନେ ଦେଇଥିବା ମହାନ ବଳିଦାନ ଏବଂ କଷ୍ଟକୁ ହୃଦୟଙ୍ଗମ କରିବାରେ ସହାୟତା କରିବ।

ଉପରାଷ୍ଟ୍ରପତି ସ୍ୱାଧୀନତା ସଂଗ୍ରାମୀ ମାୟାଧର ମଲ୍ଲିକ ଏବଂ ଅବସରପ୍ରାପ୍ତ ଙ୍ଗ କମାଣ୍ଡର ବି.ଏସ୍. ସିଂହଦେଓଙ୍କୁ ସମ୍ମାନିତ କରିଥିଲେ ତଥା ଆଜାଦ୍ ହିନ୍ଦ ଫୌଜର ଯବାନଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନିତ କରିଥିଲେ ସେ କହିଥିଲେ, ସ୍ୱାଧୀନତା ସଂଗ୍ରାମୀ ଏବଂ ସାହସୀ ସୈନିକଙ୍କ ସାହସ, ତ୍ୟାଗ ଏବଂ ନିଃସ୍ୱାର୍ଥପର ସେବା ପାଇଁ ଦେଶ ସର୍ବଦା ଋଣୀ ରହିବ ଏହି ଅବସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜନ୍ମସ୍ଥାନ ସଂଗ୍ରହାଳୟ ଉପରେ ଏକ ସ୍ୱତନ୍ତ୍ର ପ୍ରଚ୍ଛଦକୁ ମଧ୍ୟ ଉନ୍ମୋଚନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଗୋ-ମାଫିଆଙ୍କ ଆକାଉଣ୍ଟ ସିଜ୍

**ଧର୍ମଶାଳା, ୨୩।୧ (ନି.ପ୍ର):** କେନ୍ଦୁଝର, ଭଦ୍ରକ ଓ ମୟୁରଭଞ୍ଜ ସମେତ ଯାଜପୁର ଜିଲାରେ ଶନିବାର ଦିନ ଭୋର ସମୟରେ ଗୋରୁ -ମାଫିଆଙ୍କର ବିଭିନ୍ନ ଠିକଣାରେ କେନ୍ଦୁଝର ପୁଲିସ ଚଢଉ କରିଥିଲା। ଏକକାଳୀନ ୪୬ଟି ସ୍ଥାନରେ ଚାଲିଥିଲା ତଲାସୀ। ଦାମୀ ଗାଡି, ସୁନା ରୂପା ଅଳଙ୍କାର, ନଗଦ କୋଟି କୋଟି ଟଙ୍କା ଜବତ କରିଥିଲା। ଏହି ଘଟଣାରେ ୧୦ ଜଣଙ୍କୁ ଗିରଫ କରିଥିଲା ପୁଲିସ। ଏହି କ୍ରମରେ ଯାଜପୁର ସଦର ଥାନା ଅନ୍ତର୍ଗତ ଜମଧର ପଂଚାୟତ ପାଣ୍ଡିଆ ଗୋପୀନାଥପୁର ଗ୍ରାମର ସେଖ୍ ସରିଫଙ୍କ ଘରେ ଚଢଉ ହୋଇଥିଲା। ସରିଫଙ୍କ ଘରୁ ଗୋରୁ ଚାଲାଣ ପାଇଁ ବ୍ୟବହୃତ ୩ଟି କଂଟେନର ସହ ଦାମୀ ଗାଡି, ସୁନାରୂପା ଗହଣା ଜବତ ହୋଇଥିଲା। ଏହି ଚଢଉ ଫଳରେ ଗୋ-ମାଫିଆ ଶିବିରରେ ଚଡକ ପଡିଥିଲା। ଯାହାକୁ ନେଇ ଜିଲାରେ ଚର୍ଚ୍ଚା ଜୋର ଧରିଥିଲା। ତେବେ ସେହି ଦିନଠାରୁ ପୁଲିସର ଚଢଉ ଜାରି ରହିଥିଲା।

# ସବୁ ଜିଲ୍ଲାକୁ ଅଭିବୃଦ୍ଧିର ଇଂଜିନ କରିବାକୁ ଜିଲ୍ଲାପାଳଙ୍କୁ ପରାମର୍ଶ

**ଭୁବନେଶ୍ୱର, ୨୩।୧ (ନି.ପ୍ର):** ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଆଜି ରାଜ୍ୟର ସମସ୍ତ ଜିଲ୍ଲାପାଳମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଗର୍ଗ ବିଭିନ୍ନ ବିଭାଗର ସଚିବଙ୍କ ଉପସ୍ଥିତିରେ ଜିଲ୍ଲାପାଳମାନଙ୍କ ସହିତ ଆଲୋଚନା କରିଥିଲେ। ସମସ୍ତ ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ।

ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ କହିଥିଲେ ଯେ, ଜିଲ୍ଲାପାଳମାନେ ଜିଲ୍ଲାର ନିୟମିତ କାର୍ଯ୍ୟ କରନ୍ତୁ। କିନ୍ତୁ ଯେଉଁ ସବୁ ଉନ୍ନୟନମୂଳକ ବୃହତ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି, ସେସବୁ କାର୍ଯ୍ୟ ଅଗ୍ରଗତି ତଦାରଖ କରନ୍ତୁ ଓଡ଼ିଶା ଭିଜନ କୁ ଦୃଷ୍ଟିରେ ରଖି ପ୍ରତି ଜିଲ୍ଲାମାନଙ୍କୁ ଅର୍ଥନୈତିକ ଅଂଚଳ ଓ ଅଭିବୃଦ୍ଧିର ଇଂଜିନ୍ ହେବାକୁ ଜିଲ୍ଲାପାଳମାନେ ସେହି ଅନୁସାରେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ତଦାରଖ କରିବା ସହିତ ଜିଲ୍ଲାର ପ୍ରମୁଖ ୨୫ ଟି ପ୍ରକଳ୍ପକୁ ଚିହ୍ନଟ କରି ତାହାର କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି। ବିଶେଷ କରି ବୃହତ୍ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ କଡ଼ାକଡ଼ି ଭାବେ ସମୀକ୍ଷା କରିବା ଏବଂ ସଚିବମାନେ ସେମାନଙ୍କର ଜିଲ୍ଲା ଗସ୍ତ ସମୟରେ ସେସବୁକୁ ଗୁରୁ ଦେଇ ତଦାରଖ କରିବାକୁ ବୈଠକରେ ପରାମର୍ଶ ଦେଇଥିଲେ।

ପୂର୍ବ ନିର୍ଦ୍ଦେଶିତ ଅନୁଯାୟୀ ଏଣିକି ମାସର ପ୍ରତି ୧୬ ତାରିଖରେ ଜିଲ୍ଲାପାଳମାନଙ୍କ ସହିତ ବୈଠକ ହେବ ଏହା ସୋମବାର କିମ୍ବା ଛୁଟି ଦିବସ ହୋଇଥିଲେ ପରବର୍ତ୍ତୀ ଦିନ ୧୭ ତାରିଖରେ ବୈଠକ ହେବ ବୋଲି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂ ବୈଠକରେ ଯୋଗଦେଇ ସୂଚନା ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ବିଭିନ୍ନ ଜିଲ୍ଲାରେ ଶିଳ୍ପର ବିକାଶ ପାଇଁ ପଦକ୍ଷେପ ନିଆଯାଇଥିବାରୁ କ୍ଷେତ୍ରସ୍ତରରେ। କାର୍ଯ୍ୟରତ ଅଧିକାରୀମାନେ ଏଥିପାଇଁ ଆନୁଷଙ୍ଗିକ ସହଯୋଗ ଓ ସୁବିଧା କରିବାକୁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ଜିଲ୍ଲାପାଳମାନଙ୍କୁ ପ୍ରତି ମାସରେ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟକ୍ରମ ସମୀକ୍ଷା, ଶିଶୁ, ମାତୃ ମୃତ୍ୟୁହାର ରୋକିବା ଦିଗରେ ପଦକ୍ଷେପ ନେବା, ବିଭିନ୍ନ ଜିଲ୍ଲା ଡାକ୍ତର ଖାନାର ଚିକିତ୍ସା ବ୍ୟବସ୍ଥା ସମୀକ୍ଷା କରିବାକୁ ପରାମର୍ଶ ଦିଆଯାଇଛି।

ବୈଠକରେ ଜିଲ୍ଲା ଖଣିଜ ପାଣ୍ଠିର ପରିଚାଳନା ସଂପର୍କରେ ଉନ୍ନୟନ କମିଶନର ଆଲୋଚନା କରିଥିଲେ। ବିଭିନ୍ନ ଜିଲ୍ଲାରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଏବଂ ପ୍ଲାନେଟୋରିୟମ୍ ପ୍ରକଳ୍ପ ସ୍ଥାପନ ନେଇ କାର୍ଯ୍ୟ ଅଗ୍ରଗତି ଏବଂ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସହାୟତା ପ୍ରଦାନ ସଂପର୍କରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମଙ୍କ ଉପସ୍ଥିତିରେ ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରାଯାଇଥିଲା ।ବୈଠକରେ ପି.ଏମ୍.ସୂର୍ଯ୍ୟଘର ମୁଫତ୍ ବିଜ୍‌ଲୀ ଯୋଜନାର କାର୍ଯ୍ୟକାରିତା ବୃଦ୍ଧି କରିବାରେ ବ୍ୟାପକ ସଚେତନତା ସୃଷ୍ଟି ନେଇ ଆଲୋଚନା କରାଯାଇଛି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସହରାଞ୍ଚଳରେ ସୁଲଭ ହାଉସିଂ ପ୍ରକଳ୍ପ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା- ସହରାଞ୍ଚଳ ୨.୦, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଖାଲ ଖମା ମୁକ୍ତ ସହରାଞ୍ଚଳ ରାସ୍ତା ନିର୍ମାଣ ସଂପର୍କରେ ଆଲୋଚନା ହୋଇଛି।

ଜିଲ୍ଲାରେ ସମସ୍ତ ୩୧୪ ବ୍ଲକରେ ଖେଳ ପଡ଼ିଆ ନିର୍ମାଣ ନେଇ ସ୍ଥିତି ସମୀକ୍ଷା କରାଯାଇଥିଲା। ଯେଉଁଠି ଏ ନେଇ ଜମି ସମସ୍ୟା ରହିଛି ରାଜସ୍ୱ ବିଭାଗ ପକ୍ଷରୁ ଜାନୁଆରୀ ୩୧ ତାରିଖ ସୁଦ୍ଧା ଜମି ବ୍ୟବସ୍ଥା ପାଇଁ କାର୍ଯ୍ୟାନୁଷ୍ଠାନ ନେବାକୁ ଉନ୍ନୟନ କମିଶନର ତଥା ରାଜସ୍ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।ବୈଠକରେ ବିଭିନ୍ନ ଜିଲ୍ଲାରେ ଧାନ ସଂଗ୍ରହ, ଧାନ ସଂରକ୍ଷଣ ପାଇଁ ଅଧିକ ଗୋଦାମ ଘର ନିର୍ମାଣ , ଇ-କେଓ୍ୱାଇସି ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ସଂପର୍କରେ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ ଆଲୋଚନା କରିଥିଲେ । ସେହିପରି ମହିଳା ଓ ଶିଶୁ ବିକାଶ ବିଭାଗ ସମେତ ଅନ୍ୟ ବିଭିନ୍ନ ବିଭାଗର ସଚିବମାନେ ଯୋଗଦେଇ ଜିଲ୍ଲାସ୍ତରରେ ଜିଲ୍ଲାପାଳମାନଙ୍କର ରହୁଥିବା କାର୍ଯ୍ୟ ଓ ତଦାରଖ ଭୂମିକା ସଂପର୍କରେ ଆଲୋଚନା କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ।

# ସଂସ୍କୃତି ଓ ପରମ୍ପରା ଜାଣିବା ଶିକ୍ଷାର ଅବିଚ୍ଛେଦ୍ୟ ଅଙ୍ଗ : ଧର୍ମେନ୍ଦ୍ର

**ଢେଙ୍କାନାଳ, ୨୩।୧ (ନି.ପ୍ର):** ଶିକ୍ଷା କେବଳ ବହି ଭିତରେ ସୀମିତ ନୁହେଁ ଆମର ପରମ୍ପରା, ଲୋକକଳା ଏବଂ ସାଂସ୍କୃତିକ ମୂଲ୍ୟବୋଧ ବିଷୟରେ ଜାଣିବା ମଧ୍ୟ ଶିକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ୧୮ତମ ଢେଙ୍କାନାଳ ଜିଲ୍ଲା ମହୋତ୍ସବ-୨୦୨୬ ଅବସରରେ ଏକ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ।



ଢେଙ୍କାନାଳ ମହୋତ୍ସବ କଳା, ସଂସ୍କୃତି ଏବଂ ସ୍ୱାଭିମାନର ଜ୍ୱଳନ୍ତ ଉଦାହରଣ

୨୦୨୬ରୁ ହିଁ 'ବିକଶିତ ଓଡ଼ିଶା' ଗଠନ ପାଇଁ ପ୍ରୟାସ ଆରମ୍ଭ କରିବା

ଏହି ମହୋତ୍ସବର ଶୁଭେଚ୍ଛା ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଢେଙ୍କାନାଳ କେବଳ ଏକ ଜିଲ୍ଲା ନୁହେଁ, ଏହା ହେଉଛି ବୀର୍ ଓ ସଂସ୍କୃତିର ଏକ ପବିତ୍ର ଭୂମି ଭାରତର ସର୍ବକନିଷ୍ଠ ଶହୀଦ ବୀର ବାଜି ରାଉତ, ସ୍ୱାଧୀନତା ସଂଗ୍ରାମୀ ବୈଷ୍ଣବ ଚରଣ ପଟ୍ଟନାୟକ, 'ଗଡ଼ଜାତ ଗାନ୍ଧୀ' ସାରଙ୍ଗଧର ଦାସ, ମହେଶ ଚନ୍ଦ୍ର ସୁବାହୁ ସିଂ, ମୃଷା ମଲ୍ଲିକ, ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ ଓ ବିଶିଷ୍ଟ କବି ବ୍ରଜନାଥ ବଡ଼ଜେନାଙ୍କ ଭଳି ମହାନ୍ ବ୍ୟକ୍ତିମାନେ ଏହି ମାଟିକୁ ଗୌରବାନ୍ୱିତ କରିଛନ୍ତି କପିଳାସର ଶିବଲୋକ ଠାରୁ ଆରମ୍ଭ କରି - ମହିମା ଧର୍ମର ପ୍ରଚାର ପୀଠ ଯୋରନ୍ଦା ଏବଂ ସପ୍ତଶଯ୍ୟାର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟନ୍ତ, ଏହି ମାଟିର ପ୍ରତିଟି ଧୂଳିକଣାରେ ଇତିହାସ ଜୀବନ୍ତ। ସେହି ଜିଲ୍ଲାରେ ଆୟୋଜିତ ଏହି ମହୋତ୍ସବ ଓଡ଼ିଶାର କଳା, ସଂସ୍କୃତି ଏବଂ ସ୍ୱାଭିମାନର ଏକ ଜ୍ୱଳନ୍ତ ଉଦାହରଣ।କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଡବଲ ଇଞ୍ଜିନ ସରକାରର ପ୍ରୟାସରେ ଆଜିର ଢେଙ୍କାନାଳ ଶିଳ୍ପ ଓ ଭିତ୍ତିଭୂମି କ୍ଷେତ୍ରରେ ସମଗ୍ର ଦେଶରେ ନୂତନ ପରିଚୟ ସୃଷ୍ଟି କରୁଛି ଜିଲ୍ଲାର ଯୁବପିଢ଼ିଙ୍କ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହିତ କରିବା ପାଇଁ ୧୨୦ କୋଟି ଟଙ୍କା ବ୍ୟୟରେ ବାଜି ରାଉତ ରିଜିଓନାଲ ସ୍ପୋର୍ଟ୍ସ ହବ୍ ଏବଂ ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ ୧୨୦୦ କୋଟି ଟଙ୍କାର ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। କାମାକ୍ଷାନଗର ଓ ହିନ୍ଦୋଳରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଦ୍ୱାରା ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ପୂରଣ ହେବା ସହ ଏକ 'ବିକଶିତ ଢେଙ୍କାନାଳ' ଗଠନ ଦିଗରେ ଏହା ସହାୟକ ହେବ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଛନ୍ତି। ଶିକ୍ଷା କ୍ଷେତ୍ର ଉପରେ ଗୁରୁତ୍ୱ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ 'ମାତୃଭାଷା' ମାଧ୍ୟମରେ ଶିକ୍ଷାଦାନ ଉପରେ ଗୁରୁ ଦିଆଯାଉଛି, ଯାହା ଶିଶୁର ବୌଦ୍ଧିକ ବିକାଶରେ ସହାୟକ ହେବ ଢେଙ୍କାନାଳର ଯୁବସମାଜ କିପରି କେବଳ ଚାକିରି ପଛରେ ନଗୋଡ଼ାଇ ନିଜେ ଜଣେ ଜଣେ 'ଓ୍ୱେଲେଥ୍ କ୍ରିଏଟର' ବା ଉଦ୍ୟୋଗୀ ହୋଇପାରିବେ, ସେଥିପାଇଁ ସରକାର ଦକ୍ଷତା ବିକାଶକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି।ପରିଶେଷରେ କେନ୍ଦ୍ରମନ୍ତ୍ରୀ ଶିଶୁମାନଙ୍କ ଦୂର କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ 'ପୋଷଣ ଅଭିଯାନ'ରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି।ସେ କହିଛନ୍ତି, ଆଜିର ଶିଶୁ ହେଉଛି ଆସନ୍ତାକାଲିର ଭବିଷ୍ୟତ। ଏକ 'ବିକଶିତ ଭାରତ'ର ସ୍ୱପ୍ନ ସେତେବେଳେ ସାର୍ଥକ ହେବ, ଯେତେବେଳେ ଆମର ଆଗାମୀ ପିଢ଼ି ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବେ। ସେଥିପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ 'ପୋଷଣ ଅଭିଯାନ' ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ପିଲାମାନଙ୍କୁ କେବଳ ପାଠ ପଢ଼ାଇଲେ ହେବନି, ସେମାନଙ୍କୁ ସଠିକ୍ ସମୟରେ ପୋଷଣ ଯୁକ୍ତ ଖାଦ୍ୟ ପ୍ରଦାନ କରିବା ଆମ ସମସ୍ତଙ୍କର ସାମାଜିକ ଦାୟିତ୍ୱ ସ୍କୁଲ ଓ ଅଙ୍ଗନବାଡ଼ିର କୋମଳମତି ପିଲାମାନଙ୍କୁ ପୁଷ୍ଟିଯୁକ୍ତ ଫଳ ପ୍ରଦାନ କରି ୨୦୩୬ ସୁଦ୍ଧା 'ବିକଶିତ ଓଡ଼ିଶା' ଗଠନ ପାଇଁ ୨୦୨୬ରୁ ହିଁ ପ୍ରୟାସ ଆରମ୍ଭ କରିବାକୁ ସେ ଅନୁରୋଧ କରିଛନ୍ତି। ଏକ ସୁସ୍ଥ ଶିଶୁ ହିଁ ଶ୍ରେଷ୍ଠ ଓଡ଼ିଶା ଓ ଶ୍ରେଷ୍ଠ ଭାରତ ଗଠନ କରିପାରିବ ବୋଲି ସେ ନିଜ ଭିଡ଼ିଓ ବାର୍ତ୍ତାରେ କହିଛନ୍ତି।

## ବସ୍ ଧର୍ମଘଟ ଡାକର ପ୍ରତ୍ୟାହୃତ

ଭୁବନେଶ୍ୱର, ୨୩।୧ : ବସ୍ ଧର୍ମଘଟ ଡାକରା ପ୍ରତ୍ୟାହୃତ ଶନିବାର ଠାରୁ ବସ୍ ଧର୍ମଘଟ ଡାକରା ଦେଇଥିଲା ଘରୋଇ ବସ୍ ମାଲିକ ସଂଘ ମାଲିକ ସଂଘ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଗୁରୁବାର ସରକାରଙ୍କ ସହିତ ଆଲୋଚନା ସଫଳ ହୋଇଥିଲା ବିଭିନ୍ନ ଜିଲାର ଜିଲାପାଳମାନେ ମୁଖ୍ୟମନ୍ତ୍ରୀ ବସ୍ ସେବାକୁ ଜିଲା ସଦର ମହକୁମାକୁ ଚଳାଇବା ନିଷ୍ପତ୍ତିକୁ ଜିଲା ଘରୋଇ ବସ ମାଲିକ ସଂଘ ବିରୋଧ କରିଥିଲା ଯାହାକୁ ନେଇ ଗଲା ୭ ଦିନ ଧରି ବିଭିନ୍ନ ଜିଲାରେ ଏକ ଅଚଳାବସ୍ଥା ସୃଷ୍ଟି ହୋଇଥିଲା ଶୁକ୍ରବାର ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ, ପରିବହନ ସଚିବ ଓ ପରିବହନ କମିଶନରଙ୍କ ସହିତ ଘରୋଇ ବସ ମାଲିକ ସଙ୍ଘର ଆଲୋଚନା ହୋଇଥିଲା ଆଲୋଚନା ପରେ ବସ ଧର୍ମଘଟରୁ ଓହରିବ ବୋଲି ସଙ୍ଘ ନିଷ୍ପତ୍ତି ନେଇଛି ।

# ଉଡାବାଲି ଦ୍ୱୀପରେ ଉଡ଼ିଲା ଜାତୀୟ ପତାକା

**ଭୁବନେଶ୍ୱର, ୨୩।୧ (ନି.ପ୍ର):** ୭୭ତମ ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଓଡ଼ିଶା ପୋଲିସ ପକ୍ଷରୁ ଗୁରୁବାର ଦିନ ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଧାମରା ବନ୍ଦର ନିକଟସ୍ଥ ଜନବସତି ବିହୀନ ଉଡାବାଲି ଦ୍ୱୀପରେ ଜାତୀୟ ପତାକା ଉତୋଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।



ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତୋଳନ କରିବା ସହ ଦେଶର ଉପକୂଳ ସୁରକ୍ଷାରେ ନିରନ୍ତର ସେବା ଯୋଗାଉଥିବା ସୁରକ୍ଷା ବାହିନୀଙ୍କ ସାହସ, ତ୍ୟାଗ ଓ କର୍ତବ୍ୟନିଷ୍ଠା ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ଏହି ଅବସରରେ ସମୁଦ୍ର ତଟ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସଶକ୍ତ ଓ ଆଧୁନିକ କରିବା ପାଇଁ ଓଡ଼ିଶା ପୋଲିସ ତରଫରୁ ଦୀର୍ଘମିଆଦି ଯୋଜନା ଆରମ୍ଭ କରାଯାଇଛି ବୋଲି ଡିଜିପି ସୂଚନା ଦେଇଥିଲେ । ଏଥି ନିମନ୍ତେ ଚଳିତ ବର୍ଷ ରାଜ୍ୟ ସରକାର ବାର୍ଷିକ ବଜେଟରେ ୧୪୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି କହିଥିଲେ। ଉକ୍ତ ଅର୍ଥରାଶିକୁ ବିନିଯୋଗ କରି ସାମୁଦ୍ରିକ ପାଟ୍ରୋଲିଂ ପାଇଁ ଯନ୍ତ୍ର ଚାଳିତ ବୋଟ, ଟ୍ରଲର, ପ୍ରତ୍ୟେକ ସାମୁଦ୍ରିକ ଥାନା ପାଇଁ ଡ୍ରୋନ, ନୌସେନା ବିଶେଷଜ୍ଞ ଓ ବୈଷୟିକ ପରାମର୍ଶଦାତାଙ୍କୁ ନିୟୋଜନ, ମାଛ ଧରା ଅବତରଣ କେନ୍ଦ୍ରରେ ସ୍ୱତନ୍ତ୍ର ସାମୁଦ୍ରିକ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରିବା ଏବଂ ସମସ୍ତ ସାମୁଦ୍ରିକ ଥାନା ଗୁଡିକରେ କମ୍ୟୁନିଟି ପୋଲିସିଂ ଭଳି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି ବୋଲି ସେ କହିଥିଲେ । ଏହା ସହିତ ମାଛ ଧରା କେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ସ୍ଥାପନ କରାଯିବା ସହ ସାମୁଦ୍ରିକ ପୋଲିସ ଥାନାଗୁଡିକରେ ନିୟନ୍ତ୍ରଣ କେନ୍ଦ୍ର ପ୍ରତିଷ୍ଠା କରିବାକୁ ପଦକ୍ଷେପ ନିଆଯାଉଛି । ଏହି ସମସ୍ତ ବ୍ୟବସ୍ଥାକୁ ଭୁବନେଶ୍ୱରର ଏକ ଅତ୍ୟାଧୁନିକ କମାଣ୍ଡ ଓ କଣ୍ଟ୍ରୋଲ ସେଣ୍ଟର ସହ ଯୋଡ଼ାଯିବ ଏବଂ ଆଗାମୀ ଦିନରେ ଏହା ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଡିଜିପି କହିଥିଲେ । ଉପକୂଳ ସୁରକ୍ଷାକୁ ସଶକ୍ତ କରିବାକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିବାରୁ ସେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ପ୍ରକାଶ କରିଥିଲେ। ଜନବସତି ବିହୀନ ଉପକୂଳ ଦ୍ୱୀପଗୁଡ଼ିକରେ ଜାତୀୟ ପତାକା ଉତୋଳନ କରାଯିବା ମାଧ୍ୟମରେ ଦେଶର ଭୂମି, ସମୁଦ୍ର ଓ ସମ୍ପ୍ରଭୁତା ପ୍ରତି ଓଡ଼ିଶା ପୋଲିସର ଅତୁଟ ସଙ୍କଳ୍ପ ଓ ଦୃଢ଼ ଆସ୍ଥା ପ୍ରତିବିମ୍ବିତ ହେଉଛି। ଏହା ସହିତ ଓଡ଼ିଶା ପୋଲିସର ଉପକୂଳ ସୁରକ୍ଷା ପ୍ରତି ଅତୁଟ ସଂକଳ୍ପକୁ ଏହି ପଦକ୍ଷେପ ପ୍ରତିବିମ୍ବିତ କରୁଛି ବୋଲି ଡିଜିପି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି।

## ୭ମହିଳା କ୍ୟାଡରଙ୍କ ସମେତ ଆତ୍ମସମର୍ପଣ କଲେ ୯ମାଓବାଦୀ

ରାଇଘର ୨୩।୧ (ନି.ପ୍ର) ନବରଙ୍ଗପୁରଜିଲ୍ଲା ରାଇଘର ସୀମାନ୍ତ ଛତିଶଗଡ଼ର ଅନ୍ତର୍ଗତ ଧମତରୀ ଜିଲ୍ଲା ପୁଲିସକୁ ମିଳିଛି ସଫଳତା ନକ୍ସଲ ପ୍ରଭାବିତ ଅ□ଳରୁ ଧମତରୀ ଜିଲ୍ଲାରେ ନକ୍ସଲବାଦୀଙ୍କ ଏକ ବଡ଼ ଗୋଷ୍ଠୀ ଆତ୍ମସମର୍ପଣ କରିଛି, ଯେଉଁଥିରେ ୯ କୁଖ୍ୟାତ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୭ମହିଳା କ୍ୟାଡର ରହିଛନ୍ତି ।ସୁରକ୍ଷା ଏଜେନ୍ସିଗୁଡ଼ିକ ନକ୍ସଲବାଦ ବିରୁଦ୍ଧରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରୁଥିବା ସୂଚନା ଦେଇଛି । ସୂଚନା ଅନୁଯାୟୀ ସମସ୍ତ ନକ୍ସଲ ରାୟପୁର ରେଞ୍ଜର ପୁଲିସ ମହାନିରୀକ୍ଷକ (ଆଇଜି) ଏବଂ ବରିଷ୍ଠ ପୁଲିସ ଅଧିକାରୀଙ୍କ ସମ୍ମୁଖରେ ସେମାନଙ୍କର ଅସ୍ତ୍ରଶସ୍ତ୍ର ସହିତ ଆତ୍ମସମର୍ପଣ କରିଛନ୍ତି ଆତ୍ମସମର୍ପଣକାରୀ ନକ୍ସଲଙ୍କ ସଂଖ୍ୟା ମଧ୍ୟରୁ ମହିଳା ନକ୍ସଲଙ୍କ ସଂଖ୍ୟା ଅଧିକ ରହିଛି ଏହି ନକ୍ସଲମାନେ ଦୀର୍ଘ ସମୟ ଧରି ସକ୍ରିୟ ଥିଲେ ଏବଂ ଅନେକ ଘଟଣାରେ ଜଡିତ ରହିଥିଲେ ସୁରକ୍ଷା ବାହିନୀ ଉପରେ ଆକ୍ରମଣ, ରାସ୍ତା ନିର୍ମାଣ ପ୍ରକଳ୍ପରେ ବାଧାଦେବା, ଧମକ ଏବଂ ବିସ୍ଫୋରଣ ଭଳି ଘଟଣାରେ ସେମାନଙ୍କର ଭୂମିକା ରହିଥିଲା ।

# ମରୁଡ଼ି ପ୍ରଶମନ ପ୍ରକଳ୍ପର ଶୁଭାରମ୍ଭ ପାଇଁ ବୁଝାମଣା

**ଭୁବନେଶ୍ୱର, ୨୩।୧ (ନି.ପ୍ର):** ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଜାତୀୟ ମରୁଡ଼ି ପ୍ରଶମନ ପ୍ରକଳ୍ପ ଅନ୍ତର୍ଗତ 'ଓଡିଶା କୃଷି ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମ ' ଉପରେ ଏନଡିଏମଏ ଓ ଓସଡମା ସହାୟତା ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ମାଧ୍ୟମରେ ପାଣ୍ଠି ଯୋଗାଇବା ପାଇଁ ବୁଝାମଣା ସ୍ୱାକ୍ଷର ହୋଇଛି । ଏହି ପ୍ରକଳ୍ପରେ ମୋଟ୍ ୧୪୧.୫୦ କୋଟି ଟଙ୍କାର ବ୍ୟୟ ନିର୍ଦ୍ଧାରଣ କରାଯାଇଛି, ଯାହାକି ଜାତୀୟ ବିପର୍ଯ୍ୟୟ ପ୍ରଶମନ ସଂସ୍ଥା ଏବଂ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ସହଭାଗିତା ଅଂଶଧନରେ ବ୍ୟବସ୍ଥିତ କରାଯାଇଛି ।

ଏହି ପ୍ରକଳ୍ପ ଯୋଜନା ଅନୁଯାୟୀ କାର୍ଯ୍ୟକାରୀ ହେବାକୁ ଥିବା ସଂଶୋଧନସବୁ ପ୍ରଥମେ ଭୂଦୃଶ୍ୟ ଏବଂ ସମ୍ମତି ମଡେଲକୁ ଅନୁସରଣ କରିବ । ଚାଷ ଜମିରୁ ଭୂଦୃଶ୍ୟ ପର୍ଯ୍ୟନ୍ତ ମୂଲ୍ୟଶୃଙ୍ଖଳ କାର୍ଯ୍ୟକ୍ରମର ଯୋଜନା କରାଯାଇଛି । ଏହା ଦ୍ୱାରା ଜଳ, ମାଟି, ଫସଲ ଏବଂ ମୂଲ୍ୟଶୃଙ୍ଖଳ ସୁଦୃଢ଼ ହୋଇପାରିବ । ପ୍ରତ୍ୟେକ ପଦକ୍ଷେପଗୁଡିକ ବ୍ଲକ ଗ୍ରାମଗୁଡିକର ଏକ ପୁଞ୍ଜି ଭାବରେ କାର୍ଯ୍ୟ କରିବ, ଯାହାଦ୍ୱାରା ଏହାର ସୁଫଳ କୃଷକମାନଙ୍କ ପାଖରେ ପହଞ୍ଚିପାରିବ। ଏକ ସରଳ ଡିଜିଟାଲ୍ ଡ୍ୟାସବୋର୍ଡ ଦ୍ୱାରା ଗ୍ରାମରୁ ରାଜ୍ୟ ପର୍ଯ୍ୟନ୍ତ ପ୍ରଗତି ଟ୍ରାକ୍ କରାଯିବା ସହ ସ୍ୱଚ୍ଛତା ଏବଂ ସମୟୋଚିତ କାର୍ଯ୍ୟ ସୁନିଶ୍ଚିତ କରାଯାଇପାରିବ । ରାଜ୍ୟ ଏବଂ କେନ୍ଦ୍ରୀୟ ଯୋଜନା ସହିତ ସମନ୍ୱୟ ମାଧ୍ୟମରେ ଏହି ପ୍ରକଳ୍ପ କୋମନା ବ୍ଲକ (ନୂଆପଡା), କୋଷାଗୁମୁଡା ବ୍ଲକ (ନବରଙ୍ଗପୁର) ଏବଂ ରରୁଆଁ ବ୍ଲକ (ମୟୂରଭଞ୍ଜ) ରେ ଆରମ୍ଭ ହେବ, ଯାହା ପ୍ରତ୍ୟକ୍ଷ ଭାବରେ ପ୍ରାୟ ୨୪,୦୦୦ ପରିବାର ନିକଟରେ ପହଞ୍ଚିପାରିବ। ଚାଷୀମାନେ ଉତ୍ତମ ଆର୍ଦ୍ରତା ପରିଚାଳନା ଏବଂ ସମୟାନୁସାରେ ବିହନ, ସମ୍ପ୍ରଦାୟମାନଙ୍କ ଦ୍ୱାରା ରକ୍ଷଣାବେକ୍ଷଣ ସହିତ ବଣ୍ଟିତ ପୁନଃ ପରିପୂର୍ଣ୍ଣ ମାଧ୍ୟମରେ ଦୃଢ଼ ଜଳ ସୁରକ୍ଷା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଓ କୃଷକ ଉତ୍ପାଦକ ସଂଗଠନମାନଙ୍କୁ ଇନପୁଟ୍, ଯାନ୍ତ୍ରିକୀକରଣ ଏବଂ ବଜାରରେ ପ୍ରବେଶ ପାଇବା ସହିତ ଅଧିକ ରୋଜଗାର ମାଧ୍ୟମରେ ସ୍ଥିର ଅମଳ ଏବଂ ଶୀଘ୍ର ବଢୁଥିବା ଫସଲ ଉପଲବ୍ଧ କରିପାରିବେ । ସ୍ୱଚ୍ଛତା ସୁନିଶ୍ଚିତ କରିବା ଏବଂ ଜିଲ୍ଲାଗୁଡ଼ିକରେ ଏହାର ବ୍ୟାପକୀକରଣ କରିବା ପାଇଁ ଏକ ସଂକ୍ଷିପ୍ତ, ମାନକ ସୂଚକାଙ୍କ, ଅମଳ, ଫସଲ ତୀବ୍ରତା, ଜଳ ଉପଲବ୍ଧତା, ଉନ୍ନତ ଅଭ୍ୟାସ ଗ୍ରହଣ ଏବଂ ପରିବାର ଆୟ ଓ ପୁଷ୍ଟି ଉପରେ ପ୍ରଭାବକୁ ନିରୀକ୍ଷଣ କରିପାରିବ ।

ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ଶକ୍ତି ବିଭାଗ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢୀ, ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କମଳ ଲୋଚନ ମିଶ୍ରଙ୍କ ସଦୟ ଉପସ୍ଥିତିରେ ବୁଝାମଣା ପତ୍ରରେ ସ୍ୱାକ୍ଷର ହୋଇଥିଲା ।



# ତ୍ରୟୋବିଂଶତମ ବଲାଙ୍ଗିର ଲୋକ ଉତ୍ସବର ଚତୁର୍ଥ ସନ୍ଧ୍ୟା



**ବଲାଙ୍ଗିର,୨୩।୧:(ମନ୍ଥନ)**ସ୍ଥାନୀୟ କୋଶଳ କଳା ମଣ୍ଡପରେ ଆୟୋଜିତ ତ୍ରୟୋବିଂଶତମ ବଲାଙ୍ଗିର ଲୋକ ଉତ୍ସବର ଚତୁର୍ଥ ସନ୍ଧ୍ୟା ଖୁବ୍ ସୁନ୍ଦର ଭାବେ ଆୟୋଜିତ ହୋଇଥିଲା । ଆଜି ସକାଳେ ଜୟଦେବ କଳାସଂସଦ, ବଲାଙ୍ଗିର ଦ୍ୱାରା ନୂତନ ମଞ୍ଚଠାରେ ଭକ୍ତିସଂଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପୁରୁଣା ମଞ୍ଚରେ ଜିଲ୍ଲାସ୍ତରୀୟ ଲୋକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଧନେଶ୍ୱର ତାଣ୍ଡି, ଚୈତନ୍ୟ ମଟାରୀ ଏବଂ ଶାନ୍ତାନୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାସ୍ତରୀୟ ଦଳୀୟ ପ୍ରତିଯୋଗିତାରେ ଘୁଙ୍ଗୁରୁ କଳାପରିଷଦ, ପୁଇଁତଲା, ବୁଢ଼ାଦେଓ, କରମଶାନୀ ଦଳ, ବଲାଙ୍ଗିର, ମାହେଶ୍ୱରୀ ନଚନିଆଦ, ଦେଓଗାଁ, କରମା ଦଳ, ବୁରୋମାଲ, କୃଷ୍ଣଗୁରୁ ଦଳ ସଲେପାଲି, କଳଙ୍ଗା ନୃତ୍ୟ, ପତରାପାଲି, ମାଁ ହରଚଣ୍ଡୀ ଡାପ ବଙ୍ଗୋମୁଣ୍ଡା, ଚଣ୍ଡୀ ସମଲାଇ ଗଉଡ ବାଡି, ଟିଟିଲାଗଡ ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିଥିଲେ । ସନ୍ଧ୍ୟା କାର୍ଯ୍ୟକ୍ରମରେ ଲୋକଉତ୍ସବ ସାଂସ୍କୃତିକ କମିଟି ଆନୁକୂଲ୍ୟରେ ଆକାଶବାଣୀ କଳାକାରଙ୍କ ଦ୍ୱାରା ଲୋକ ସଂଗୀତ ବିଚିତ୍ରା ନୂତନ ମଞ୍ଚରେ ଅନୁଷ୍ଠିତ ହୋଇଥିଲା । ଶ୍ରୀ ତରଣି ସୁନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବଲାଙ୍ଗିରଙ୍କ ସଭାପତିତ୍ୱରେ ଆଜିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଶ୍ରୀ ଲକ୍ଷ୍ମଣ ବାଗ ମଞ୍ଚାସୀନ ଥିଲେ । ସମ୍ମାନିତ ଅତିଥି ଭାବେ ବଲାଙ୍ଗିରର ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ବିଜୟାନନ୍ଦ ସେଠୀ(ଓ.ପ୍ର.ସେ), ସେମିନାର କମିଟି ଅଧ୍ୟକ୍ଷ ଶ୍ରୀ ପରାଶର ବାଗ, ଖାଦ୍ୟ ଓ ଆବାସ କମିଟି ସହ ଅଧ୍ୟକ୍ଷ ଶ୍ରୀ ସୋମନାଥ ମିଶ୍ର, ଅର୍ଥ କମିଟି ସହ ଅଧ୍ୟକ୍ଷ ଶ୍ରୀ ଗୋପାଳଜୀ ପାଣିଗ୍ରାହୀ ମଞ୍ଚାସୀନ ଥିଲେ । ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ସହ ଚତୁର୍ଥ ଦିବସର ଶୁଭ ଉଦଘାଟନ କରାଯାଇଥିଲା । ଟିଟିଲାଗଡ ଲିମପଡ଼ାର ବରିଷ୍ଠ କଳାକାର ଶ୍ରୀ ସୁଦର୍ଶନ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଲୋକଉତ୍ସବ ପଶ୍ଚିମ ଓଡ଼ିଶାର ସବୁଠୁ ବଡ ଉତ୍ସବ, ଏହା କେବଳ କଳା ପ୍ରଦର୍ଶନର ମଞ୍ଚ ନୁହଁ ବରଂ ବଲାଙ୍ଗିର ଜିଲ୍ଲାର ଆତ୍ମା ବୋଲି କହିଥିଲେ । ମୁଖ୍ୟ ଅତିଥି ବିଧାୟକ ଶ୍ରୀ ବାଗଙ୍କ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ ଶ୍ରୀ ସୋମନାଥ ମିଶ୍ରଙ୍କ ଦ୍ୱାରା ହୋଇଥିବାବେଳେ ଅର୍ଥ କମିଟି ସହ ଅଧ୍ୟକ୍ଷ ଶ୍ରୀ ଗୋପାଳଜୀ ପାଣିଗ୍ରାହୀ ସ୍ୱାଗତ ସମ୍ଭାଷଣ ଦେଇଥିଲେ । ସେମିନାର କମିଟି ଅଧ୍ୟକ୍ଷ ଶ୍ରୀ ପରାଶର ବାଗଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା । ଆଜିର ସନ୍ଧ୍ୟା ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମରେ ମହାରାଷ୍ଟ୍ରର ଲାବଣି , ହରିୟଣାର ଘୁମର, ପଶ୍ଚିମବଙ୍ଗର ପୁରୁଲିଆ । ଛଉ, ଉମରକୋଟର ମୋହିନୀ ନାଟ୍ୟମ, କାଶ୍ମୀରର ବଚ୍ଛାନାଗମ, ବଲାଙ୍ଗିରର ପଞ୍ଚମ, ପାଟଣାଗଡ଼ର ଅଭିଲା କଳାପରିଷଦ, ବଲାଙ୍ଗିରର ରାଧାରାଣୀ ସଂସ୍କୃତି ସାଂସଦ, ଝାଡ଼ଖଣ୍ଡର ସରାଇକେଲା ଛଉ, ଟିଟିଲାଗଡର ପାୟଲ ନୃତ୍ୟ ଦଳ ପ୍ରମୁଖ ସାଂସ୍କୃତିକ ଦଳ ଲୋକ ଉତ୍ସବର ଚତୁର୍ଥ ରଜନୀରେ ଅଂଶଗ୍ରହଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ ।

# କୁଚିଣ୍ଡାରେ ଦୁଇ ଦିବସୀୟ ବିର୍ସାମୁଣ୍ଡା ହକି ଟୁର୍ଣ୍ଣାମେଣ୍ଟ ଉଦଘାଟିତ

**କୁଚିଣ୍ଡା,୨୩।୧:(ମନ୍ଥନ)**ଆଜି କୁଚିଣ୍ଡା ମୁକୁନ୍ଦି ଖେଳ ପଡ଼ିଆରେ ପୂର୍ବାହ୍ନ ୧୦ ଘଟିକା ସମୟରୁ ଦୁଇ ଦିବସୀୟ ବୀର ବିର୍ସାମୁଣ୍ଡା ହକି ଟୁର୍ଣ୍ଣାମେଣ୍ଟ କୁଚିଣ୍ଡା ଅନୁସୂଚିତ ଜାତି ଓ ଜନ ଜାତି ବିକାଶ ପରିଷଦ ପକ୍ଷରୁ ଆୟୋଜିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ୨୩ ତାରିଖ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଦୀପ କୁମାର ଦାଶ ଯୋଗଦେଇଥିବା ବେଳେ,ସମ୍ମାନିତ ଅତିଥି ଭାବେ କୁଚିଣ୍ଡା ବରିଷ୍ଠ ନାଗରିକ ସଂଘର ସଭାପତି ଧୀରେନ୍ଦ୍ର କୁମାର ମହାନ୍ତି ଏବଂ ଅନ୍ୟାନ୍ୟ ସଦସ୍ୟ ଙ୍କ ସହିତ ମୁଖ୍ୟ ଅତିଥି ଙ୍କ କରକମଳରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସୁବାସ ଚନ୍ଦ୍ର ବୋଷ, ବୀର ସୁରେନ୍ଦ୍ର ସାଏ, ସମ୍ବିଧାନ ପ୍ରଣେତା ଡ଼ଃ ଭୀମରାଓ ଆମ୍ବେଦକର,ବୀର ବିର୍ସା ମୁଣ୍ଡା ଙ୍କ ପ୍ରତିଛବିରେ ମାଲ୍ୟାର୍ପଣ ଓ ଜ୍ୟୋତି ପ୍ରଜ୍ୱଳନ କରିବା ପରେ ଖେଳର ଶୁଭାରମ୍ଭ କରିଥିଲେ।ପ୍ରଥମ ଖେଳ କୁଚିଣ୍ଡା ଓ ଓରାମ ନିକ୍ତିମାଲ ମଧ୍ୟରେ ରେଫରି ସାଉଲ ଲାକଡା ଓ ଶ୍ରୀ ଚିତ୍ତରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଖେଳ ହୋଇଥଲା । ଏଥିରେ ଓରାମ ନିକ୍ତିମାଲ ଦଳ ଟାଇବ୍ରେରେ ଗୋଟିଏ ଗୋଲରେ ବିଜୟୀ ହୋଇଥିଲେ । ଦ୍ୱିତୀୟ ଖେଳ ଝିରିପିଟା ଓ କାଲିଝରଣ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିସାନ ମହୋଦୟଙ୍କ କରକମଳରେ ଶୁଭାରମ୍ଭ ହୋଇଥିଲା । ଏହିପରି ସମୁଦାୟ ଆଠଟି ଦଳ କୁ ନେଇ ପ୍ରଥମ ଦିନରେ ୫ଟି ଖେଳ ଅନୁଷ୍ଠିତ ହୋଇ ଗୋଟିଏ ଦଳ ଫାଇନାଲ କୁ ପହଞ୍ଚିଥିଲେ। ଅନୁସୂଚିତ ଜାତି ଓ ଜନ ଜାତି ବିକାଶ ପରିଷଦ କୁଚିଣ୍ଡା ର ସମ୍ପାଦକ ମନୋରଞ୍ଜନ ଭୋଇ, ସମାଜସେବୀ ଜନ କାର୍ମିଲ ଲାକଡ଼ା,ସୁଜିତ ବୁଢ଼ା,ସେବା ନିବୃତ୍ତ ସେନା ଅଧିକାରୀ ସୁଶୀଲ କିସାନ,ଯୁଧିଷ୍ଠିର କିସାନ,ଏଥିଏଲ କିଣ୍ଡୋ,ସଞ୍ଜୟ ପାତ୍ର ଆଦିଙ୍କ ଏବଂ ସଂଘର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉଦ୍ୟମରେ ଯଥାସାଧ୍ୟ ପ୍ରଚେଷ୍ଟାରେ ଆଜିର ଖେଳ ଆୟୋଜିତ ହେଉଛି । ଝିରପିଟାର ଭାଇ ଭଉଣୀଙ୍କ ସାଂସ୍କୃତିକ ପରିବେଶରେ ଖେଳର ଶୁଭାରମ୍ଭ ହୋଇଥିଲା ।ଖେଳରେ ଅନୁପ ପ୍ରଧାନ ଓ ଚିତ୍ତରଞ୍ଜନ ପ୍ରଧାନ ସୁନ୍ଦରଭାବେ କମେଣ୍ଟ୍ରି କରୁଥିଲେ।



# ଅଭିଜ୍ଞତା ଓ ଅନୁଭୂତିକୁ ସାମାଜିକ କ୍ଷେତ୍ରରେ ବିନିଯୋଗ - ଏକ ପ୍ରକୃଷ୍ଟ ମାର୍ଗ

**ବାରିପଦା,୨୩।୧:(ମନ୍ଥନ)**ମୟୂରଭ ଜିଲ୍ଲାର ଅବସରପ୍ରାପ୍ତ ବିଶ୍ୱବିଦ୍ୟାଳୟ ଓ ବେସରକାରୀ ମହାବିଦ୍ୟାଳୟ ଶିକ୍ଷକ ସଂଘ ଆନୁକୂଲ୍ୟରେ '' ଅଭିଜ୍ଞତା ଓ ଅନୁଭୂତିକୁ ସାମାଜିକ କ୍ଷେତ୍ରରେ ବିନିଯୋଗ - ଏକ ପ୍ରକୃଷ୍ଟ ମାର୍ଗ '' ଶୀର୍ଷକ ଏକ ଆଲୋଚନା ଚକ୍ର ସ୍ଥାନୀୟ ବାରିପଦା ମୁନିସିପାଲିଟି ଜୁବୁଲି ପାର୍କ ପରିସରରେ ସଂଘର ସଭାପତି ଅବସରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀଯୁକ୍ତ ଯତିନ୍ଦ୍ର ନାଥ ବସାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଦିନରେ ସଂଘର ଆଭିମୁଖ୍ୟକୁ ବ୍ୟାପକ ଓ ଲୋକାଭିମୁଖୀ ନିମିତ୍ତ - ସାଧାରଣ



ସମ୍ପାଦକ ଡ. ଗଣେଶ୍ୱର ଭୋଇଙ୍କ ପ୍ରସ୍ତାବକ୍ରମେ ଅଭିଜ୍ଞ ଶିକ୍ଷାବିତ୍ ଡ. ଯୋଗେନ୍ଦ୍ର ନାଥ ପଣ୍ଡା, ଅନୀଲ କୁମାର କର, ପଶୁପତି ନାୟକ, ରବିନାରାୟଣ ଚାଉପଟ୍ଟନାୟକ ଓ ରାମେଶ୍ୱର ସାହୁ ନିଜ ନିଜର ସୁଚିଂତ ମତାମତ ବ୍ୟକ୍ତ କରିଥିଲେ । ବିଭିନ୍ନ ଶିକ୍ଷାନୁଷ୍ଠାନରେ ସୁସ୍ଥ, ଶୈକ୍ଷିକ ବାତାବରଣ ସୃଷ୍ଟି ନିମିତ୍ତ ବିଜ୍ଞ ଶିକ୍ଷାପ୍ରେମୀଙ୍କ ଦୀର୍ଘ ଅନୁଭୂତି ଓ ଜ୍ଞାନ - ସହାୟକ ହେବ । ପରିବେଶ ସଂଳନ ପାଇଁ ସଂଘ ତରଫରୁ ବୃକ୍ଷ ରୋପଣ ସହ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ଅବସରରେ ନୂତନ ବର୍ଷ ପ୍ରାରମ୍ଭରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା ଏବଂ ସହଭୋଜ ପରେ ସଭା ସମାପ୍ତ ହୋଇଥିଲା ।

# ବିଧାୟକଙ୍କ ଜନଶୁଣାଣି ଶିବିର

**ଖଣ୍ଡପଡ଼ା, ୨୩।୧:(ମନ୍ଥନ)** ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ପୂର୍ତ୍ତବିଭାଗ ଡ଼ାକବଙ୍ଗଳା ପରିସରରେ ବିଧାୟକଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନରେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେବା ସହିତ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଶୁଣାଣି କରିଥିଲେ । ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ଟି ପଞ୍ଚାୟତ ଓ ଏନଏସିରୁ ଜନସାଧାରଣ ଉପସ୍ଥିତ ରହିବା ସହିତ ବିଭିନ୍ନ ସମସ୍ୟା ବାବଦରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜନଶୁଣାଣି ଶିବିରରେ ୭୨ଟି ଆପତ୍ତି ଅଭିଯୋଗ ଶୁଣିଥିଲେ ଏବଂ ସେଥିମଧ୍ୟରୁ ୧୧ଟି ସମସ୍ୟା ତୁରନ୍ତ ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ନେଇ ସୂଚନା ମିଳିଛି । ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂହ, ବିଡ଼ିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀ, ଏସଡିପିଓ ମଦନମୋହନ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବହୁବରିଷ୍ଠ ସରକାରୀ ଅଧିକାରୀ ଓ ୨୨ ପଞ୍ଚାୟତର ଜନପ୍ରତିନିଧି ମଧ୍ୟ ଉପସ୍ଥିତ ଥିଲେ ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା

**ବୁଗୁଡ଼ା,୨୩।୧:(ମନ୍ଥନ)**ପବିତ୍ର ମାଘ ଶୁକ୍ଳ ପଞ୍ଚମୀ ତିଥିରେ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର , ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର , ନିୟୁ ଏରା ପବ୍ଲିକ୍ ସ୍କୁଲ , ସାଇ ସରସ୍ୱତୀ ଶିଶୁ ମନ୍ଦିର , ବିରଞ୍ଚି ନାରାୟଣ ପବ୍ଲିକ୍ ସ୍କୁଲ, ଶୋଭନୀୟ ପବ୍ଲିକ୍ ସ୍କୁଲ୍, ପିପୁଲ୍ସ ହାଇସ୍କୁଲ , ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ , ବୁଦ୍ଧଗିରି ବିଦ୍ୟାପୀଠ, ପିପୁଲ୍ସ



କଲେଜ, ଶ୍ରୀ ବଳଦେବଜୀୟୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପିପୁଲ୍ସ କଲେଜ ଓ ବାଲିପଦର କଲେଜ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମା' ବାଗଦେବୀଙ୍କ ପୂଜା ଉତ୍ସବ ପାଳିତ ହୋଇଯାଇଛି ।ଏ ଅବସରରେ କେତେକ ବିଦ୍ୟାଳୟରେ ନୂତନ ଶିଶୁଙ୍କ ବିଦ୍ୟାରମ୍ଭ ମଧ୍ୟ ହୋଇଥିଲା ।

# ଶିଶୁ ମନ୍ଦିରରେ ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ

**ବୁଗୁଡ଼ା,୨୩।୧:(ମନ୍ଥନ)**ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱପରିସରରେ ନେତାଜୀ ସୁବାସ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତହୋଇଯାଇଛି । ପ୍ରଧାନାଚାର୍ଯ୍ୟ ଅଟଳ୍ ଲିଙ୍ଗରାଜଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ପରିଚାଳନା ସମିତି କୋଷାଧକ୍ଷ ତ୍ରିଲୋଚନ ସାହୁ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ସ୍ୱାଧୀନତା ଆନ୍ଦୋଳନରେ ସୁବାସ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ପରାକ୍ରମୀ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଗୁରୁମା ସସ୍ମିତା ରାଉତଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁରୁମା ରଶ୍ମିତା ବେହେରା ସ୍ୱାଧୀନତା ସଂଗ୍ରାମୀ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୀବନୀ ଉପରେ ଆଲୋକପାତ କରିଥିବା ବେଳେ ପରିଶେଷରେ ଗୁରୁମା ମଧୁସ୍ମିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।




# ଠିକାଦାରଙ୍କୁ ବନ୍ଧୁକ ଦେଖାଇଲେ ଯୁବକ

**ଅସ୍ତରଙ୍ଗ,୨୩।୧:(ମନ୍ଥନ)**ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ତାଳଦା ପଂଚାୟତ ଅଧୀନ କୂଳସାହି ଗ୍ରାମର ଠିକାଦାର ଙ୍କୁ ତାଳଦା ବ୍ରିଜ୍ ଉପରେ ଯୁବକ ବନ୍ଧୁକ ଦେଖାଇବା ଥାନାରେ ଅଭିଯୋଗ ହୋଇଛି । ସୂଚନା ଯୋଗ୍ୟ କି ଠିକାଦାର ବିଜନ କୁମାର ପରିଡା ଓ ଦୁଇ ଜଣ ସହଯୋଗୀ ଙ୍କ ସହ ତାଳଦା ବ୍ରିଜ୍ ଉପରେ କଥା ହେଉଥିବା ବେଳେ ଅପରାହ୍ନ ୩ ଘଂଟିକା ସମୟରେ ହଠାତ ଜାକେଶ ପଡ଼ିଆରୀ ପହଂଚି ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ବେକାର ଥିବା ସୁନା ଚେନ୍ ଛିଡାଇ ନେଯାଇଥିଲେ ଓ ତାଙ୍କ ସାଙ୍ଗରେ ଚାରିଜଣ ଅଚିହ୍ନା ଯୁବକ ଥିବା ବେଳେ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେବାସହ ଲୋକ ଆସୁଥିବାରୁ ସ୍ଥାନ ଛାଡି ଦ୍ରୁତ ଗତିରେ ପଳାଇଯାଇଥିବା ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅପର ପକ୍ଷେ ଜାକେଶ ପଡ଼ିଆରୀ ଗ୍ରାମରେ ଏକ ସମସ୍ୟାର ସମାଧାନ ଚାଲିଥିବା ବେଳେ ବିଜନ ପରିଡା ଙ୍କ ସମେତ ଚାରିଜଣ ତାଙ୍କୁ ମାଡମାରିଥିବା ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅସ୍ତରଙ୍ଗ ପୋଲିସ ପକ୍ଷରୁ ପୃଥକ ପୃଥକ ଦୁଇଟି ମାମଲା ଜୁକରିଥିବା ବେଳେ ଜାକେଶ ଙ୍କ ବିରୋଧରେ ଆର୍ମସ ଆକ୍ଟରେ ମାମଲା ରୁଜୁ ହୋଇ ଦୁଇଟି ଅଭିଯୋଗ ଉପରେ ତଦନ୍ତ ଚାଲୁଥିବା ଦାୟିତ୍ୱ ରେ ଥିବାଥାନା ନିରୀକ୍ଷକ ଅଚ୍ୟୁତାନନ୍ଦ ବେହେରା କହି ଛନ୍ତି ।

# ପାନୀୟଜଳ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଜଳ ଅର୍ପଣ ଦିବସ ପାଳିତ

**ଜଗତସିଂହପୁର,୨୩।୧:(ମନ୍ଥନ)**ଓଡିଶା ପଂଚାୟତରାଜ ଓ ପାନୀୟଜଳ ବିଭାଗ ଆନୁକୂଲ୍ୟ ତଥା ଜଗତସିଂହପୁର ଜିଲ୍ଲା ପାନୀୟଜଳ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ରଘୁନାଥପୁର ବ୍ଲକ ବରାଗଳ ପଞ୍ଚାୟତରେ ହର ଘର ଜଳ ଯୋଗାଣ ଅନୁଯାଇ ଜଳ ଅର୍ପଣ ଦିବସ ପାଳିତ ହୋଇଯାଇଛି ।ଏହି ଉପଲକ୍ଷେ ଆୟୋଜିତ ସଭାରେ ଜିଲ୍ଲା ପାନୀୟଜଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଜ୍ୟୋତିରଂଜନ ଦାସ ମୁଖ୍ୟ ଅତିଥି ଭାବେ



ଯୋଗଦେଇଥିଲେ । ସେ ତାଙ୍କ ବକ୍ତବ୍ୟରେ ଉପକୂଳବର୍ତ୍ତୀ ଅଞ୍ଚଳରେ ମିଠା ପାଣି ସ୍ତର କମୁଥିବା ଲୁଣି ପାଣି ସ୍ତର ବଢୁଥିବା ନେଇ ଚିନ୍ତା ପ୍ରକଟ କରିଥିଲେ । ଯାହାକି ଆଗାମୀ ପିଢ଼ି ପାଇଁ ଜଳ ସମ୍ବଳ ଅମୂଲ୍ୟ ହୋଇପଡିବ ବୋଲି ପ୍ରକାଶ କରିଥିଲେ । ସେହିପରି ସମ୍ମାନୀତ ଅତିଥି ଭାବେ ରଘୁନାଥପୁର ସବଡିଭିଜନ ନିର୍ବାହୀ ଯନ୍ତ୍ରୀ ରବିନ୍ଦ୍ର କୁମାର ସେଠି ତାଙ୍କ ବକ୍ତବ୍ୟରେ ଜଳର ଅନ୍ୟନାମ ଜୀବନ ଏଣୁ ନିଜ ଜୀବନକୁ ବଞ୍ଚାଇବାକୁ ହେଲେ ଜଳ ଉତ୍ସକୁ ସାଇତି ରଖିବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜୟନ୍ତୀ ଦାସ ସରକାରୀ ଯୋଜନାରେ ପଞ୍ଚାୟତର ସମସ୍ତ ଅଞ୍ଚଳକୁ ପାନୀୟଜଳ ଯୋଗାଇ ଦିଆଯାଉଥିବାରୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ । ଏହି ଅବସରରେ ପୂର୍ବରୁ ଜଳ ହିଁ ଜୀବନ ଶୀର୍ଷକକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ,ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ କୃତକାର୍ଯ୍ୟ ହୋଇଥିବା ୩୦ ଜଣ କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ପକ୍ଷରୁ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା । ଓଏଲଏମ ସଂଜୋଜିକା ମୀନାରାଣୀ ଦାସ ସଭାକାର୍ଯ୍ୟ ପରିଚାଳନା ଓ ବିଭାଗୀୟ ଯନ୍ତ୍ରୀ ମନୋରଞ୍ଜନ ଦେହୁରୀ,ଚନ୍ଦ୍ରଶେଖର ସାହୁ,ଶ୍ରଦ୍ଧାଞ୍ଜଳୀ ଦାଶ,ସ୍ୱାଗତିକା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ । ଏହାପରେ ମହିଳାମାନଙ୍କୁ ନେଇ ଜଳ ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅରବିନ୍ଦ ସ୍ୱାଇଁ,ସୁରତୀ ନାୟକ,ସୂର୍ଯ୍ୟକାନ୍ତ ସାହୁ,ଲକ୍ଷ୍ମୀଧର ସ୍ୱାଇଁ,କୃଷ୍ଣଚନ୍ଦ୍ର ପଣ୍ଡା,ରାଧେଶ୍ୟାମ ପଣ୍ଡା,ନଟବର ସ୍ୱାଇଁ ଙ୍କ ସହ ବିଭାଗୀୟ କର୍ମଚାରୀ,ଏସଇଏମ ଓ ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ ।

# ପର୍ଯ୍ୟଟକଙ୍କୁ ପ୍ଲାଷ୍ଟିକ୍ ବର୍ଜନ ସଚେତନତା

**ଅସ୍ତରଙ୍ଗ ,୨୩।୧:(ମନ୍ଥନ)** ଅସ୍ତରଙ୍ଗ ବ୍ଲକ୍ ପୀର୍ ଜାହାନିଆଁ ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକ ଙ୍କୁ ପ୍ଲାଷ୍ଟିକ୍ ମୁକ୍ତ ପାଇଁ ସଚେତନତା କରାଯାଇଅଛି । ଆୟୋଜିତ ସଚେତନତା ପଦଯାତ୍ରା ଜାହାନିଆଁ ବନପାଳ କାର୍ଯ୍ୟାଳୟ ରୁ ଛାତ୍ର ଛାତ୍ରୀ ମାନେ ଫ୍ଲାଗ କାର୍ଡ ଧରି ବଣଭୋଜି କରିବାକୁ ତଥା ସମୁଦ୍ର କୂଳରେ ଥିବା ପର୍ଯ୍ୟଟକ ଙ୍କୁ ପ୍ଲାଷ୍ଟିକ୍ ବ୍ୟବହାର ନ କରିବା ଉପରେ ସଚେତନ କରାଇବା ସହ ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ପରିବେଶ ଉପରେ କୁ ପ୍ରଭାବ ପକାଉଥିବା ବୁଝାଇ ଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ ରେ ସରପଞ୍ଚ ଖିରୋଦ କୁମାର କାଣ୍ଡି , ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର, ବନପାଳ କାଳି ଚରଣ ମହାନ୍ତି, ବନରକ୍ଷୀ ନିର୍ମଳ ଚାଟାର୍ଜି , ଓ ସୁବାଶିଷ ଜେନା ଙ୍କ ସମେତ ସ୍ଥାନୀୟ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ ।



# ତେଇଶିପୁର ସେବା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି

**ପିପିଲି ,୨୩।୧:(ମନ୍ଥନ)** ପିପିଲି ବ୍ଲକ ଅନ୍ତର୍ଗତ ତେଇଶିପୁର ପ୍ରାଥମିକ ସେବା ସମବାୟ ସମିତି ପରିସରରେ ଧାନମଣ୍ଡି ଉଦଘାଟନ ହୋଇଯାଇଛି । ସମବାୟ ସମିତିର ସଭାପତି ତଥା ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ , ତେଇଶିପୁର ସରପଞ୍ଚ ରଶ୍ମିତା ସେନାପତି, ପୂର୍ବତନ ସମିତିସଭ୍ୟ ଈଶ୍ୱର ପ୍ରସାଦ ଦାଶ,ଚାଷୀନେତା ସ୍ୱୟଂ ପ୍ରକାଶ ପରିଡା,ସମିତିସଭ୍ୟ ଙ୍କ ପ୍ରତିନିଧୀ ଲକ୍ଷ୍ମୀଧର ନାୟକ, ସମବାୟ ସମିତି ନିର୍ଦ୍ଦେଶକ ଜିତେନ୍ଦ୍ର ବାରଳ,ନବକିଶୋର ନାୟକ,ଜୟନ୍ତ ଦାଶ,ପ୍ରକାଶ ରଥ ପ୍ରମୁଖ ଯୋଗଦେଇ ମଣ୍ଡି ଉଦଘାଟନ କରିଥିଲେ ।



ଏହି ସମବାୟ ସମିତି ଅଧିନରେ ୩୩୦ଜଣ ଚାଷୀ ମଣ୍ଡିରେ ଧାନ ଦେବା ପାଇଁ ପଞ୍ଜିକରଣ କରିଛନ୍ତି । ପ୍ରଥମ ଦିନ ମଣ୍ଡିରେ ୨ଜଣ ଚାଷୀଙ୍କ ଠାରୁ ୬୧ କୁଇଟାଂଲ ଧାନ କିଣା ଯାଇଥିବା ନେଇ ସମବାୟ ସମିତିର ସମ୍ପାଦକ ଅବକାଶ ପରିଡା ସୁଚନା ଦେଇଛନ୍ତି । ମିଲର ଭାବେ ସାଇକୃପା ରାଇସମିଲ ନିୟୋଜିତ ରହିଥିଲେ ।

# ଜିଲ୍ଲା ସ୍ତରୀୟ କ୍ରୀଡା ଉତ୍ସବ ଉଦଯାପିତ

**ନବରଙ୍ଗପୁର,୨୩।୧:(ମନ୍ଥନ)**ବିଜୁ ପଟ୍ଟନାୟକ ଷ୍ଟଡିଅମ୍, ଉମରକୋଟ ଠାରେ ଅନୁସୂଚିତ ଜନଜାତି ବା ଜାତି ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ କ୍ରୀଡାର ଉଦଯାପନୀ ଉତ୍ସବ ମହାସମାରୋହରେ ଶେଷ ହୋଇଛି । ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ , ବରେଣ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ( ରାଜସ୍ୱ ) ବିଶ୍ୱଜିତ ଚନ୍ଦ୍ର ବରମନ, ସେହିପରି ସମ୍ମାନୀୟ ଅତିଥିଭାବେ ଇଣ୍ଡର ଷ୍ଟାଡିଅମ ଇନଚାର୍ଜ ଅଶୋକ କୁମାର ସାହୁ,ଉମରକୋଟ, ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ଉମରକୋଟ ଅତିରିକ୍ତ ଶ୍ରମ ଅଧିକାରୀ ମାନସ ରଞ୍ଜନ ଖୋସଲା , ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ସୁଶ୍ରୀ ନିବେଦିତା ବିଶ୍ୱାଳ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଉମରକୋଟ , ବିଧୁଭୂଷଣ ବେହେରା ସମେତ ଜିଲ୍ଲାର ସମସ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଞ୍ଚାସିନ ଥିଲେ । ବରିଷ୍ଠ ପ୍ରଧାନ ଶିକ୍ଷକ ଭାମିନି , ପ୍ରଶାନ୍ତ କୁମାର ଜେନା, ସାଧୁରମ ଭତରା , ସତ୍ୟ ନାରାୟଣ ପାତ୍ର, ଟି. ଶ୍ରୀକାନ୍ତ, କ୍ରୀଡା ଶିକ୍ଷକ କିଶୋରେ କୁମାର ସିଲ , ଗୋପାଳ ପଟନାୟକ, କଳିକିଙ୍କର ପଟ୍ଟନାୟକ , ସପନ ବୈରାଗୀ ପ୍ରମୁଖ ଉକ୍ତ କ୍ରୀଡା ଉତ୍ସବରେ ସହୋଜଗ କରିଥିଲେ । ଏହି କ୍ରୀଡା ଉତ୍ସବରେ ୧୬୮୦ ରୁ ଅଧିକ ଛାତ୍ର ଛାତ୍ରୀ ଭାଗ ନେଇ ଥିଲେ । ଭାମିନି ଉଚ୍ଚ ବିଦ୍ୟାଳୟ ର ଛାତ୍ର ପ୍ରତିଯୋଗିତାରେ ଚମ୍ପିୟାନ ହୋଇଥିଲା ବେଳେ ନାୟକଗୁଡ଼ା ଉଚ୍ଚ ବାଳିକା ବିଦ୍ୟାଳୟ ଛାତ୍ରୀ ବର୍ଗରେ ଚାମ୍ପିୟନ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ, ସମସ୍ତ ମେଟ୍ରନ, ଏବଂ କ୍ରୀଡା ଶିକ୍ଷକ ମାନେ ସହଯୋଗ କରିଥିଲେ ।




# ବରିଷ୍ଠ ଆଇନଜୀବୀଙ୍କ ପରଲୋକ

**ଖଣ୍ଡପଡ଼ା, ୨୩।୧:(ମନ୍ଥନ)**ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ୬ନଂ ୱାର୍ଡ ବାସିନ୍ଦା ତଥା ବରିଷ୍ଠ ଆଇନଜୀବୀ ବାସୁଦେବ ରଥ (୭୯)ଙ୍କର ହୋଇଥିବା ସୂଚନା ମିଳିଛି । କିଛିଦିନ ହେବ ଅସୁସ୍ଥ ଥିବା ସ୍ୱର୍ଗତ ରଥଙ୍କର ଆଜି ଅପରାହ୍ନରେ ମୃତ୍ୟୁ ହୋଇଥିବା ନେଇ ପରିବାରସୂତ୍ରରୁ ସୂଚନା ମିଳିଛି । ସ୍ୱର୍ଗତ ରଥ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆଇନଗତ ସେବା ଯୋଗାଇଆସୁଥିବା ବେଳେ ଖଣ୍ଡପଡ଼ା ବାର ଆସୋସିଏସନର ସଭାପତି ଭାବେ ମଧ କାର୍ଯ୍ୟକରିଥିଲେ । ମୃତ୍ୟୁ ଖବରପାଇ ବରିଷ୍ଠ ଆଇନଜୀବୀ ମାଧବପ୍ରସାଦ ମିଶ୍ର, ବାର ଆସୋସିଏସନ ସଭାପତି ସଂଗ୍ରାମ ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକପ୍ରକାଶ କରିବା ସହିତ ସହରାଞ୍ଚଳ ବାସଭବନରେ ଶେଷ ଦର୍ଶନ କରିଥିଲେ । ମରଶରୀରକୁ ଖଣ୍ଡପଡ଼ା କୋର୍ଟ ପରିସରକୁ ନିଆଯାଇଥିବା ବେଳେ ଆଇନଜୀବୀ ମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସହରାଞ୍ଚଳ ଅଧୀନ ମା' ଉମାଦେବୀ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ଏକମାତ୍ର ପୁତ୍ର ଶିବପ୍ରସାଦ ରଥ ମୁଖାଗ୍ନି ଦେଇଥିଲେ ।

# ନବରଙ୍ଗପୁର ଠାରେ ୧୨୯ ତମ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ

**ନବରଙ୍ଗପୁର ,୨୩।୧:(ମନ୍ଥନ)**ଆଜି ସ୍ଥାନୀୟ ଏକ୍ସିସ ବ୍ୟାଙ୍କ ନିକଟସ୍ଥ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ଓ ପୁଜ୍ୟପୂଜା ପୂର୍ବକ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ ତମ ଜନ୍ମ ଜୟନ୍ତୀ ପାଳନ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ ବର୍ମନ ଯୋଗ ଦେଇ ନେତାଜୀ ସୁଭାଷ ବୋଷଙ୍କୁ ଭାରତ ବର୍ଷ ର ଅମର ସନ୍ତାନ,ମହାନ ସ୍ୱାଧୀନତା ସଂଗ୍ରାମୀ, ଜନନାୟକ,ଅଦ୍ୟମ ସାହସୀ, ଦେଶଭକ୍ତିର ପ୍ରତୀକ ରୂପେ ବର୍ଣ୍ଣନା କରି ଆଜି ବି ଯୁବ ପିଢ଼ି ରେ ଉନ୍ମାଦନା ସୃଷ୍ଟି କରି ଦେଶ ମାତୃକାର ସେବା ପାଇଁ ପ୍ରେରିତ କରନ୍ତି ବୋଲି କହିଥିଲେ । ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ସରସ୍ୱତୀ ଜ୍ଞାନ ମନ୍ଦିର ର ଛାତ୍ର ଛାତ୍ରୀ,ଶିକ୍ଷକ ଶିକ୍ଷୟିତ୍ରୀ ସମବେତ ହୋଇ ନେତାଜୀଙ୍କ ଜୟ ଧ୍ୱନି ଦେଇଥିଲେ ଏବଂ ତାଙ୍କର ଜୀବନୀ,ସ୍ଲୋଗାନ ଓ ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ବଳିଷ୍ଠ ଭୂମିକା ଉପରେ ଆଲୋଚନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ଙ୍କ ପରିଚାଳନାରେ ଡି ଡବ୍ଲୁ ଓ ରବୀନ୍ଦ୍ର ପାଲକା, ଡି ପି ଇ ଓ ପ୍ରଭାତ ପଟ୍ଟନାୟକ ଓ ଅନ୍ୟ ସରକାରୀ କର୍ମଚାରୀ,ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।



ଶନିବାର, ୨୪ ଜାନୁଆରୀ ,୨୦୨୬ ଭୁବନେଶ୍ୱର
SATURDAY, 24 JANUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ପ୍ରଶାସନିକ ଅବହେଳାର କାରଣ

ଦିଲ୍ଲୀ ନିକଟସ୍ଥ ନୋଏଡାର ସେକ୍ଟର ୧୫୦ରେ ଗତ ରବିବାର ଦିନ ରାତିରେ ଘନ କୁହୁଡି ମଧ୍ୟରେ ନିଜ କାର ଚଳାଇ ଘରକୁ ଫେରୁଥିବାବେଳେ ଜଣେ ୨୭ବର୍ଷ ବୟସ୍କ ଯୁବ ସଫ୍ଟଓୟାର ଇଂଜିନିୟର ଏକ ବିଶାଳ ନିର୍ମାଣାଧୀନ କୋଠା ନିକଟରେ ଥିବା ପାଣି ଭର୍ତୀ ଏକ ଗଭୀର ଗାତରେ ପଡି ମୃତ୍ୟୁବରଣ କରିବା ଘଟଣା କେବଳ ଅତ୍ୟନ୍ତ ହୃଦୟ ବିଦାରକ ନୁହେଁ, ନଗର ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ଅବହେଳା ସମ୍ପୂର୍ଣ୍ଣ ଭାବେ ଦାୟୀ ବୋଲି କୁହାଯାଇପାରିବ। ତେବେ ଏଭଳି ଘଟଣା ଆମ ଦେଶରେ ନୂଆ ନୁହେଁ। ବାରମ୍ବାର ଏଭଳି ଘଟଣା ଘଟଣା ଘଟି ଜୀବନ ଯାଉଥିବା ସତ୍ତ୍ୱେ ପ୍ରଶାସନିକ କର୍ତ୍ତୃପକ୍ଷ ସେଥିରୁ କିଛି ଶିକ୍ଷା କରି ନପାରିବା ନିଶ୍ଚିତ ଭାବେ ଉଦ୍‌ବେଗଜନକ। କହିବା ବାହୁଲ୍ୟ ଯେ, ଦୁଇ ବର୍ଷ ପୂର୍ବେ ଦିଲ୍ଲୀରେ ପ୍ରବଳ ବର୍ଷା ଯୋଗୁଁ ବର୍ଷା ପାଣି ଘର ଭିତରେ ପଶି ୩ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ସୁରଟରେ ନିଆଁଲାଗି ୨୨ଜଣ ଛାତ୍ର ଜୀବନ୍ତ ଦଗଧ୍ ହେବା, ମୁକୁଳା ଡ୍ରେନରେ ନିରୀହ ଲୋକଙ୍କ ଜୀବନ ଯିବା ଘଟଣା ଆମ ଦେଶରେ ବାରମ୍ବାର ଘଟୁଛି। କର୍ତ୍ତୃପକ୍ଷଙ୍କର ଅବହେଳାରୁ ଘଟଣା ଘଟିବା ପରେ ତଦନ୍ତ ନିର୍ଦ୍ଦେଶ, ପିଡୀତଙ୍କ ପରିବାରକୁ ଅନୁକମ୍ପାମୂଳକ କ୍ଷତିପୂରଣ ବା ସହାୟତା, ଆଦି ଏବେ ଏକ ପରମ୍ପରାରେ ପରିଣତ ହୋଇଛି। କିନ୍ତୁ କର୍ତ୍ତୃପକ୍ଷ ଏହାକୁ ସହଜରେ ଗ୍ରହଣ ନକରି ବରଂ ମୁହଁ ଭୁଲୁକି ଦେଖାଇଥାନ୍ତି। ଦୁର୍ଘଟଣା ପାଇଁ ଗାଡି ଚାଳକ କିମ୍ବା ପଥଚାରୀ ଦାୟୀ ବୋଲି ଦର୍ଶାଇଥାନ୍ତି। ଏହି ଦୁଃଖଦ ଘଟଣାରେ ପ୍ରାଥମିକ ପଦକ୍ଷେପ ସ୍ୱରୁପ ଦୁଇଟି ଇଷ୍ଟେଟ କମ୍ପାନୀ ବିରୁଦ୍ଧରେ ଏତଲା ଦାୟର କରାଯାଇଥିବାବେଳେ କର୍ତବ୍ୟରେ ଅବହେଳା ପାଇଁ ଜଣେ ଜୁନିୟର ଇଂଜିନିୟରଙ୍କୁ ନିଲମ୍ବିତ କରାଯାଇଛି। ଗତ ସୋମବାର ଦିନ ସରକାର ନୋଏଡାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ)ଙ୍କୁ ପଦରୁ ବହିଷ୍କାର କରିଥିବାବେଳେ ଘଟଣାର ତଦନ୍ତ ପାଇଁ ସ୍ପେଶାଲ ଇନ୍‌ଭେଷ୍ଟିଗେସନ ଟିମ୍ (ଏସଆଇଟି) ଗଠନ କରି ପାଂଚ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ନୋଏଡା ହେଉଛି ଦେଶରେ ଶିଳ୍ପାଚଂଳ ସହରର ଏକ ପ୍ରତୀକ। ଭାରତର ସହରାଚଂଳ ପ୍ରୋଜେକ୍ଟ ଭବିଷ୍ୟତର ଏକ ପ୍ରତୀକ। ୧୯୭୬ ମସିହାରେ ଜାତୀୟ ରାଜଧାନୀ ଦିଲ୍ଲୀ ନିକଟସ୍ଥ ଉତରପ୍ରଦେଶର ନ୍ୟୁ ଓଖଲା ଇଣ୍ଡଷ୍ଟ୍ରୀଆଲ ଡେଭଲପମେଂଟ ଅଥରିଟି(ନୋଏଡା) ଏକ ଶିଳ୍ପାଚଂଳ ସହର ଭାବେ ସ୍ଥାପିତ ହୋଇଥିଲା। ଏହା ଏକ ପୌର ମହାନଗର ନିଗମ କିମ୍ବା ପୌର ସଂସ୍ଥା ନୁହେଁ। ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହା ପରିଚାଳିତ। ଦେଶରେ ଏକ ଅତ୍ୟାଧୁନିକ ଶିଳ୍ପାଚଂଳ ସହର ଭାବେ ପରିଚିତ ନୋଏଡା'ର ୨୦୨୫-୨୬ର ବାର୍ଷିକ ବଜେଟ ୮,୮୦୦କୋଟି ରହିଛି। ଏହା ସତ୍ତ୍ୱେ ବୈଷୟିକ ତୃଟି ଏବଂ କର୍ତ୍ତୃପକ୍ଷଙ୍କ ଅବହେଳା ଜନିତ ଦୁର୍ଘଟଣା ବାରମ୍ବାର ଘଟୁଛି। ୨୭ବର୍ଷ ବୟସ୍କ ଯୁବ ଇଂଜିନିୟର ମୃତ୍ୟୁ ପାଇଁ କିଏ ଦାୟୀ, ଏହା ହିଁ ଏବେ ପ୍ରଶ୍ନବାଚୀ। ଏକ ଉନ୍ନୟନ କର୍ତ୍ତୃପକ୍ଷରେ କାହାକୁ ଉତର ଦାୟିତ୍ୱ କରାଯିବ। ଉଲ୍ଲେଖଯୋଗ୍ୟ ଯେ, ନୋଏଡାକୁ ଏକ ମହାନଗର ନିଗମରେ ପରିଣତ କରିବା ପାଇଁ ସୁପ୍ରିମକୋର୍ଟ ଗତ ଅଗଷ୍ଟ ମାସରେ ପରାମର୍ଶ ଦେଇଥିଲେ ମଧ୍ୟ ଏଥିପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହା ସତ୍ୟ ଯେ, ଆମ ଦେଶରେ ରାସ୍ତାଘାଟଠାରୁ ଆରମ୍ଭ କରି ଡ୍ରେନ ପର୍ଯ୍ୟନ୍ତ ସବୁ କିଛି ମରଣ ଯନ୍ତାରେ ପରିଣତ ହୋଇଥିବା ନେଇ ବିଭିନ୍ନ ସମୟରେ ଗଣମାଧ୍ୟମର ଶିରୋନାମା ପାଲଟିଥିଲେ ମଧ୍ୟ ଏଥି ପ୍ରତି ସରକାର କିମ୍ବା ପ୍ରଶାସନ କେହି କର୍ଣ୍ଣପାତ କରନ୍ତି ନାହିଁ। ଫଳସ୍ୱରୁପ ପ୍ରତିବର୍ଷ ମୃତ୍ୟୁ ସଂଖ୍ୟା ବଢିଚାଲିଛି। ସତେ ଯେପରି କର୍ତ୍ତୃପକ୍ଷ ବା ସରକାରଙ୍କ ପାଇଁ ନାଗରିକଙ୍କ ଜୀବନ ମୂଲ୍ୟହୀନ। କହିବା ବାହୁଲ୍ୟ ଯେ, ପୋଲିସ ନିର୍ଯ୍ୟାତନା, ବନ୍ୟା, ଅଗ୍ନିକାଣ୍ଡ, ସଡକ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ନେଇ ପ୍ରତିବର୍ଷ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି) ରିପୋର୍ଟ ପ୍ରକାଶିତ କରୁଥିବାବେଳେ ସରକାରୀ ଅବହେଳା ନେଇ ରିପୋର୍ଟରେ ପ୍ରକାଶ ପାଉନାହିଁ। ଏହି ରିପୋର୍ଟକୁ ଏନସିଆରବି ଗୁରୁତ୍ୱ ଦେବାର ସମୟ ଏବେ ଆସିଛି। ଅବହେଳା ପାଇଁ ଦାୟୀ ଅଫିସର, ବ୍ୟକ୍ତି ବିଶେଷଙ୍କ ନାମ ପ୍ରକାଶିତ ହେବା ଜରୁରୀ। ଯାହାକି ସେମାନଙ୍କୁ ସଚେତନ କରାଇବାରେ ସହାୟକ ହୋଇପାରିବ। ଏହା ମଧ୍ୟ ସତ୍ୟ ଯେ, ଜନସାଧାରଣଙ୍କ ସୁରକ୍ଷାକୁ ସୁନିଶ୍ଚିତ ନକରିବା ପର୍ଯ୍ୟନ୍ତ ଭାରତ କଦାପି ଯଥାର୍ଥ ବିକଶିତ ରାଷ୍ଟ୍ର ହୋଇପାରିବ ନାହିଁ।

# ଚକିତ କରିଛି ଅମିରାତର ବୈଠକ

ସୌମେନ୍ଦ୍ର ଜେନା

ସଂଯୁକ୍ତ ଆରବ ଅମିରାତ (ୟୁଏଇ) ଏବଂ ଭାରତ ମଧ୍ୟରେ ମାତ୍ର ଦୁଇ ଘଣ୍ଟାର ଆଲୋଚନା ଏବଂ ବୁଝାମଣା ଘଟଣା ସମସ୍ତଙ୍କୁ ଚକିତ କରିଥିଲେ ମଧ୍ୟ ଆକସ୍ମିକ ଘଟଣା ନୁହେଁ । ଏହି ବୁଝାମଣା ପାଇଁ ଅମିରାତ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ ଜାୟେଦ ଅଲ ନହ୍ୟାନ, ଦୁବାଇ କ୍ରାଉନପ୍ରିନ୍ସ ଶେଖ ହମଦାନ ବିନ ମହମ୍ମଦ ଅଲ୍ ମକତୁମ (ଉପ ପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ) ଶେଖ ହମିଦ ବିନ ଜାୟେଦ ଅଲ ନହ୍ୟାନ, ବିଦେଶ ମନ୍ତ୍ରୀ ଶେଖ ଅବଦୁଲ୍ଲା ବିନ ଜାୟେଦ ଅଲ ନହ୍ୟାନ, ଶେଖ ହମଦ ବିନ ମହମ୍ମଦ ବିନ ଜାୟେଦ ଅଲ ନହ୍ୟାନ, ଶେଖ ମହମ୍ମଦ ହମଦ ବିନ ତାହନୁନ ଅହ ନହ୍ୟାନଙ୍କ ସହ ଭାରତଗସ୍ତରେ ଆସିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅମିରାତର ରାଷ୍ଟ୍ରପତି ଶେଖ ମହମ୍ମଦ ବିନ ଜାୟେଦ ଅଲ ନହ୍ୟାନଙ୍କ ପାଇଁ ପ୍ରୋଟୋକଲ ବାହାରକୁ ଯାଇ ବିମାନ ବନ୍ଦରରେ ଲାଲକାର୍ପେଟରେ ସ୍ୱାଗତ କରିଥିଲେ । କେବଳ ସେତିକି ନୁହେଁ ସେ ତାଙ୍କୁ ନିଜ କାରରେ ବସାଇ ପ୍ରଧାନମନ୍ତ୍ରୀ ବାସଭବନକୁ ଆଣିଥିଲେ । ଏହି ସମୟରେ ଦୁଇନେତାଙ୍କ ମଧ୍ୟରେ ଖୋଲା ଆଲୋଚନା ହୋଇଥିଲା । ଲୋକକଲ୍ୟାଣ ମାର୍ଗସ୍ଥିତ ନିଜ ବାସଭବନରେ ପ୍ରଧାନମନ୍ତ୍ରୀ ଅମିରାତର ରାଜପରିବାରବର୍ଗଙ୍କୁ ସ୍ୱାଗତ କରିଥିଲେ । ଅମିରାତ ରାଷ୍ଟ୍ରପତିଙ୍କୁ ଗୁଜରାଟର କାଠ ଖୋଦେଇ ଝୁଲା, କାଶ୍ମିରର ପଶମିନା ଶାଲ, ଶାଲ ରଖିବା ପାଇଁ ତେଲେଙ୍ଗାନାର ରୁପାର ବାକ୍ସ, ଶେଖ ଫାତିମା ବିଣ୍ଟ ମୁବାରକ ଅଲ କେଟେକୀଙ୍କ ପାଇଁ କାଶ୍ମିରୀ କେଶର ଆଦି ପ୍ରଦାନ କରାଯାଇଥିଲା । ଅମିରାତର ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାୟେଦ ଅଲ ନହ୍ୟାନଙ୍କ ପାଇଁ ଏହା ଭାରତକୁ ଗତ ଦଶବର୍ଷ ମଧ୍ୟରେ ପଞ୍ଚମ ଗସ୍ତ ରହିଥିଲା । ତେବେ ଏପ୍ରିଲ ୨୦୨୫ରେ ଦୁବାଇର କ୍ରାଉନ ପ୍ରିନ୍ସ ତଥା ଅମିରାତର ଉପ ପ୍ରଧାନମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ ଶେଖ ହମିଦ ବିନ୍ ମହମ୍ମଦ ବିନ୍ ରସିଦ ଅଲ ମକତୁମ ଭାରତ ଗସ୍ତରେ ଆସିଥିଲେ । ସେହିପରି ସେପ୍ଟେମ୍ବର ୨୦୨୪ରେ ଆବୁଧାବିର କ୍ରାଉନପ୍ରିନ୍ସ ଶେଖ ଖାଲେଦ ବିନ ମହମ୍ମଦ ବିନ ଅଲ ଜାୟେଦ ଅଲ ନହ୍ୟାନ ମଧ୍ୟ ଭାରତ ଗସ୍ତରେ ଆସିଥିଲେ । ତେଣୁ ଏହି ଗସ୍ତ ଆକସ୍ମିକ ନୁହେଁ ବରଂ ଦୁଇ ରାଷ୍ଟ୍ର ମଧ୍ୟରେ ନିୟମିତ ଆଲୋଚନା, ଦ୍ୱିପାକ୍ଷିକ ସ୍ୱାର୍ଥରକ୍ଷା, ପରିବର୍ତ୍ତିତ ବିଶ୍ୱର ବଦଳୁଥିବା ପରିସ୍ଥିତି ଦୃଷ୍ଟିରୁ ଆବଶ୍ୟକ ପଦକ୍ଷେପ ବୋଲି କହିଲେ ଠିକ୍ ହେବ । ପୃଥିବୀର ପ୍ରତ୍ୟେକ ରାଷ୍ଟ୍ର ନିଜ ରାଷ୍ଟ୍ରୀୟ ସ୍ୱାର୍ଥ, ଲୋକଙ୍କ ବିକାଶ, ସାଂପ୍ରତିକ ଆହ୍ୱାନକୁ ସମ୍ମୁଖୀନ ହେବାପାଇଁ ପ୍ରସ୍ତୁତି ଲାଗି ପ୍ରୟାସରତ ରହିଛନ୍ତି । ସେହି କ୍ରମରେ ଅମିରାତ ମଧ୍ୟ ନିଜ ଦେଶର ସୁରକ୍ଷା, ଆର୍ଥିକ ବିକାଶ ଏବଂ ଆଗାମୀ ଦିନରେ ସମ୍ଭାବିତ ଆହ୍ୱାନକୁ ସାମ୍ନା କରିବାକୁ ଏବେଠୁ ଚେଷ୍ଟା ଚଳାଇଛି ।

ଏକଥା ସତ ଯେ ଅମିରାତର ମୋଟ ଜନସଂଖ୍ୟା ମଧ୍ୟରେ ଭାରତୀୟଙ୍କ ସଂଖ୍ୟା ପ୍ରାୟ ୩୭ ପ୍ରତିଶତ । ଅମିରାତର ପ୍ରତ୍ୟେକ କ୍ଷେତ୍ରରେ ଭାରତୀୟଙ୍କ ସହଯୋଗୀ ଭୂମିକା ରହିଛି । ଦୁଇରାଷ୍ଟ୍ର ମଧ୍ୟରେ ବହୁପକ୍ଷୀୟ ସଂପର୍କ ଯଥା ସାଂସ୍କୃତିକ, ରାଜନୈତିକ ଏବଂ ଆର୍ଥିକ କ୍ଷେତ୍ରରେ ରହିଛି । ଦୁଇରାଷ୍ଟ୍ର ପରସ୍ପରର ପ୍ରମୁଖ ବାଣିଜ୍ୟିକ ସହଯୋଗୀ । ଦୁଇରାଷ୍ଟ୍ର ମଧ୍ୟରେ ସମନ୍ୱିତ ଆର୍ଥିକ ସହଯୋଗ ବୁଝାମଣା (ସେପା), ସ୍ଥାନୀୟ ମୁଦ୍ରାରେ ଦେଣନେଣ (ଏଲସିଏସ୍) ବ୍ୟବସ୍ଥା, ଦ୍ୱିପାକ୍ଷିକ ପୁଞ୍ଜିନିବେଶ ଚୁକ୍ତି ରହିଛି । ଶକ୍ତି କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ଦୀର୍ଘ ସହଯୋଗୀ ବୁଝାମଣା ରହିଛି । ପୁଞ୍ଜିନିବେଶ ଦୃଷ୍ଟିରୁ ଅମିରାତ ଭାରତର ଏକ ପ୍ରମୁଖ ସହଯୋଗୀ ରହିଆସିଛି । ୧୯ ଜାନୁଆରୀ ୨୦୨୬ ଦିନ ଏହି ଦୁଇ ଘଣ୍ଟାର ଆଲୋଚନା ଏବଂ ବୁଝାମଣା ପର୍ବର ବିସ୍ତୃତ ଚର୍ଚ୍ଚା ପଛରେ ବର୍ତ୍ତମାନର ଅସ୍ଥିର ବିଶ୍ୱର ପରିସ୍ଥିତି, ଖୁବ ଶିଘ୍ର ବଦଳୁଥିବା ରାଜନୈତିକ ଦୃଶ୍ୟପଟ୍ଟ ଏବଂ ରାଷ୍ଟ୍ରଗୁଡିକର ରଣକୌଶଳ ରହିଛି । ଆମେରିକାର ଋପ, ମଧ୍ୟପ୍ରାଚ୍ୟର ଅସ୍ଥିରତା, ସାଉଦି ଆରବର ଚୈଧୁରୀ ହେବା ପାଇଁ ଚେଷ୍ଟା, ତୁର୍କୀର ଇସଲାମିକ ସାମ୍ରାଜ୍ୟ ସ୍ୱପ୍ନ, ପାକ୍‌ର ମୁସଲିମ ଆଣବିକ ଶକ୍ତିର ବାହାସ୍ଫୋଟ, ଇରାନର ସନ୍ତ୍ରାସବାଦୀଙ୍କୁ ଭିନ୍ନ ଭିନ୍ନ ରାଷ୍ଟ୍ରରେ ପ୍ରୋତ୍ସାହନ, ଇଜିପଟ ଏବଂ ଆଫ୍ରିକୀୟ ରାଷ୍ଟ୍ରଗୁଡିକ ମଧ୍ୟରେ ଦ୍ୱନ୍ଦ୍ୱ,ଗାଜା ଏବଂ ପାଲେଷ୍ଟାଇନକୁ କେନ୍ଦ୍ରକରି ଲାଗି ରହିଥିବା ଅଚଳ ପରିସ୍ଥିତି, ପାକ୍-ସାଉଦି-ତୁର୍କୀ ମଧ୍ୟରେ ଇସଲାମିକ ନାଟୋ ମେଣ୍ଟ ପାଇଁ ପ୍ରୟାସ ଆଦି ଅମିରାତକୁ ଏବେ ଚିନ୍ତାରେ ପକାଇଛି । ନିକଟରେ ୟେମେନରେ ଅମିରାତରୁ ରପ୍ତାନୀ ହୋଇଥିବା ସେନାଗାଡିଗୁଡିକ ଉପରେ ସାଉଦି ଆରବ ପକ୍ଷରୁ ବୋମାମାଡ ବନ୍ଦର ଉପରେ କରାଯାଇଥିଲା । ଯାହାଫଳରେ ଅମିରାତ କର୍ତ୍ତୃପକ୍ଷଙ୍କର ଅନେକ ଆର୍ଥିକ କ୍ଷତି ହୋଇଥିଲା । ୟେମେନ ମାମଲାରେ ଅମିରାତ ଏବଂ ସାଉଦି ଆରବର ମତ ଭିନ୍ନ ରହିଛି । ୟେମେନର ବିଦ୍ରୋହୀ ଗୋଷ୍ଠୀଙ୍କୁ ଅମିରାତ ସମର୍ଥନ କରୁଥିଲାବେଳେ ସାଉଦି ଆରବ ବିରୋଧ କରୁଛି । ସାଉଦି ଆରବର ସୀମା ଅମିରାତକୁ ଲାଗିରହିଥିବା ଏବଂ ନିକଟ ପଡୋଶୀ ରାଷ୍ଟ୍ର ଇରାନ ଥିବା ହେତୁ ଜନସଂଖ୍ୟାରେ ଛୋଟ ରାଷ୍ଟ୍ର ଅମିରାତର ଆଶଙ୍କା ରହିବା ସାଧାରଣ କଥା । ନିଜସ୍ୱ ଅର୍ଥବଳ ମାଧ୍ୟମରେ ତଥାକଥିତ ଇସଲାମିକ ନାଟୋ କିମ୍ବା ଇସଲାମିକ ରିପବ୍ଲିକ ଇରାନକୁ ଏକାକୀ ବିରୋଧ କରିବା ଅମିରାତ ପକ୍ଷରେ ଏତେଟା ସହଜ ହେବନାହିଁ । ତେଣୁ ସାମରିକ ଦୃଢତା, ଆଣବିକ ଅସ୍ତ୍ରର ସହଯୋଗ, ଆଗାମୀ ଦିନରେ ଆର୍ଥିକ ତଥା ବାଣିଜ୍ୟିକ ସ୍ୱାର୍ଥ ପାଇଁ ଅମିରାତ ସରକାରଙ୍କୁ ଭାରତର ସହାୟତା ନିହାତି ଆବଶ୍ୟକ । ଅନ୍ୟପକ୍ଷରେ ସଂଖ୍ୟାଧିକ ପ୍ରବାସୀ ଭାରତୀୟ ବସବାସ କରୁଥିବା ରାଷ୍ଟ୍ର ଅମିରାତର ସୁରକ୍ଷା ଭାରତ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ବିଶେଷ କରି କାଶ୍ମିରରେ ଅମିରାତର ନିବେଶ, ଭାରତର କାଶ୍ମିର ନୀତିକୁ ଅମିରାତର ସମର୍ଥନ, ଭାରତକୁ ଦୀର୍ଘକାଳିନ ଗ୍ୟାସ ଯୋଗାଣ ଦୃଷ୍ଟିରୁ ଅମିରାତର ସହଯୋଗ ଭାରତ ପାଇଁ ଅପରିହାର୍ଯ୍ୟ ।

ପାକ୍ ପକ୍ଷରୁ ନିଜର ଦାରିଦ୍ର୍ୟତାକୁ ଲୁଚାଇ ଯେପରି ବିଦେଶରେ ପ୍ରଦର୍ଶନ କରାଯାଉଛି ତାହା ଅନେକ ରାଷ୍ଟ୍ର ପସନ୍ଦ କରୁନାହାନ୍ତି । ଅମିରାତରେ ପାକିସ୍ଥାନୀ ଭିକାରୀ ସମସ୍ୟା ସୃଷ୍ଟି କରୁଥିବାରୁ ସେମାନଙ୍କୁ ସେଠାରୁ ବାହାର କରାଯିବା ସହ ପ୍ରବେଶ ଉପରେ କଟକଣା ଜାରି ହୋଇଛି । ନିକଟରେ ଅମିରାତ ସରକାର ଅମିରାତରେ ପ୍ରବେଶ ପାଇଁ ଭିସାନୀତିରେ ପରିବର୍ତ୍ତନ ଆଣିଥିବା ହେତୁ ପାକ୍ ଏବଂ ସାଉଦି ଆରବର ଲୋକେ ସେଥିରେ ଅଧିକ ପ୍ରଭାବିତ ହେବାର ସମ୍ଭାବନା ରହିଛି । ଅମିରାତ ଭାରତର ସହାୟତାରେ ପ୍ରଶାସନିକ କାର୍ଯ୍ୟକୁ ଏବେ ଡିଜିଟାଲ ସ୍ତରକୁ ନେବାଲାଗି ଆଧୁନିକୀକରଣ କାର୍ଯ୍ୟ ଜାରି ରଖିଛି, ଯାହା ଅନ୍ୟ ଆରବୀ ରାଷ୍ଟ୍ର କରିନାହାନ୍ତି । ଅମିରାତରେ ବାଣିଜ୍ୟ କରିବା ଆଳରେ ପାକ୍ ଓ ସାଉଦିଆରବରୁ ଇସଲାମିକ ମୌଳବାଦୀ ଏବଂ ସନ୍ତ୍ରାସବାଦୀ ଦେଶରେ ପ୍ରବେଶକରି ସଙ୍କଟ ସୃଷ୍ଟି କରିପାରନ୍ତି ବୋଲି ସେଠାକାର ସରକାର ଆଶଙ୍କା କରୁଛନ୍ତି । ମଧ୍ୟ ପ୍ରାଚ୍ୟରେ ସମୀକରଣ ଦ୍ରୁତଗତିରେ ବଦଳୁଥିବା ହେତୁ ଅମିରାତ ସରକାର ନିଜ ରାଷ୍ଟ୍ରର ପ୍ରତିରକ୍ଷା, ପ୍ରଶିକ୍ଷଣ, ପ୍ରସ୍ତୁତି, ପ୍ରଚଣ୍ଡ ଆଘାତ ଦେବା ପାଇଁ ଭାରତର ସହଯୋଗ ଲୋଡୁଛନ୍ତି । ଅପରେସନ ସିନ୍ଦୂର ପରେ ଭାରତର ଅନେକ ଅସ୍ତ୍ରଶସ୍ତ୍ରର ଦକ୍ଷତା ପ୍ରତି ଅମିରାତର ଆକର୍ଷଣ ବୃଦ୍ଧିପାଇଛି । ଆମେରିକା, ଇସ୍ରାଏଲ, ରୁଷିଆ ଆଦି ଶକ୍ତିଶାଳୀ ରାଷ୍ଟ୍ରଗୁଡିକ ସହ ଭଲ ସଂପର୍କ ଅମିରାତର ସରକାର ରଖିଥିବା ସ୍ଥଳେ ତୁରନ୍ତ ସହାୟତା ପାଇଁ ଭାରତର ଭୂମିକାକୁ ନିଶ୍ଚିତ କରିବାକୁ ଋହୁଁଛନ୍ତି । ମଧ୍ୟପ୍ରାଚ୍ୟରେ ପାକ୍ ନିଜର ଆଣବିକ ଶକ୍ତିର ମୁଖା ପ୍ରଦର୍ଶନ କରି ଅଭାବରେ ପଡିଥିବା ରାଷ୍ଟ୍ରପାଇଁ ଅର୍ଥସଂଗ୍ରହ କରିବା ଲକ୍ଷ୍ୟରେ ରହିଛି । ଇସଲାମିକ ମେଣ୍ଟ ଆଳରେ ସାଉଦି ଆରବଠାରୁ ଅର୍ଥ ହଡପ କରିବା ଋଲରେ ପାକିସ୍ଥାନ କାର୍ଯ୍ୟ ଆରମ୍ଭ କରିଛି । ଚୀନର ଯୁଦ୍ଧବିମାନକୁ ବିକ୍ରି କରିବାକୁ ଜୋରସୋର୍ ପ୍ରଋର କରି ମଧ୍ୟ ଏପର୍ଯ୍ୟନ୍ତ ପାକିସ୍ଥାନ ସେମିତି କିଛି ଅର୍ଡର ପାଇପାରିନାହିଁ । ଗୋଟିଏ ପଟେ ସନ୍ତ୍ରାସବାଦକୁ ସମର୍ଥନ ଏବଂ ଅନ୍ୟପଟରେ ଆଣବିକ ଶକ୍ତି ସଂପନ୍ନ ରାଷ୍ଟ୍ରର ବାହାଦୂରୀ ଦେଖାଇ ଆର୍ଥିକ ସ୍ଥିତିକୁ ସୁଧାରିବାକୁ ପାକ୍ ଇସଲାମର ଲାଞ୍ଜ ଧରିଛି । ୧୯ ଜାନୁଆରୀ ଅପରାହ୍ନ ୪ଟା ୨୦ରୁ ସନ୍ଧ୍ୟା ୬ଟା ୪୦ମଧ୍ୟରେ ଅମିରାତ ରାଷ୍ଟ୍ରପତିଙ୍କ ଗସ୍ତକାଳରେ ୨୦୩୨ ସୁଦ୍ଧା ଦୁଇଦେଶର ବାଣିଜ୍ୟ ବର୍ତ୍ତମାନର ୧୦୦ ବିଲିଅନରୁ ୨୦୦ ବିଲିଅନ ଡଲାର ସ୍ତରକୁ ନେବାପାଇଁ ଆଲୋଚନା ହୋଇଥିଲା । ଆବୁଧାବୀ ନେସନାଲ ଅଏଲ କମ୍ପାନୀର ସହଯୋଗୀ ସଂସ୍ଥା ଏଡନୋକ ଗ୍ୟାସ ସହ ଭାରତର ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡର ବୁଝାମଣା ହୋଇଥିଲା । ଏଡନୋକ ଆଗାମୀ ୧୦ବର୍ଷ ଯାଏ ବାର୍ଷିକ ୫ଲକ୍ଷ ଟନ୍ ଏଲଏନଜି ଗ୍ୟାସ ହିନ୍ଦୁସ୍ଥାନ ପେଟ୍ରୋଲିୟମକୁ ଯୋଗାଇବ । ଏହି ବୁଝାମଣା ପ୍ରାୟ ୨୦ ବିଲିଅନ ଡଲାର ପରିମାଣର ହେବ । ଏଡନୋକ ବାର୍ଷିକ ୧୫.୬ ମିଲିଅନ ଟନ୍ ଗ୍ୟାସ ଉତ୍ପାଦନ କରୁଥିଲା ବେଳେ ଭାରତର କମ୍ପାନୀମାନେ ୨୦୨୯ ପରଠାରୁ ୨୦ ପ୍ରତିଶତ ଗ୍ୟାସ କ୍ରୟ କରିବେ । ଗୁଜରାଟର ଢୋଲେରାଠାରେ ବିମାନବନ୍ଦର, ଗ୍ରୀନଫିଲଡ୍ ବନ୍ଦର, ରେଳ ଯୋଗାଯୋଗ, ସହରାଞ୍ଚଳ ନିର୍ମାଣ, ପାଇଲଟ ପ୍ରଶିକ୍ଷଣ କେନ୍ଦ୍ର,ବିମାନ ରକ୍ଷଣାବେକ୍ଷଣ, ମରାମତି ଏବଂ ଆଧୁନିକୀକରଣ କେନ୍ଦ୍ର ନିର୍ମାଣରେ ଅମିରାତ ପୁଞ୍ଜିନିବେଶ କରିବାକୁ ପ୍ରତିଶ୍ରୁତି ଦେଇଛି । ମହାକାଶ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ପ୍ରକ୍ଷେପଣ ଘାଟୀ ନିର୍ମାଣ, ଉପଗ୍ରହ ନିର୍ମାଣ, ଷ୍ଟାର୍ଟଅପ୍ କେନ୍ଦ୍ର ନିର୍ମାଣ, ପ୍ରଶିକ୍ଷଣ କେନ୍ଦ୍ର ଓ ଆଦାନପ୍ରଦାନ କାର୍ଯ୍ୟକ୍ରମ ଜାରି ରଖିବାକୁ ସ୍ଥିର ହୋଇଛି । ପଶ୍ଚିମ ଏସିଆ, ଆଫ୍ରିକା ଏବଂ ୟୁରେସିଆ କ୍ଷେତ୍ରରେ ବାଣିଜ୍ୟ ବୃଦ୍ଧି ପାଇଁ ଭାରତ ମାର୍ଟ. ଭାରତ-ଆଫ୍ରିକା ସେତୁ, ଭର୍ଚୁଆଲ ଟ୍ରେଡ କରିଡର ପରି ପ୍ରକଳ୍ପକୁ ଜୋର ଦେବାପାଇଁ କୁହାଯାଇଛି । ଅମିରାତର ଖାଦ୍ୟ ସୁରକ୍ଷା ପାଇଁ ଭାରତରୁ କୃଷିଜାତ ଦ୍ରବ୍ୟ ଯୋଗାଣ ଲାଗି ବୁଝାମଣା ହୋଇଛି ।

କହିବାକୁ ଗଲେ ପାକ୍-ସାଉଦି ସମର୍ଥିତ ଗୋଷ୍ଠୀ ଏବେ ଅନେକ ଦେଶରେ ଅମିରାତକୁ ନିନ୍ଦିତ କରିବାକୁ ଲାଗିପଡିଛନ୍ତି । ଲଣ୍ଡନରୁ ମିଡିଲ ଇଷ୍ଟ ଆଇ ନାମକ ସଂସ୍ଥା ଯେମିତି ଅମିରାତ ବିରୋଧୀ ଖବର ପ୍ରକାଶ କରିବାରେ ଲାଗିପଡିଛି ଠିକ୍ ସେମିତି ଅଭାଜ ନାମକ ଏନ୍‌ଜିଓ ପକ୍ଷରୁ ଲଣ୍ଡନର ଅକ୍ସଫୋର୍ଡ ଷ୍ଟ୍ରୀଟରେ ଡିଜିଟାଲ ବିଲବୋର୍ଡ ଲଗାଯାଇଛି, ଯାହାକି ପ୍ରତି ୮୦ ସେକେଣ୍ଡରେ ପ୍ରଦର୍ଶିତ କରାଯାଉଛି । ସେଥିରେ ଲେଖାଯାଇଛି ଯେତେବେଳେ ସେମାନେ ସୁଦାନରେ କଣ କରୁଛନ୍ତି ବୋଲି ତୁମେ ଜାଣିଯିବ ସେତେବେଳେ ଆଉ ତୁମ ସେଲ୍‌ଫି ଭଲ ଦେଖାଯିବ ନାହିଁ । ଛବିରେ ଦୁବାଇର ସମୁଦ୍ର ରହିଛି । ସେହି ସମୁଦ୍ରରେ ସ୍ନାନ କରୁଥିବା ଝିଅର ପଛପାଖେ ଦୁବାଇର ବୁର୍ଜଖଲିଫା ଦେଖାଯାଉଥିବା ସ୍ଥଳେ ପରବର୍ତ୍ତୀ ଛବିରେ ସୁଦାନରେ ନିଆଁ ଜଳୁଥିବା ଦେଖାଯାଉଛି । ଲଣ୍ଡନରେ ମଧ୍ୟ ଏହି ସଂସ୍ଥା ଗାଡିରେ ଲାଗିଥିବା ବିଲ୍‌ବୋର୍ଡକୁ ସହରସାରା ପ୍ରଦର୍ଶିତ କରୁଛି । ଗୋଟିଏ ପ୍ରକାରେ କହିଲେ ଏହି ପ୍ରଋର ସାଉଦିର ଆର୍ଥିକ ସହଯୋଗରେ ପାକ୍ ସମର୍ଥିତ ଗୋଷ୍ଠୀ କରୁଛନ୍ତି । ଦୁବାଇର ପର୍ଯ୍ୟଟନ ଶିଳ୍ପକୁ ଦୁର୍ବଳ କରିବା ହେଉଛି ଏହି ଅପପ୍ରଋରର ଲକ୍ଷ୍ୟ । ଏପରିକି ବ୍ରିଟେନ ସରକାର ୟୁଏଇକୁ ଅସ୍ତ୍ରଶସ୍ତ୍ର ଦେବା ବନ୍ଦ କରିବାକୁ ଏହି ଗୋଷ୍ଠୀ ପ୍ରଋର ଚଳାଇଛନ୍ତି । ତେଣୁ ଆଗାମୀ ଦିନରେ ଭାରତଠାରୁ ଅଧିକ ଅସ୍ତ୍ରଶସ୍ତ୍ର କିଣିବା ସହ ସୁରକ୍ଷାଶକ୍ତିକୁ ସୁଦୃଢ କରିବାକୁ ଆକାଶ, ବ୍ରହ୍ମୋସ କ୍ଷେପଣାସ୍ତ୍ର ସହ ଏୟାର ଡିଫେନ୍ସ ସିଷ୍ଟମ୍ସ, ରାଡାର ଆଦି କ୍ରୟ ପାଇଁ ୟୁଏଇର ଯୋଜନା ଥିବା କଥା କୁହାଯାଉଛି । ଭାରତରେ ରାଫେଲ, ସୁଖୋଇ -୫୭ ପରି ଯୁଦ୍ଧ ବିମାନ, ଏସ-୪୦୦ ପରି ସୁରକ୍ଷା ବ୍ୟବସ୍ଥା, ପରିବହନ ବିମାନ ଆଦି ନିର୍ମାଣ ପାଇଁ ପ୍ରୟାସ ଜାରିଥିବା ବେଳେ ଅମିରାତ ଆଗାମୀ ଦିନରେ ନିଜର ଯୁଦ୍ଧାସ୍ତ୍ର ଭାରତଠାରୁ ନେବାକୁ ଲକ୍ଷ୍ୟ ରଖିଛି । ରଣନୀତିକ ସହଯୋଗ ବୃଦ୍ଧି ପରେ ମଧ୍ୟପ୍ରାଚ୍ୟରେ ଭାରତର ଭୂମିକା ସାଉଦି ଆରବର ବଡଭାଇ ପଣିଆକୁ ନିୟନ୍ତ୍ରଣ କରିବାକୁ ସକ୍ଷମ ହେବ ବୋଲି ଅମିରାତ ମନେକରୁଛି । ଗୁଜରାଟର ଗିଫ୍‌ଟ ସିଟୀଠାରେ ଡିପି ୱର୍ଲ୍ଡ ଏବଂ ଆବୁଧାବୀ ବ୍ୟାଙ୍କର ଶାଖା ଖୋଲାଯିବାକୁ ଦ୍ୱିପାକ୍ଷିକ ବୈଠକରେ ପ୍ରଶଂସା କରାଯାଇଥିଲା । ଏଆଇ ଏବଂ ଆଧୁନିକ ଟେକ୍‌ନୋଲୋଜୀ କ୍ଷେତ୍ରରେ ସହଯୋଗ, ଫେବୃଆରୀ ୨୦୨୬ରେ ଏଆଇ ଇମ୍ପାକ୍ଟ ସମିଟ ଭାରତରେ ହେଉଥିବା ଦୃଷ୍ଟିରୁ ଦୁଇଦେଶ କାର୍ଯ୍ୟକରିବାକୁ ସହମତି ପ୍ରକାଶ କରିଥିଲେ । ଅମିରାତରେ ଆଣବିକ ରିଆକଟର ବସାଇବାକୁ ଦୁଇଦେଶ କାର୍ଯ୍ୟ କରିବେ ବୋଲି ସମ୍ମତ ହୋଇଥିଲେ । ଆର୍ଥିକ ଦେଣନେଣ କ୍ଷେତ୍ରରେ ଇ-ପ୍ଲାଟଫର୍ମକୁ ସଶକ୍ତ କରିବାକୁ ଭାରତ ୟୁଏଇକୁ ସହଯୋଗ କରିବାକୁ ସହମତ ହୋଇଥିଲା । ଆଗାମୀ ଦିନରେ ଆବୁଧାବୀଠାରେ ଭାରତ ପକ୍ଷରୁ "ହାଉସ ଅଫ୍ ଇଣ୍ଡିଆ" ସ୍ଥାପନ କରାଯିବାକୁ ସ୍ଥିର ହୋଇଥିଲା, ଯାହା ଭାରତୀୟ ସଂସ୍କୃତି, କଳା, ଐତିହ୍ୟ, ସ୍ଥାପତ୍ୟ ଆଦିର ଏକ ମନୋରମ ସଂଗ୍ରହାଳୟ ଭାବେ କାର୍ଯ୍ୟକରିବ । ସେପ୍ଟେମ୍ବର ୨୦୨୩ରେ ଜି ୨୦ ବୈଠକରେ ସ୍ଥିର ହୋଇଥିବା ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଆର୍ଥିକ ମାର୍ଗ (ଆଇଏମଇସି) ବିଷୟରେ ମଧ୍ୟ ଦୁଇପକ୍ଷ ଆଲୋଚନା କରିଥିଲେ । ୨୦୨୬ ଶେଷ ଆଡକୁ ଜାତିସଂଘ ଜଳ ସମ୍ମିଳନୀ ୟୁଏଇ ଆୟୋଜନ କରୁଥିବା ହେତୁ ତା'ର ସଫଳତା ପାଇଁ ଭାରତ ପକ୍ଷରୁ ଶୁଭେଚ୍ଛା ଜଣାଯାଇଥିଲା । ସେହିପରି ବ୍ରିକ୍ସ ବୈଠକ ୨୦୨୬ରେ ଭାରତ ଆୟୋଜନ କରୁଥିବା ହେତୁ ଅମିରାତ ପକ୍ଷରୁ ଶୁଭେଚ୍ଛା ଜଣାଯାଇଥିଲା । ଦୁଇଦେଶ ମଧ୍ୟରେ ଏହି ଦୁଇଘଣ୍ଟାର ବୈଠକ ଆଗାମୀ ଦିନରେ ଅନେକ ସମ୍ଭାବନାର ମାର୍ଗକୁ ପ୍ରଶସ୍ତ କରିବ ବୋଲି କୁହାଯାଇପାରେ, ଯେଉଁଥିରେ ଉଭୟ ଦେଶର ଜନସାଧାରଣ ସୁବିଧାଲାଭ କରିବେ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ସମ୍ପର୍କ ଜଣେ ନୁହେଁ, ଏକାଧିକ.... : 'ରୋଷ୍ଟର ଡେଟିଂ'

ପ୍ରଫେସର ଡାକ୍ତର ସମ୍ରାଟ କର

'ସୁନୀତା', 'ପିଙ୍କି', ...... 'ରୋଜାଲିନ' ଏ ସମସ୍ତେ ସୁଅ ମୁହଁରେ ପତର ପରି ଅନୁଜ ପ୍ରତୀମ ସୁଧୀରର ଜୀବନ ପ୍ରବାହକୁ ଢ଼େର ବଦଳାଇ ଦେଲେ। ଜୀବନ ଯେତେ ବଦଳିଲାନି କିନ୍ତୁ ଅନେକ ହା ହୁତାଶ, ଝିନଝଟ ଓ ଝାମେଲା ସବୁ ଅନିମନ୍ତ୍ରିତ ଭାବେ ଅତିଥି ହୋଇ ଜଣଙ୍କ ଜୀବନକୁ ଚାଲିଆସିଲେ। ସେ ଦିନ ସୁଧୀର ସବୁ କଥା ଶୁଣିଲା ପରେ ମୁଁ ତାଙ୍କୁ ଆଶ୍ୱସ୍ତ ହୋଇ କହିଲି ତୁମ ସମୟକୁ ତୁମେ ଦେଖ, ବିଶେଷକରି ଆଧୁନିକ ଯୁବପିଢ଼ିଙ୍କ ଜୀବନଶୈଳୀ ଓ ଚିନ୍ତାଧାରାରେ ଦେଖାଯାଉଛି ଢ଼େର ପରିବର୍ତ୍ତନ। ସାମାଜିକ ଗଣମାଧ୍ୟମ, ଡେଟିଂ ଆପ ଓ ସହରୀ ସଂସ୍କୃତିର ପ୍ରଭାବରେ ସମ୍ପର୍କର ଧାରା ମଧ୍ୟ ବଦଳିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ 'ରୋଷ୍ଟର ଡେଟିଂ' ଏକ ନୂଆ ଧାରା ଭାବେ ସାମ୍ନାକୁ ଆସିଛି। ରୋଷ୍ଟର ଡେଟିଂ ଅନଲାଇନ ଡେଟିଂର ଏକ ନୂତନ ଧାରା, ଯେଉଁଥିରେ ବ୍ୟବହାରକାରୀମାନେ ନିଜ ପସନ୍ଦ ଅନୁଯାୟୀ ସମ୍ଭାବ୍ୟ ସାଥୀଙ୍କର ଏକ ତାଲିକା କରନ୍ତି। ଏହି ଧାରାରେ କୌଣସି ନୂତନତ୍ୱ ନାହିଁ କିମ୍ବା ଏହା ସମାଜରେ କୌଣସି ବିପ୍ଳବ ଆଣି ପାରୁଥିବା ଭଳି ଧାରା ନୁହଁ। ବିସ୍ତୃତ ଭାବରେ ବୁଝିବାକୁ ଗଲେ ରୋଷ୍ଟର ଡେଟିଂର ଅର୍ଥ ହେଉଛି ଏକକାଳୀନ ଅନେକ ବ୍ୟକ୍ତିଙ୍କୁ ଡେଟ କରିବା। କିନ୍ତୁ କାହା ସହିତ ସ୍ଥାୟୀ ସଂପର୍କରେ ନ ରହିବା। ଜଣକ ପରେ ଜଣକୁ ବଦଳାଇ କଥା ହେବା, ଦେଖା କରିବା କିନ୍ତୁ କାହା ସହ ସ୍ଥାୟୀ ସମ୍ବନ୍ଧରେ ନରହିବାକୁ ଏହା ପ୍ରୋତ୍ସାହିତ କରେ। ଅନ୍ୟ ଡେଟିଂ ଧାରା ଭଳି ଏହି ଧାରାରେ ମଧ୍ୟ ପ୍ରତିଶ୍ରୁତିବଦ୍ଧତାର ଅଭାବ ଦେଖିବାକୁ ମିଳେ। ଅଧିକାଂଶ ଯୁବକ-ଯୁବତୀ ନିଜର ପସନ୍ଦ, ଆବଶ୍ୟକତା ଓ ଭବିଷ୍ୟତ ବିଷୟରେ ସ୍ୱଷ୍ଟତା ପାଇବା ଉଦ୍ଦେଶ୍ୟରେ ଆପଣାନ୍ତି ଏହି ଧାରା। ଏହା ମାଧ୍ୟମରେ ନିଜ ପସନ୍ଦକୁ ଭଲରେ ବୁଝିବାର ସମୟ ମିଳେ। ଭିନ୍ନ ପ୍ରକୃତିର ଲୋକଙ୍କ ସହ ମିଶିବା ଦ୍ୱାରା ନିଜ ପସନ୍ଦକୁ ଅଧିକ ଭଲରେ ଜାଣି ହୁଏ ଏବଂ ଅନ୍ୟ ବ୍ୟକ୍ତି କେଉଁ ଗୁଣ ଅସହଜ କରାଏ ତାହା ମଧ୍ୟ ବୁଝି ହୁଏ।

ଆଜିକାଲିର ସଂପର୍କରେ ବ୍ରେକଅପ ଖୁବ ସାଧାରଣ। ସଂପର୍କରେ ବାରମ୍ବାରା ଧୋକା ଖାଇବା ପରେ ଅନେକ ବ୍ୟକ୍ତି ବେଶ ସହଜରେ ଆପଣାଇ ନିଅନ୍ତି ରୋଷ୍ଟର ଡେଟିଂ ଭଳି ଧାରାକୁ। ବିଶେଷଜ୍ଞଙ୍କ କହିବା ଅନୁସାରେ ବ୍ରେକଅବ୍ ପରେ ତୁରନ୍ତ ଗଭୀର ସମ୍ପର୍କରେ ରହିବାକୁ ଇଚ୍ଛା ନଥିବା ଲୋକମାନଙ୍କ ପାଇଁ ଏହି ରୋଷ୍ଟର ଡେଟିଂ ସାଜିଛି ସର୍ବୋତ୍ତମ ବିକଳ୍ପ। ଗୋଟିଏ ସମ୍ପର୍କରେ ତୁରନ୍ତ ବାନ୍ଧି ହେବା ପୂର୍ବରୁ, ଅନ୍ୟଜଣଙ୍କ ଚିନ୍ତାଧାରା, ମୂଲ୍ୟବୋଧ ବୁଝିବାକୁ ଯୁବପିଢ଼ି ଏହି ପଦ୍ଧତି ଆପଣାଉଛନ୍ତି ଓ ବାରମ୍ବାର ଗଭୀର ସଂପର୍କରେ ଯୋଡ଼ି ହୋଇ ଭାବାବେଗକୁ ହାନି ପହଞ୍ଚାଇବା ପରିବର୍ତ୍ତେ ଏଡି ଧାରାରେ ସକ୍ରିୟ ରହୁଛନ୍ତି। (କ୍ରମଶଃ)

# ସେ କାଳ ମାଛ ଶୁଖୁଆ କାହିଁ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ସେ କାଳ ପଖାଳ ନାହିଁ ସେ କାଳ ପିଆଜ ନାହିଁ, ସେକାଳ ଶାଗ ନାହିଁ, ଆଉ ମାଟିହାଣ୍ଡି, କାଠପତ୍ର ଗୋବରଘଷି ଜଳା ଚୁଲି ନାହିଁ, ଗାଁର ଆମ୍ବ ତୋଟା ନାହିଁ, ଗାଁ ମାମଲତକାର ନାହାନ୍ତି, ସାହି ମୁରବୀ ନାହାଁନ୍ତି, ଗାଁ ପିଲାଙ୍କ ଚର୍ଚ୍ଚାର ନାନାବିଧ ଖେଳ ନାହିଁ, ଅ ଆରୁ ପାଠ ଆରମ୍ଭ ନାହିଁ, ପଣକିଆ ଘୋଷା ପାଠ ନାହିଁ, କାହାଘରେ ଢ଼ିଙ୍କି ନାହିଁ, ଚକି ଶିଳ ବେକାର କାମକୁ ନୁହେଁ ପାହିଲିରେ ଚାଉଳ ମାପନାହିଁ କେଉଁଗାଁରେ ଘଣା ନାହିଁ, ବଳଦ ନାହାଁନ୍ତି, ଶଗଡ଼ ରାସ୍ତାରେ ଯିବା କେହି ଦେଖୁନଥିବେ, ହଳ ବୁଲା ବଳଦ ବର୍ଜିତ, ନଡ଼ା ଛପର ଘର ଅଦୃଶ୍ୟ, ଯୁଆଡ଼େ ଚାହିଁ ଖାଲି କୋଠ ଘର, ଧାନ ଜମି ସବୁ ସଂକୁଚିତ, ଗାଧୁଆ ପୋଖରୀ ପୁରା ଅବହେଳିତ ଘାଟ ବିଲୁପ୍ତ, ମାଳ ମାଳ ନାହିଁରେ ହିଁ ଖାଲି ଇଂଲିଶ ମାଧ୍ୟମରେ ପିଲାଙ୍କୁ ପାଠପଢ଼ା, ପୁରାଣ ଭାଗବତ ପୂଜା ସ୍ଥଳରେ ବସ୍ତାନିରେ ବନ୍ଧାଯାଇ ପୂଜା ବେଳେ ଫୁଲ ଚଢୁଛି। ଆଉ ହାତରେ ମୋବାଇଲ ଫୋନ ଶୋଭାବନ୍ତ, ଦେଖିବା ଶୁଣିବା ଦୁଇଟି ଚାଲିଛି। କବାଟକିଳି ଦୁରାନ୍ତ ପ୍ରେମିକ ସହ ପ୍ରେମିକାଙ୍କ ଗୋପନ ଆଳାପ ଚାଲୁଛି। ପ୍ରଗତିର ଚକା ଆଗକୁ ଗଡୁଛି, ଅନେକ ଧୃତରାଷ୍ଟ୍ରଙ୍କୁ ଅନେକ ସଞ୍ଜୟ ଏକାଳରେ ସର୍ବ ବିବରଣୀ ଦେଇ ଚଳୁଛନ୍ତି। ଦୁର୍ଗ ଭିତରେ ରହୁଥିବା ରାଜା କେବେ ଦୁର୍ଗ ବାହାର ଖବର ନିଜେ ଦେଖିନଥାନ୍ତି। ଏପରିକି ପ୍ରତ୍ୟକ୍ଷ ଦେଖି ନଥାନ୍ତି। ରାଜଧାନୀରେ ଅୟସ କରୁଥିବା ବିଭାଗୀୟ ଅଧିକର୍ତ୍ତା କେମିତି ଜାଣିବେ ରାଜ୍ୟ ବା ଦେଶର ଗଳିକନ୍ଦିର ଲୋକଙ୍କ ଅସୁବିଧା, ସେହି ଚର ଚକ୍ଷୁରେ ଦେଖା ଖବରକୁ ବିଶ୍ୱାସ କରି ଯାହା ବ୍ୟବସ୍ଥା କରି ହେବ ତାହା ହିଁ ଯୋଜନା କରାଇଥାନ୍ତି ଫଳ ଉଦ୍ଦିଷ୍ଟ ବ୍ୟକ୍ତି ଗଣଙ୍କର ସଠିକ ହୋଇପାରେ ନାହିଁ, ରାଜକର୍ମଚାରୀ ତାଙ୍କ ପରିଚିତ ଆତ୍ମୀୟତା ସମ୍ପନ୍ନ ଲୋକଙ୍କୁ ସମ୍ମୁଖରେ ରଖି କିଛି ଯୋଜନା କଲେ ହୁଏତ ଏହା ସର୍ବଜନୀନ ଯୋଜନା ହୋଇନପାରେ ପର୍ବତର ମୂଷିକ ପ୍ରସବ କ୍ରିୟାକୁ ମହାପ୍ରଚାର କ୍ରିୟା ହୋଇଥାଏ।

ପୁରାଣ ଗ୍ରନ୍ଥରେ ପ୍ରମାଣ ଅଛି ଲୋକଙ୍କ କାର୍ଯ୍ୟ ରାଜପ୍ରଚାର ରାଜଗତି ଯାତ୍ରା ନିଘଣ୍ଟ ପ୍ରଚାର ଯଦି ଆଗରୁ କରି ଦିଆଯାଏ ତେବେ ପ୍ରକୃତ ହିତାଧିକାରୀ କେବେ ଉପକୃତ ହୋଇନପାରନ୍ତି। ଯେଉଁମାନେ ଅଭିଯୁକ୍ତ ଲୋକଙ୍କର ସେହିମାନେ ରାଜ ସଫେଇ ପାଇଁ ଭଲ ସୁଦୃଶ୍ୟ ତୋରଣ ଗେଟ କରି ରାଜସ୍ୱାଗତମ ପାମ୍ପଲେଟ ଲଗାଇ ପଇସା ଦେଇ ଥୋପ ଦେଖାଇ, ଭଡାଟିଆ ଲୋକଙ୍କୁ ରାସ୍ତାକଡ଼ରେ ସ୍ୱାଗତମୁଦ୍ରାରେ ଠିଆ କରାଇ ରାଜାଙ୍କୁ ବୋଧକରାଇବେ ଯେ ଲୋକେ ଆପଣଙ୍କ କାର୍ଯ୍ୟରେ ସନ୍ତୋଷରେ ଅଛନ୍ତି ଲୋକେ କିଛି ଅସୁବିଧା ଭୋଗୁ ନାହାନ୍ତି, ଯଦି କେହି ବିଦ୍ରୋହକାରୀ ଏପରି କ୍ରିୟା ଜାଲ, ଭ୍ରାନ୍ତିପୂର୍ଣ୍ଣ ଅସତ୍ୟ ରାଜ ନଜରକୁ ଆଣିବା ସମ୍ଭବନା ତୋଷାମତ୍କାରୀ କପଟ ଆଚରଣକାରି କିଛି ସୁରାକ ପୂର୍ବରୁ ସୂଚନା ପାଅନ୍ତି, ତେବେ ସେଥିରେ ବି ଜାଲ ଛଦ୍ମ ବୁଦ୍ଧି ଲଗାଇ ଓଲଟ ସତ୍ୟ କୁଅସତ୍ୟ ରଟାଇ ତାଙ୍କୁ ଦୂରେଇ ରଖାଇବା ଫନ୍ଦା କରିପାରନ୍ତି, ଏ ପାଇଁ ବିଶ୍ୱାମିତ୍ର ତାଡ଼କା ଦମନ ପାଇଁ ରାଜା ଦଶରଥଙ୍କୁ ନନେଇ ଭାବିକାଳକୁ ରଜା ହେବା (ଯାହା ଏ ଯୁଗରେ ରାଜ ଯୁବନେତା) ରାମ ଲକ୍ଷ୍ମଣଙ୍କୁ ନେଇଯାଇଥିଲେ, ଏ ପାଇଁ ଯେଉଁ ପ୍ରୋଟକଲ ଦରକାର ତାହା ରାଜା ପ୍ରଶାସନ ଅଧିକାରୀଙ୍କ ତୁଳନାରେ କିଛି ନୁହେଁ, ଯୁବନେତାଙ୍କୁ କାର୍ଯ୍ୟ ବାରଣକାରୀ ବା ଆକ୍ରମଣକାରୀ ଯୁବ ନେତାଙ୍କ ରୋଷ ଶିକାର ହୋଇଥାନ୍ତି। ଯଦି ପ୍ରାଣସଙ୍କଟ କେହି ଉପୁଜାଏ, ତେବେ ଏନକାଉଣ୍ଟର ଯୁବନେତା କରିପାରନ୍ତି। ଯାହା ରାଜଦଣ୍ଡ ତାଙ୍କର ଜୀବନର ମୂଲ୍ୟ ପାଇଁ ଢ଼ିଲା ହୋଇଥାଏ। ସେୟା ବି ତାଡ଼କା ବଧ ପରେ ରାଜ କାନୁନ ଲାଗି ରାଜକୁମାର ଦ୍ୱୟ ମୁକ୍ତ ଓ ଋଷିଙ୍କ ଉଦ୍ଦେଶ୍ୟ ସିଦ୍ଧି ହୋଇଥିଲା। ସେ କାନୁନ ଅଛି ମାତ୍ର କିଛି ନୂଆ ରୂପ ଏବେ ଲାଗୁଛି। ପୂର୍ବର ବହୁ ଜିନିଷ ଏପରି ବହୁ ସଂସ୍କାରିତ, ଇସ୍ଲାମିକ ଶାସନର ବିଚାରପତି କାଜି, ଏବେ ଭିନ୍ନ ରୂପରେ, ପ୍ରାଚୀନ ଗ୍ରାମ ପଞ୍ଚାୟତ ପରମେଶ୍ୱର ମାନ୍ୟତା ବିଚାର ଶୈଳୀ ପଞ୍ଚାୟତ ପ୍ରଶାସନରେ ବଦଳିଛି । ଭିନ୍ନ ଭିନ୍ନ ଜାତି ସଭା ଏବେ ସମ୍ପୂର୍ଣ୍ଣ ବଦଳି ଛତିଶପାଟକ ଗୋଲ ହୋଇ ଛତିଶ ସଭାରେ ଯେକେହିଙ୍କର ଆଚରଣର ପସନ୍ଦ ନା ପସନ୍ଦ ବିଚାର ହେଉଛି। ଜଙ୍ଗଲର ପଶୁ ଏକତ୍ରିତ ବାସ କଲେ ବି ଗୋଷ୍ଠୀ ଭିନ୍ନ ଘାସ ଲଟା ପତ୍ର ଭୁକ ଓ ତାଙ୍କ ମାଂସ ଭୁକପ୍ରାଣୀ କଦାପି ସମାନ ଆଚରଣ ଅଭୟ ବାସ କରି ନପାରନ୍ତି, ପକ୍ଷୀମାନେ ଯେଉଁ ଗୋଷ୍ଠୀର ଏଥିରେ ବି ଖାଦ୍ୟ ଖାଦକ ଅଛନ୍ତି ଏହି କାନୁନ କେବେ ଲଗାଯାଇ ସମତା ରକ୍ଷା କରାଯାଇନପାରେ, ଆଜି ଦେଖନ୍ତୁ ଅନେକ ଜୀବ ଜନ୍ତୁ ପକ୍ଷୀ ବିଲୋପ ଏମିତି ମାନବ ସମାଜରେ ବୃତ୍ତି ଅପହରଣ ହୋଇଗଲାଣି। ଖାଲି ଜନ୍ମ ଜାତି ରହିଛି ସିନା ବୃତ୍ତିଭିତ୍ତିକ ଜାତି କାହିଁ? ଏହି ଛତିଶ ନ୍ୟାୟ ଭାବେ ସ୍ୱାଧୀନତାପରେ କାୟା ବିସ୍ତାର କରିବା ସହ ସବୁ କୌଳିକ ବୃତ୍ତି ବିଲୁପ୍ତ କରିବା ସହ ଭଗବତ ଗୀତା ଶାସ୍ତ୍ର ବର୍ଣ୍ଣିତ ବର୍ଣ୍ଣ ଶଙ୍କର ସମୟରେ ପ୍ରବେଶ କରିସାରିଲେଣି। ପଛକୁ କେହି ଆଉ ଫେରି ପାଇବେ ନାହିଁ। ଏପରି ସମୟ ଆସୁଛି ବଡ଼ ଭୂମି ଖଣ୍ଡ ବାରମ୍ବାର ଟୁକୁଡ଼ା ହୋଇ ହାତ ବଦଳ ହୋଇ ହୋଇ ଚାଲିବ। ଏକଦେଶ ଉପରେ ଅନ୍ୟ ଦେଶ ଶାସନ ଜାହିର ରଖିବ। ଲୋକେ ଖାଲି ଅର୍ଥ ସର୍ବସ୍ୱ ହୋଇ ଚାଲିବେ, ରହିବା ବାସ କରିବା ଚିନ୍ତାରେ ରହିବେ ଚାଷ କଥା ପାଶୋରିବେ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩









# ସେନ୍‌ସେକ୍ସ ୭୬୯ ପଏଣ୍ଟ ହ୍ରାସ

**ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି):** ଚଳିତ ସପ୍ତାହର ଶେଷ କାରବାର ଦିନରେ ବିଦେଶୀ ନିବେଶକମାନେ ଇକ୍ୱିଟି ସେୟାର ବିକ୍ରି କରିବାରୁ ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଓ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ସୂଚକାଙ୍କ ବଡ଼ ଧରଣର ହ୍ରାସ ସହ ବନ୍ଦ ହୋଇଛି । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ୭୬୯ ପଏଣ୍ଟ ହ୍ରାସ ପାଇ ୮୧,୫୩୭ ପଏଣ୍ଟରେ ବନ୍ଦ ହୋଇଛି । ଗ୍ରିନଲ୍ୟାଣ୍ଡକୁ ନେଇ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଆଭିମୁଖ୍ୟ ନରମ ହେବା ସତ୍ତ୍ୱେ ଶୁକ୍ରବାର ସାରା ବିଶ୍ୱର ବିଭିନ୍ନ ଷ୍ଟକ୍ ବଜାରରେ ନିବେଶକମାନେ ସେୟାର ବିକ୍ରି ଜାରି ରଖିଥିଲେ । ତାହାର ପ୍ରଭାବ ଭାରତ ଉପରେ ପଡ଼ିଥିଲା । ସେନ୍ସେକ୍ସରେ ଆଜି ଘଟିଥିବା ହ୍ରାସ ପ୍ରଭାବରେ ନିବେଶକମାନେ ୬ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ଓ ବିଦେଶୀ ନିବେଶକମାନେ ସେୟାର ବିକ୍ରି କରିବାରୁ ଷ୍ଟକ ବଜାର କାରବାର ପ୍ରଭାବିତ ହୋଇଥିଲା । ରିଅଲ ଇଷ୍ଟେଟ୍ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ସେୟାର ଚାପରେ ଥିଲା । ଆମେରିକାର ନିୟାମକ ସଂସ୍ଥା ଆଦାନୀ ଗ୍ରୁପକୁ ସମନ ଜାରି କରିଥିବାରୁ ଏହାର ବିଭିନ୍ନ କମ୍ପାନିର ସେୟାର ମୂଲ୍ୟ ହ୍ରାସ ପାଇଥିଲା । ଏକ ସମୟରେ ସେନ୍ସେକ୍ସ ୮୦୦ରୁ ଅଧିକ ପଏଣ୍ଟ ତଳକୁ ଖସିଯାଇଥିଲା । କାରବାର ଶେଷ ବେଳକୁ ସେଥିରେ ସାମାନ୍ୟ ସୁଧାର ଘଟିଥିଲା । ଆଜି ଆଦାନୀ ଗ୍ରିନ ଏନର୍ଜି, ଆଦାନୀ ଏନର୍ଜି ସଲ୍ୟୁସନ୍ସ, ଆଦାନୀ ଏଣ୍ଟରପ୍ରାଇଜେସ୍, ହାଥାୱେ କେବୁଲ ଆଣ୍ଡ୍ ଡାଟାକମ୍ ଲିମିଟେଡ୍ ଓ ସିଞ୍ଜିନି ଇଣ୍ଟରନ୍ୟାସନାଲର ସେୟାର ମୂଲ୍ୟ ହ୍ରାସ ପାଇଛି । ଏଚ୍ସିଏଲ୍ ଟେକ୍, ସନ୍ଫାର୍ମା, ଟାଇଟାନ, କୋଟକ୍ ମହିନ୍ଦ୍ରା ବ୍ୟାଙ୍କ, ଏଚ୍ଡିଏଫ୍ସି ବ୍ୟାଙ୍କ, ଆଇଟିସି, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା, ଭାରତୀ ଏୟାରଟେଲ, ଟାଟା ଷ୍ଟିଲ୍, ରିଲାଏନ୍ସ, ବଜାଜ ଫାଇନାନ୍ସ, ଟ୍ରେଣ୍ଟ, ଏନଟିପିସି, ମାରୁତି, ପାୱାର ଗ୍ରିଡ୍, ଆକ୍ସିସ୍ ବ୍ୟାଙ୍କ, ଇଟରନାଲ୍ ଓ ଆଦାନୀ ପୋର୍ଟସର ସେୟାର ମୂଲ୍ୟ ମଧ୍ୟ କମିଛି । ଟେକ୍ ମହିନ୍ଦ୍ରା, ହିନ୍ଦୁସ୍ତାନ ୟୁନିଲିଭର, ଏସିଆନ ପେଣ୍ଟ୍ସ, ଟିସିଏସ୍ ଓ ଆଇସିଆଇସିଆଇ ବ୍ୟାଙ୍କର ସେୟାର ମୂଲ୍ୟ ବଢ଼ିଛି ।

# ରୁଷ୍-ୟୁକ୍ରେନ୍ ଯୁଦ୍ଧ ସମାପ୍ତି ପାଇଁ ଆବୁଧାବିରେ ହେବ ତ୍ରିପାକ୍ଷିକ ବୈଠକ

**ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି):** ରୁଷ୍-ୟୁକ୍ରେନ ମଧ୍ୟରେ ପାଖାପାଖି ଚାରି ବର୍ଷ ଧରି ଚାଲିଥିବା ଯୁଦ୍ଧର ପରିସମାପ୍ତି ପାଇଁ ୟୁକ୍ରେନ, ରୁଷ୍ ଓ ଆମେରିକା ମଧ୍ୟରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହେବ । ୟୁକ୍ରେନ୍ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି କହିଛନ୍ତି, ୟୁକ୍ରେନ, ରୁଷ୍ ଓ ଆମେରିକାର ଅଧିକାରୀମାନେ ପ୍ରଥମ ଥର ପାଇଁ ତ୍ରିପାକ୍ଷିକ ବୈଠକ କରିବାକୁ ଯାଉଛନ୍ତି । ଆମେରିକା ରୁଷ୍- ୟୁକ୍ରେନ ଯୁଦ୍ଧ ଶେଷ କରିବାକୁ ଚାପ ପକାଉଥିବାବେଳେ ଆବୁ ଧାବିରେ ଏନେଇ ଶୁକ୍ରବାର ଓ ଶନିବାର ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହେବ । ଗୁରୁବାର ଦିନ ଡାଭୋସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ଆଲୋଚନା ପରେ ଜେଲେନସ୍କି କହିଛନ୍ତି ଯେ, ୟୁକ୍ରେନ ପାଇଁ ସୁରକ୍ଷା ଗ୍ୟାରେଣ୍ଟିର ସର୍ତ୍ତାବଳି ଚୂଡ଼ାନ୍ତ ହୋଇଛି। ଯୁଦ୍ଧ ପରେ ଅର୍ଥନୈତିକ



ପୁନରୁଦ୍ଧାର ପାଇଁ ଏକ ଚୁକ୍ତି ପ୍ରାୟ ପ୍ରସ୍ତୁତ ହୋଇଛି । ଏଥିରେ କିଭ୍-ସମର୍ଥିତ ପ୍ରସ୍ତାବଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଛି। ଆମେରିକା ଦ୍ୱାରା ପୂର୍ବରୁ ପ୍ରସ୍ତୁତ ହୋଇଥିବା ପ୍ରସ୍ତାବରେ ମସ୍କୋର ଦାବି ପ୍ରତି ଅଧିକ ଗରୁତ୍ୱ ଦିଆଯାଇଥିଲା । ଆବୁ ଧାବିରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହେବ ବୋଲି ଜେଲେନସ୍କି ସୂଚନା ଦେଇଥିବାବେଳେ ଏହା ଭଲ ହେବ ବୋଲି ମଧ୍ୟ କହିଛନ୍ତି । ତେବେ ଏହି ବୈଠକ ସମ୍ପର୍କରେ ରୁଷ୍ ପକ୍ଷରୁ କେଣସି ମନ୍ତବ୍ୟ ରଖାଯାଇନାହିଁ । ଟ୍ରମ୍ପ ଜେଲେନସ୍କିଙ୍କ ସହିତ ତାଙ୍କ ବୈଠକର ପ୍ରଶଂସା କରିଥିଲେ । ରୁଷ୍ ଦ୍ୱାରା ଆରମ୍ଭ ହୋଇଥିବା ଯୁଦ୍ଧ ବନ୍ଦ କରିବାକୁ ଆଲୋଚନା ଜାରି ରହିଛି ବୋଲି ଟ୍ରମ୍ପ କହିଥିଲେ । ଏହାପୂର୍ବରୁ ଆମେରିକା ପ୍ରତିନିଧି ଷ୍ଟିଭ ୱିଟ୍କଫ୍ କହିଥିଲେ, ରୁଷ୍-ୟୁକ୍ରେନ ଯୁଦ୍ଧ ଶେଷ କରିବାକୁ ଆଲୋଚନାରେ ଅନେକ ଅଗ୍ରଗତି ହୋଇଛି । କେବଳ ଗୋଟିଏ ଶେଷ ପ୍ରସଙ୍ଗ ଆଲୋଚନା ବାକି ରହିଛି ।

# ୮୦୦ ଫାଶୀଦଣ୍ଡ ନେଇ ଟ୍ରମ୍ପଙ୍କ ମିଛ ଧରାଇଦେଲା ଇରାନ

**ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି):** ବିଶ୍ୱ ଦରବାରରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୁଖା ପୁଣି ଥରେ ଖୋଲିଛି । ଆମେରିକାର ୧ ନମ୍ବର ନାଗରିକଙ୍କ ମୁହଁଫୁଟାଣି ଭାଙ୍ଗିଛି । ଇରାନକୁ ନେଇ ଟ୍ରମ୍ପ ଯେଉଁ ଦାବି କରିଛନ୍ତି ତାହା ମିଥ୍ୟା ବୋଲି ଜଣାଯାଇଛି । ଟ୍ରମ୍ପଙ୍କ ଦାବିକୁ ଇରାନ ମିଛ ବୋଲି କହିଛି। ଏଥି ସହିତ ଡୋନାଲ୍ଡ ଟ୍ରମ୍ପଙ୍କ ଦାବିକୁ ଇରାନ ପ୍ରତ୍ୟାଖ୍ୟାନ କରିଛି । ଟ୍ରମ୍ପ ଦାବି କରିଥିଲେ ଯେ ତାଙ୍କର ଗୋଟିଏ ଦସ୍ତଖତ ତେହେରାନରେ ୮୦୦ରୁ ଅଧିକ କଏଦୀଙ୍କ ମୃତ୍ୟୁଦଣ୍ଡକୁ ରୋକି ଦେଇଥିଲା । ଟ୍ରମ୍ପଙ୍କ ଏହି ଦାବି ପରେ ଇରାନ ପ୍ରତିକ୍ରିୟା ରଖିଛି । ଇରାନର ନ୍ୟାୟପାଳିକା ଟ୍ରମ୍ପଙ୍କ ଏହି ବୟାନକୁ 'ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭ୍ରମିତ କଲାଭଳି ମନ୍ତବ୍ୟ' ବୋଲି କହିଛି। ଇରାନ କହିଛି ଯେ, ଏପରି କିଛି ଘଟିନାହିଁ । ଇରାନର ସର୍ବୋଚ୍ଚ ପବ୍ଲିକ ପ୍ରସିକ୍ୟୁଟର କହିଛନ୍ତି, ଟ୍ରମ୍ପଙ୍କ ଦାବି ଯେ ତେହେରାନ ୮୦୦ ପ୍ରତିବାଦକାରୀ କଏଦୀଙ୍କ ମୃତ୍ୟୁଦଣ୍ଡକୁ ରୋକିଦେଇଛି । କିନ୍ତୁ



ଟ୍ରମ୍ପଙ୍କ ଏହି ବୟାନ 'ସମ୍ପୂର୍ଣ୍ଣ ମିଥ୍ୟା' । ଏପରି କୌଣସି ସଂଖ୍ୟା ନାହିଁ ଏବଂ ନ୍ୟାୟପାଳିକା ଦ୍ୱାରା ଏପରି କୌଣସି ନିଷ୍ପତ୍ତି ନିଆଯାଇନାହିଁ। ୮୦୦ ଲୋକଙ୍କୁ ଫାଶୀ ଦେବା ନେଇ କୌଣସି ନିଷ୍ପତ୍ତି ହୋଇନାହିଁ।ଅନ୍ୟପଟରେ ଆମେରିକାର ଜଣେ ମାନବାଧିକାର କର୍ମୀଙ୍କ କହିବା ଅନୁସାରେ, ଇରାନ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଫଳରେ ହଜାର ହଜାର ଲୋକଙ୍କ ମୃତ୍ୟୁ ହୋଇଛି ଏବଂ ହଜାର ହଜାର ଗିରଫ ହୋଇଛନ୍ତି । ଇରାନରେ ମୃତ୍ୟୁ ସଂଖ୍ୟା ୫,୦୦୨ରେ ପହଞ୍ଚିଛି, ଯେଉଁଥିରେ ପ୍ରଦର୍ଶନକାରୀ, ସୁରକ୍ଷା କର୍ମୀ, ଶୁଶୁ ଏବଂ ସାଧାରଣ ନାଗରିକ ସାମିଲ ଅଛନ୍ତ ।

# ଦିଲ୍ଲୀ ଓ ଉତ୍ତର ଭାରତରେ ଝଡ଼ବର୍ଷା ଓ ତୁଷାରପାତ

**ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି):** ଦିଲ୍ଲୀ ଓ ଏନ୍ସିଆର୍ ସମେତ ଦେଶର ଅଧିକାଂଶ ଅଞ୍ଚଳରେ ଶୁକ୍ରବାର ସକାଳେ ପାଗରେ ପରିବର୍ତ୍ତନ ଦେଖିବାକୁ ମିଳିଛି । ଦିଲ୍ଲୀ-ଏନ୍ସିଆର୍ ଅଞ୍ଚଳରେ ବର୍ଷା ହୋଇଥିବାବେଳେ ସିମ୍ଲା-ମନାଲିରେ ଚଳିତ ବର୍ଷର ପ୍ରଥମ ତୁଷାରପାତ ହୋଇଛି । ଜମ୍ମୁ-କାଶ୍ମୀରର ପାହାଡ଼ିଆ ଅଞ୍ଚଳ, ବୈଷ୍ଣୋଦେବୀ ମନ୍ଦିର, ଗୁଲମର୍ଗ ଅଞ୍ଚଳରେ ତୁଷାରପାତ ହୋଇଛି । ଜମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶର ସମତଳ ଅଞ୍ଚଳରେ ବର୍ଷା ହୋଇଛି । ଖରାପ ପାଗ ଯୋଗୁ ଅନେକ ବିମାନ ବାତିଲ ହୋଇଥିବାବେଳେ ସଡ଼କ ପଥ ବନ୍ଦ ରହିଥିବାରୁ ଯାତାୟାତ ପ୍ରଭାବିତ ହୋଇଛି । କାଶ୍ମୀର ଉପତ୍ୟକାରେ ଶୁକ୍ରବାର ପ୍ରବଳ ତୁଷାରପାତ ଯୋଗୁ ପୂରା ଅଞ୍ଚଳ ବରଫ ଚାଦର ତଳେ ଆଚ୍ଛାଦିତ ହୋଇଥିବା ପରି ଦେଖାଯାଉଛି । ତୁଷାରପାତ ଯୋଗୁଁ ସଡ଼କ ଓ ଆକାଶମାର୍ଗରେ ଯାତାୟାତ ପ୍ରବାହିତ ହୋଇଛି । ସତର୍କତାମୂଳକ ପଦକ୍ଷେପ ଭାବେ ନବଯୁଗ ଟନେଲ ନିକଟରେ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥକୁ ବନ୍ଦ କରି ଦିଆଯାଇଛି । ସକ୍ରିୟ ପଶ୍ଚିମାଝଡ଼ ପ୍ରଭାବରେ ଶୁକ୍ରବାର ଦିଲ୍ଲୀ, ଉତ୍ତର ପ୍ରଦେଶର ଗାଜିଆବାଦ, ନୋଏଡା, ହରିୟାଣାର ଗୁରୁଗ୍ରାମ ଚଳିତ ବର୍ଷର ପ୍ରଥମ ବର୍ଷା ହୋଇଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । କେତେକ ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ମଧ୍ୟ ହୋଇଛି । ସକାଳେ ଆରମ୍ଭ ହୋଇଥିବା



ବର୍ଷା ମଧ୍ୟାହ୍ନ ପର୍ଯ୍ୟନ୍ତ ଲାଗି ରହିଥିବା ଯୋଗୁ ବିଭିନ୍ନ ରାସ୍ତାରେ ପାଣି ଜମି ରହି ଟ୍ରାଫିକ ସମସ୍ୟା ସୃଷ୍ଟି କରିଥିଲା । ଆଇଏମ୍ଡି ପକ୍ଷରୁ ଦିଲ୍ଲୀର ସମସ୍ତ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ଅପରାହ୍ନରେ ବର୍ଷା ପରିମାଣ ବିବ ବୋଲି କୁହାଯାଇଛି । ବର୍ଷା ଯୋଗୁ ଦିଲ୍ଲୀରେ ବାୟୁ ଗୁଣବତ୍ତା ସୁଧାର ଆସିଛି । ଗୁରୁବାର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୦୨ ରହିଥିଲା, ଯାହାକି ଗମ୍ଭୀରରୁ ଅତ୍ୟନ୍ତ ଖରାପ ଶ୍ରେଣୀକୁ ଆସିଥିଲା । ଜାନୁଆରି ୨୩ ଓ ୨୪ରେ ବାୟୁ ଗୁଣବତ୍ତା ମଧ୍ୟମ ରହିବ ବୋଲି ଆକଳନ କରାଯାଇଥିବାବେଳେ ଜାନୁଆରି ୨୫ ରେ ବାୟୁ ଗୁଣବତ୍ତା ପୁଣି 'ଖରାପ' ଶ୍ରେଣୀକୁ ଚାଲିଯିବ ବୋଲି କୁହାଯାଇଛି । ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନବନ୍ଦରରେ ବିମାନ ଚଳାଚଳ ପ୍ରଭାବିତ ହୋଇଥିଲା । ଖରାପ ପାଣିପାଗ ଯୋଗୁ ଦିଲ୍ଲୀରୁ ଶ୍ରୀନଗର ବିମାନ ଯାତାୟାତ ପ୍ରଭାବିତ ହୋଇଥିଲା । ଉତ୍ତରାଖଣ୍ଡ ପାଇଁ ମଧ୍ୟ ପାଣିପାଗ ବିଭାଗ ବର୍ଷା ଓ ତୁଷାରପାତ ନେଇ ଅରେଞ୍ଜ ଆଲର୍ଟ ଜାରି କରିଛି । ଉତ୍ତରକାଶୀ, ଡେରାଡୁନ, ରୁଦ୍ରପ୍ରୟାଗ ଓ ଚମୋଲିରେ ପ୍ରବଳ ବର୍ଷା ଓ ତୁଷାରପାତ ଏବଂ ବାଗେଶ୍ୱର ଓ ପିଥୋରାଗଡ଼ରେ ବର୍ଷା ଓ ତୁଷାରପାତ ନେଇ ଆଲର୍ଟ ଜାରି ହୋଇଛି । ଉତ୍ତରାଖଣ୍ଡର ଅନ୍ୟ ଜିଲ୍ଲାଗୁଡ଼ିକୁ କୁଆପଥର ବର୍ଷା ଏବଂ ପବନ ବହିବା ନେଇ ୟେଲୋ ଆଲର୍ଟ ଜାରି କରାଯାଇଛି । ବର୍ଷା ଯୋଗୁ ଉତ୍ତରାଖଣ୍ଡରେ ଜଙ୍ଗଲ ନିଆଁ ଆଶଙ୍କା ହ୍ରାସ ପାଇବ ବୋଲି କୁହାଯାଇଛି ।

# ସୁପ୍ରିମକୋର୍ଟ ଗେଟ୍ ଦେଇ ଯିବ ମେଟ୍ରୋ !

**ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି):** ଖୁବଶୀଘ୍ର ବଦଳିବାକୁ ଯାଉଛି ସୁପ୍ରିମକୋର୍ଟର ରୂପରେଖ । ଏଣିକି ଓକିଲ ଓ ମହକିଲମାନଙ୍କୁ କୋର୍ଟରେ ପହଞ୍ଚିବା ପାଇଁ ଦିଲ୍ଲୀର ଗରମ, ଥଣ୍ଡା କି ବର୍ଷାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । କାହିଁକି ନା ଆଗାମୀ ଦିନରେ ସୁପ୍ରିମକୋର୍ଟ ପରିସର ଦେଇ ମେଟ୍ରୋ ଲାଇନ୍ ସହ ସଂଯୋଗ ହେବ, ଯାହା ପ୍ରତିଦିନ ଆସୁଥିବା ହଜାର ହଜାର ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ । ଏନେଇ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏକ ଭବିଷ୍ୟତ ଭିତ୍ତିଭୂମିର ଯୋଜନା ପାଇଁ ପ୍ରସ୍ତାବ ଦେଇପାରନ୍ତି ।ସୁପ୍ରିମକୋର୍ଟ ପାଇଁ ଏକ ମେଟ୍ରୋ ଲାଇନର ପ୍ରସ୍ତାବ ଦିଆଯାଇଛି। ଏହି ମେଟ୍ରୋ ଲାଇନ ସିଧାସଳଖ କୋର୍ଟ ପରିସର ଦେଇ ଗତି କରିବ । ପ୍ରଧାନ ବିଚାରପତି କହିଛନ୍ତି, ଆଇନ ସଚିବ ନିଜେ ପ୍ରକଳ୍ପର ତଦାରଖ କରୁଛନ୍ତି । ଏଥିପାଇଁ ସରକାରଙ୍କ ପାଖରେ ବଜେଟର କୌଣସି ଅଭାବ ନାହିଁ । କାମ ଦ୍ରୁତ ଗତିରେ ଚାଲିଛି ।

# ହୁ'ରୁ ଓହରିଲା ଆମେରିକା

**ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି):** ଆମେରିକା ଏକ ବଡ଼ ପଦକ୍ଷେପ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ସଦସ୍ୟତା ସମାପ୍ତ କରିଛି । ଆମେରିକାର ସ୍ୱାସ୍ଥ୍ୟ ଏବଂ ମାନବ ସେବା ବିଭାଗ (HHS) ଏବଂ ବିଦେଶ ବିଭାଗ ମିଳିତ ଭାବରେ ଏହି ଆନୁଷ୍ଠାନିକ ଘୋଷଣା କରିଛନ୍ତି । ଏହି ନିଷ୍ପତ୍ତି ପରେ, ଜେନେଭାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମୁଖ୍ୟାଳୟ ବାହାରେ ଆମେରିକୀୟ ପତାକା ମଧ୍ୟ ହଟାଇ ଦିଆଯାଇଛି । ଆମେରିକା ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ସେ ଏବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହିତ କେବଳ ସୀମିତ ସହଯୋଗ ପ୍ରଦାନ କରିବ ଯାହା ଦ୍ୱାରା ପୃଥକୀକରଣ ପ୍ରକ୍ରିୟା ସୁଗମ ଭାବରେ ସମାପ୍ତ ହୋଇପାରିବ । ଜଣେ ବରିଷ୍ଠ ଆମେରିକା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି ଯେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ପର୍ଯ୍ୟବେକ୍ଷକ ଭାବରେ ପୁନର୍ବାର ଯୋଗଦେବା କିମ୍ବା ଭବିଷ୍ୟତରେ ପୁଣି ସଦସ୍ୟ ହେବାର କୌଣସି ଯୋଜନା ନାହିଁ। ଏହା ବଦଳରେ, ଆମେରିକା ରୋଗ ନିରୀକ୍ଷଣ ସମେତ ସ୍ୱାସ୍ଥ୍ୟ ପ୍ରସଙ୍ଗରେ ଅନ୍ୟ ଦେଶମାନଙ୍କ ସହିତ ସିଧାସଳଖ ଦ୍ୱିପାକ୍ଷିକ ସହଯୋଗକୁ ପ୍ରାଥମିକତା ଦେବ । COVID-୧୯ ମହାମାରୀ ସମୟରେ WHOର କଥିତ ବିଫଳତା ଉପରେ ଏହି ନିଷ୍ପତ୍ତି ନିଆଯାଇଛି, ଯାହା ଫଳରେ ଆମେରିକା ସଂଗଠନ ଉପରେ ବିଶ୍ୱାସ ହରାଇଛି । ଆମେରିକା ପ୍ରଶାସନ କହିଛି ଯେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମହାମାରୀ ପରିଚାଳନାରେ ଦୁର୍ବଳତା ପ୍ରଦର୍ଶନ କରିଛି ଏବଂ ଏଥିରେ ଗୁରୁତ୍ୱପୂର୍ଣ୍ଣ ସଂସ୍କାରର ଅଭାବ ରହିଛି । ଏବଂ ୨୦୨୫ ପାଇଁ ଆମେରିକା ପ୍ରାୟ ୨୬୦ ନିୟୁତ ଡଲାର ବକେୟା ଫି ବକେୟା ରଖିଛି । ଜଣେ ଡବ୍ଲ୍ୟୁଏଚ୍ଓ ମୁଖପାତ୍ର କହିଛନ୍ତି ଯେ ବକେୟା ଦେୟ ପରିଶୋଧ ନକରି ସମ୍ପୂର୍ଣ୍ଣ




ଗୋଟିଏ ବର୍ଷ ପୂର୍ବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ଦିନରେ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଜାରି କରି ଡବ୍ଲ୍ୟୁଏଚଓରୁ ଓହରିଯିବା ପ୍ରକ୍ରିୟା ଆରମ୍ଭ କରିଥିଲେ । ଆମେରିକାର ଆଇନ ଅନୁଯାୟୀ, ଓହରିଯିବା ପାଇଁ ଗୋଟିଏ ବର୍ଷର ନୋଟିସ ଆବଶ୍ୟକ । ଏହି ସମୟରେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦାବି କରିଛି ଯେ ୨୦୨୪ ପୃଥକୀକରଣ ଅସମ୍ଭବ । ଏହି ସମୟରେ, ଆମେରିକୀୟ ଅଧିକାରୀମାନେ ଅସ୍ୱୀକାର କରିଛନ୍ତି ଯେ ବକେୟା ଦେୟ ପୃଥକୀକରଣ ପାଇଁ ଏକ ସର୍ତ୍ତ। ଟ୍ରମ୍ପ ପ୍ରଶାସନ ପୂର୍ବରୁ ଡବ୍ଲ୍ୟୁଏଚ୍ଓକୁ ସମସ୍ତ ପାଣ୍ଠି ସ୍ଥଗିତ କରିସାରିଛି। ଆମେରିକାର ସ୍ୱାସ୍ଥ୍ୟ ଏବଂ ମାନବ ସେବା ବିଭାଗ ଅନୁଯାୟୀ, ସଂଗଠନ ଆମେରିକାକୁ ଯଥେଷ୍ଟ ଆର୍ଥିକ କ୍ଷତି ପହଞ୍ଚାଇଛି ।

# ମଝି ସମୁଦ୍ରରେ ଓଲଟିଲା ଜାହାଜ !

**ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି):** ମଝି ସମୁଦ୍ରରେ ହଠାତ ବୁଡିଗଲା ଜାହାଜ । ଦକ୍ଷିଣ ଚୀନ ସାଗରରେ ଏକ ଜାହାଜ ବୁଡ଼ିଯିବାରୁ ଅତି କମରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି ଏବଂ ଅନେକ ନିଖୋଜ ଅଛନ୍ତି । ସିଙ୍ଗାପୁର ପତାକା ଲଗାଯାଇଥିବା ଜାହାଜଟି ବୁଡ଼ିଯାଇଛି ବର୍ତ୍ତମାନ ଜୋରଦାର ସର୍ଚ୍ଚ ଅପରେସନ ଆରମ୍ଭ ହୋଇସାରିଛି। ଜାହାଜରେ ୨୧ ଜଣ ଫିଲିପାଇନ୍ସ କ୍ରୁ ସଦସ୍ୟ ଥିଲେ । ଜାହାଜଟି ଫିଲିପାଇନ୍ସରୁ ଚୀନର ଗୁଆଙ୍ଗଡୋଙ୍ଗ ପ୍ରଦେଶକୁ ଲୁହା ପଥର ଏକ ମାଲ ନେଇ ଯାତ୍ରା କରୁଥିଲା। ଏଥିରେ ମୋଟ ୨୧ ଜଣ ଫିଲିପାଇନ୍ସ କ୍ରୁ ସଦସ୍ୟ ଥିଲେ । ଚୀନ୍ ଅଧିକାରୀଙ୍କ ଅନୁଯାୟୀ, ପିପୁଲ୍ସ ଲିବରେସନ ଆର୍ମି ଦକ୍ଷିଣ ଥିଏଟର କମାଣ୍ଡ ଅଧୀନରେ ଚୀନ୍ ତଟରକ୍ଷୀ ବାହିନୀ ଏବଂ ନୌସେନା ଏକ ମିଳିତ ଉଦ୍ଧାର କାର୍ଯ୍ୟ କରିଥିଲେ । ବର୍ତ୍ତମାନ ସୁଦ୍ଧା, ୧୭ ଜଣଙ୍କୁ ଉଦ୍ଧାର କରାଯାଇଛି, ଯାହାଙ୍କ ମଧ୍ୟରୁ ୧୪ ଜଣଙ୍କ ଅବସ୍ଥା ସ୍ଥିର ଅଛି । ୨ ଜଣଙ୍କ ମୃତ୍ୟୁ ହୋଇଛି । ଜଣେ ଗୁରୁତର ଆହତ ହୋଇଛନ୍ତି ଏବଂ ଚିକିତ୍ସା ପାଉଛନ୍ତି ।ବାକି ଚାରି ଜଣ ଏବେ ବି ନିଖୋଜ ଅଛନ୍ତି, ଏବଂ ଖୋଜା ଚାଲିଛି । ଦୁର୍ଘଟଣାଟି ସ୍କାରବୋରୋ ଶୋଲ୍ର ଉତ୍ତର-ପଶ୍ଚିମରେ ପ୍ରାୟ ୧୦୦ କିଲୋମିଟର ଘଟିଛି । ଏହି ଅଞ୍ଚଳ ଦକ୍ଷିଣ ଚୀନ୍ ସାଗରର ସବୁଠାରୁ ବିବାଦୀୟ ଅଂଶ, ଯାହାକୁ ଚୀନ୍, ଫିଲିପାଇନ୍ସ, ଭିଏତନାମ, ମାଲେସିଆ, ବ୍ରୁନେଇ ଏବଂ ତାଇୱାନ ନିଜର ବୋଲି ଦାବି କରି ଆସୁଛନ୍ତି । ଫିଲିପାଇନ୍ସ ଏହାକୁ ବାଜୋ ଡି ମାସିନଲୋକ୍ ବୋଲି କୁହେ । ରାତିରେ ଜାହାଜ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା । ଫିଲିପାଇନ୍ସ ତଟରକ୍ଷୀ ବାହିନୀ ସହାୟତା ପାଇଁ ଦୁଇଟି ଜାହାଜ ଏବଂ ଏକ ବିମାନ ମଧ୍ୟ ପଠାଇଥିଲା ।ଉଭୟ ଦେଶ ପୃଥକ ଭାବରେ ଉଦ୍ଧାର କାର୍ଯ୍ୟ କରିଥିଲେ, କିନ୍ତୁ ଚୀନ୍ ସେନା ଅଧିକାଂଶ ଉଦ୍ଧାର କାର୍ଯ୍ୟ କରିଥିଲେ । ଏହି ଅଞ୍ଚଳ ଚୀନ୍ ଏବଂ ଫିଲିପାଇନ୍ସ ମଧ୍ୟରେ ପ୍ରାୟତଃ ସଂଘର୍ଷର ବିଷୟ ହୋଇଆସିଛି, ଯେଉଁଠାରେ ଜାହାଜ ଧକ୍କା ଏବଂ ପାଟ୍ରୋଲିଂ ସମ୍ବନ୍ଧୀୟ ଘଟଣା ସାଧାରଣ । ଅଗଷ୍ଟ ମାସରେ, ସେହି ଅଞ୍ଚଳରେ ଚୀନ୍ ଜାହାଜ ମଧ୍ୟରେ ଏକ ଦୁର୍ଘଟଣାଜନିତ ଧକ୍କା ହୋଇଥିଲା । ଘଟଣାର ତଦନ୍ତ ଚାଲିଛି, ଏବଂ ସିଙ୍ଗାପୁରର ସାମୁଦ୍ରିକ ଏବଂ ବନ୍ଦର କର୍ତ୍ତୃପକ୍ଷ ମଧ୍ୟ ଜାହାଜ ବୁଡିବା ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

# ଭାରତ ବିରୋଧରେ ବିଷ ଓଗାଳିଲା ବାଂଲାଦେଶ

**ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି):** ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ବୈଦେଶିକ ପରାମର୍ଶଦାତା ତୌହିଦ ହୁସେନ ଭାରତ ସହିତ ସମ୍ପର୍କ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଦେଇଛନ୍ତି। ବିବିସି ସହିତ ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ ବାଂଲାଦେଶ ଭାରତ ସହିତ ସମ୍ପର୍କକୁ କ୍ଷତି ପହଞ୍ଚାଇବା ପାଇଁ କୌଣସି ପଦକ୍ଷେପ ନେଇନାହିଁ। ସେ ଭାରତକୁ ପ୍ରଶ୍ନ କରିଛନ୍ତି, ଆମେ ସମ୍ପର୍କକୁ କ୍ଷତି ପହଞ୍ଚାଇବା ପାଇଁ କ'ଣ କଲୁ ? ତୌହିଦ କହିଛନ୍ତି ଯେ ଦିଲ୍ଲୀରେ ତାଙ୍କ ପ୍ରତିପକ୍ଷଙ୍କୁ ପଚରାଯାଇପାରିବ ଯେ ବାଂଲାଦେଶ ଦ୍ୱାରା କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇଛି କି ?ତୌହିଦ ହୁସେନଙ୍କ ସାକ୍ଷାତକାର ଏପରି ଏକ ସମୟରେ ଆସିଛି ଯେତେବେଳେ ଭାରତ-ବାଂଲାଦେଶ ସମ୍ପର୍କ ଏକ ଉତ୍ତେଜନାପୂର୍ଣ୍ଣ ସମୟ ଦେଇ ଗତି କରୁଛି । ମହମ୍ମଦ ୟୁନୁସ ଅଗଷ୍ଟ ୨୦୨୪ ରେ କ୍ଷମତାକୁ ଆସିଥିଲେ ଏବଂ ବାଂଲାଦେଶରେ ଏବେ ଫେବୃଆରୀ ୧୨, ୨୦୨୬ ରେ ସଂସଦୀୟ ନିର୍ବାଚନ ହେବାକୁ ଯାଉଛି । ତୌହିଦ ହୁସେନ ଢାକାରୁ ଭାରତର କୂଟନୀତିଜ୍ଞମାନଙ୍କୁ ପ୍ରତ୍ୟାହାର କରିବାର ନିଷ୍ପତ୍ତି ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ । ସେ କହିଥିଲେ, ଆମେ ଭାରତୀୟମାନଙ୍କୁ ସୁରକ୍ଷା ଦେଇପାରି ନଥିଲୁ ବୋଲି କୌଣସି ପ୍ରମାଣ ନାହିଁ । ତେଣୁ, ଆମେ ଦିଲ୍ଲୀର ଏହି ନିଷ୍ପତ୍ତିକୁ ପସନ୍ଦ କରୁନାହୁଁ । ହିନ୍ଦୁମାନଙ୍କ ସୁରକ୍ଷା ଏବଂ ସାମ୍ପ୍ରତିକ ଆକ୍ରମଣ ସମ୍ପର୍କରେ ଭାରତର ଚିନ୍ତାର ଉତ୍ତର ଦେଇଛନ୍ତି ତୌହିଦ ହୁସେନ । ସେ କହିଛନ୍ତି, ଆମେ ଭାରତରେ ସଂଖ୍ୟାଲଘୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଉପରେ ମନ୍ତବ୍ୟ ଦେଉନାହୁଁ । ମୁଁ ଆଶା କରୁଛି ଯେ ଭାରତୀୟ କର୍ତ୍ତୃପକ୍ଷ ସମାନ ନୀତି ଗ୍ରହଣ କରିବେ। ଯଦି ଆମ ନାଗରିକଙ୍କ ବିରୋଧରେ ଅତ୍ୟାଚାର ହୁଏ, ତେବେ ଆମ ପାଖରେ ସେମାନଙ୍କ ମୁକାବିଲା ପାଇଁ ବ୍ୟବସ୍ଥା ଅଛି । ଭାରତ ଯଦି ଏହାର ସଂଖ୍ୟାଲଘୁଙ୍କ ଯତ୍ନ ନିଏ ତେବେ ଭଲ ହେବ । ଆମେ ଆମର କାମ ନିଜେ କରିବୁ । ସମ୍ପର୍କର ସ୍ଥିତି ସମ୍ପର୍କରେ ସେ କହିଛନ୍ତି, ମୁଁ ଜାଣିନାହିଁ ଯେ ସମ୍ପର୍କ ସବୁଠାରୁ ତଳକୁ ପହଞ୍ଚିଛି କି ନାହିଁ, କିନ୍ତୁ ମୁଁ ଭାବୁଛି ବାଂଲାଦେଶ ଏବଂ ଭାରତ ମଧ୍ୟରେ ସମ୍ପର୍କ ଉଭୟ ଦେଶ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କୁ ଉନ୍ନତ କରିବା ପାଇଁ ପଦକ୍ଷେପ ନିଆଯିବା ଉଚିତ । ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ ସେ ଆଶା କରିଥିଲେ ଯେ ସେ ବାଂଲାଦେଶର ବର୍ତ୍ତମାନର ପରିସ୍ଥିତି ସହିତ ଅସଙ୍ଗତ ବୟାନ ଦେବାରୁ ନିବୃତ୍ତ ରହିବେ, କିନ୍ତୁ ତାହା ହୋଇନାହିଁ। ପାକିସ୍ତାନ ସହିତ ବାଂଲାଦେଶର ବଢୁଥିବା ସମ୍ପର୍କ ବିଷୟରେ ତୌହିଦ ହୁସେନ କହିଛନ୍ତି ଯେ ପୂର୍ବ ଶାସନ (ଶେଖ ହସିନାଙ୍କ) ସମୟରେ ପାକିସ୍ତାନ ସହିତ ସମ୍ପର୍କ ଜାଣିଶୁଣି ଖରାପ ହୋଇଥିଲା । ବର୍ତ୍ତମାନ, କିଛି ପ୍ରସଙ୍ଗ ଉପରେ ଆଲୋଚନା ହେଉଛି ଏବଂ ସ୍ୱାଭାବିକ ସମ୍ପର୍କ ସ୍ଥାପନ ପାଇଁ ପ୍ରୟାସ କରାଯାଉଛି । ସେ କହିଛନ୍ତି, ଯେକୌଣସି ଦେଶ ସହିତ ଉତ୍ତମ ସମ୍ପର୍କ ଚାହିଁବାରେ କ'ଣ ଭୁଲ ଅଛି ? ଏକ ପଡ଼ୋଶୀ ଦେଶ ଭାବରେ, ଆମେ ସେମାନଙ୍କ ସହିତ ସ୍ୱାଭାବିକ ସମ୍ପର୍କ ଚାହୁଁ, ଯେପରି ଆମେ ଅନ୍ୟ ଦେଶ ସହିତ ଚାହୁଁ ।

# ଖୁବଶୀଘ୍ର ଲୋକଙ୍କଠୁ ରୋବୋ ସଂଖ୍ୟା ଅଧିକ ହେବ

**ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି):** ଆମେରିକୀୟ ଅରବପତି ତଥା ଟେସ୍ଲା ସିଇଓ ଏଲନ୍ ମସ୍କ ଗୁରୁବାର ରୋବୋ ଆଧାରିତ ଭବିଷ୍ୟତକୁ ନେଇ ବଡ଼ ଟିପ୍ପଣୀ ଦେଇଛନ୍ତି । ସେ କହିଛନ୍ତି, ଆସନ୍ତା ବର୍ଷ ଶେଷ ସୁଦ୍ଧା ଆମେ ସମ୍ଭବତଃ ଲୋକଙ୍କୁ ହ୍ୟୁମାନଏଡ୍ ରୋବୋ ବିକ୍ରି କରିବାକୁ ସମର୍ଥ ହେବୁ । ଖୁବଶୀଘ୍ର ଲୋକଙ୍କ ତୁଳନାରେ ରୋବୋ ସଂଖ୍ୟା ଅଧିକ ହେବାକୁ ଯାଉଛି । ଲୋକମାନେ ବର୍ତ୍ତମାନ ଯେମିତି ସ୍ମାର୍ଟଫୋନ୍ ବ୍ୟବହାର କରୁଛନ୍ତି, ଦିନ ଆସିବ ସମସ୍ତଙ୍କ ପାଖରେ ରୋବୋ ରହିଥିବ । ପୃଥିବୀରେ ବାସ କରୁଥିବା ପ୍ରତ୍ୟେକ ଲୋକ ଏହାର ଅଧିକାରୀ ହେବାକୁ ଯାଉଛନ୍ତି ଯପିଲାଙ୍କ ଉପରେ ନଜର ରଖିବା, ପୋଷା ଜୀବଜନ୍ତୁଙ୍କ ଦେଖାଶୁଣା କରିବାଠାରୁ ଆରମ୍ଭ କରି ଅନେକ ବଡ଼ କାର୍ଯ୍ୟ ପର୍ଯ୍ୟନ୍ତ, ଲୋକମାନେ ହ୍ୟୁମାନଏଡ୍ ରୋବୋ ନିଜ ପାଖରେ ରଖିବାକୁ ଚାହିଁବେ । ତେବେ ମସ୍କଙ୍କର ଏହି ବୟାନ କେତେଦୂର ବାସ୍ତବ ରୂପ ନେବ, ତାହା ନେଇ କୌଣସି ସ୍ପଷ୍ଟ ଆକଳନ ନାହିଁ । କାରଣ ଏହା ପୂର୍ବରୁ ବି ସେ



ଏହିଭଳି ବୟାନ ଦେଇଥିଲେ । ତାଙ୍କ କମ୍ପାନି ୨୦୨୫ରେ ହ୍ୟୁମାନଏଡ୍ ରୋବୋ ଉତ୍ପାଦନ କରିବ ବୋଲି ସେ କହିଥିଲେ ।୨୦୨୬ରେ ଏହାର ବଜାର ପ୍ରବେଶ ନେଇ ସେ ଦୃଢୋକ୍ତି ପ୍ରକାଶ କରିଥିଲେ । ଏଥର ସେ ୨୦୨୭ ପାଇଁ ଟାର୍ଗେଟ୍ ରଖିଛନ୍ତି । ଅନ୍ୟପକ୍ଷରେ ଟେସ୍ଲା ବ୍ୟତୀତ ଅନ୍ୟ କେତେକ ପ୍ରମୁଖ କମ୍ପାନି ମଧ୍ୟ ହ୍ୟୁମାନଏଡ୍ ରୋବୋ ପ୍ରକଳ୍ପ ଉପରେ ଗୁରୁତ୍ୱ ଦେଉଛନ୍ତି । ଶ୍ରମ ଅଭାବର ପ୍ରତିକାର ଲାଗି ସେମାନେ ଫୋକସ୍ କରୁଛନ୍ତି । ଲଜିଷ୍ଟିକ୍ସ, ପଣ୍ୟାଗାର, ଖୁଚୁରା ଶିଳ୍ପ ଓ ବନିର୍ମାଣ କ୍ଷେତ୍ର ପାଇଁ ରୋବୋ ଆଣିବା ଲାଗି ସେମାନେ କାର୍ଯ୍ୟ କରୁଛନ୍ତି ।

# କଂଗ୍ରେସକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସିଧା ଟାର୍ଗେଟ୍

**ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି):** କେରଳରୁ କଂଗ୍ରେସକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସିଧା ଟାର୍ଗେଟ୍ । କଂଗ୍ରେସକୁ ସମାଲୋଚନା କରିବା ସହ ରାଜ୍ୟର ବିକାସ ପାଇଁ ପରିବର୍ତ୍ତନ ଜରୁରୀ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ଆଜି କେରଳ ଗସ୍ତରେ ଅଛନ୍ତି ପ୍ରଧାନମନ୍ତ୍ରୀ। ରାଜ୍ୟ ପାଇଁ ଅନେକ ବିକାଶମୂଳକ ପ୍ରକଳ୍ପର ଘୋଷଣା କରିଛନ୍ତି । ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିବା ସହ ନୂତନ ଟ୍ରେନ ସେବାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, କେନ୍ଦ୍ର ସରକାରଙ୍କ ପ୍ରୟାସ କେରଳର ବିକାଶକୁ ନୂତନ ଗତି ଦେଇଛି । କେରଳର ବିକାଶରେ ଏକ ନୂତନ ଅଧ୍ୟାୟର ଆରମ୍ଭ ହୋଇଛି । ରେଳ ସଂଯୋଗୀକରଣକୁ ଆହୁରି ସୁଦୃଢ଼ କରାଯାଇଛି । ଏହି ପ୍ରକଳ୍ପଗୁଡ଼ିକ ତିରୁବନନ୍ତପୁରମକୁ ଦେଶର ପ୍ରମୁଖ କେନ୍ଦ୍ର ମଧ୍ୟରେ ପ୍ରତିଷ୍ଠା କରିବାରେ ସାହାଯ୍ୟ କରିବ ଏବଂ ବିକଶିତ କେରଳ ପାଇଁ, ବିଜେପିକୁ ବହୁମତ ଦିଆଯିବା ଆବଶ୍ୟକ ବୋଲି ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ତିନୋଟି ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଏବଂ ଗୋଟିଏ ତ୍ରିସୁର-ଗୁରୁଭାୟୁର ପାସେଞ୍ଜର ଟ୍ରେନର ଶୁଭାରମ୍ଭ କରିଛନ୍ତି । ଏହି ନୂତନ ଟ୍ରେନ୍ ସେବା କେରଳ, ତାମିଲନାଡୁ, କର୍ଣ୍ଣାଟକ, ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶ ମଧ୍ୟରେ ଆଞ୍ଚଳିକ ରେଳ ସଂଯୋଗକୁ ଆହୁରି ସୁଦୃଢ଼ କରିବ। ପ୍ରଧାନମନ୍ତ୍ରୀ ମୋଦୀ କେରଳବାସୀ ଏବଂ ସମଗ୍ର ଦେଶକୁ ଏହି ବିକାଶ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ସମଗ୍ର ଦେଶ ଏକ ବିକଶିତ ଭାରତ ଗଠନ ପାଇଁ ଏକାଠି କାମ କରୁଛି । ଗତ ୧୧ ବର୍ଷ ମଧ୍ୟରେ, କେନ୍ଦ୍ର ସରକାର ସହରାଞ୍ଚଳ ଭିତ୍ତିଭୂମିରେ ବ୍ୟାପକ ନିବେଶ କରିଛନ୍ତି ଏବଂ ସହରଗୁଡ଼ିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଅନ୍ୟପଟେ ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତ ଭାଷଣରେ, କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପ୍ରକଳ୍ପଗୁଡ଼ିକ ରାଜ୍ୟର ବିକାଶ ଉପରେ ସୁଦୂରପ୍ରସାରୀ ପ୍ରଭାବ ପକାଇବ । ଏହି ପ୍ରକଳ୍ପଗୁଡ଼ିକ କେରଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ରାଜ୍ୟ ସରକାର ଦୀର୍ଘ ସମୟ ଧରି ଏହି ପ୍ରକଳ୍ପଗୁଡ଼ିକ ପାଇଁ କେନ୍ଦ୍ରୀୟ ଅନୁମୋଦନ ଲୋଡ଼ି ଆସୁଥିଲେ ।

# କେରଳ କଂଗ୍ରେସ ନିର୍ବାଚନ ବୈଠକକୁ ଶଶିଙ୍କ ବର୍ଜନ

**ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି):** କେରଳ ବିଧାନସଭା ନିର୍ବାଚନ ପାଇଁ ଦଳର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିବାକୁ କଂଗ୍ରେସ ହାଇକମାଣ୍ଡ ଦ୍ୱାରା ଡକାଯାଇଛି ବୈଠକ । ଯେଉଁଥିରେ କଂଗ୍ରେସ ସାଂସଦ ଶଶି ଥରୁର ଯୋଗ ଦେବେ ନାହିଁ । କୋଚିରେ ଅନୁଷ୍ଠିତ ଏକ ମହାପଞ୍ଚାୟତ କାର୍ଯ୍ୟକ୍ରମରେ ଥରୁର ଅପମାନିତ ଅନୁଭବ କରିବା ପରେ ଏହି ନିଷ୍ପତ୍ତି ନେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଦଳର ସାଂସଦ ରାହୁଲ ଗାନ୍ଧୀ ମଧ୍ୟ ଉପସ୍ଥିତ ଥିଲେ । ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବୈଠକରେ ଥରୁରଙ୍କ ଅନୁପସ୍ଥିତି ଉଚ୍ଚସ୍ତରୀୟ ରାଜ୍ୟ ନିର୍ବାଚନ ପୂର୍ବରୁ ଦଳ ଭିତରେ ଥିବା ଦ୍ୱନ୍ଦ୍ୱକୁ ଇଙ୍ଗିତ କରୁଛି । କଂଗ୍ରେସ ସୂତ୍ରରୁ ସୂଚନା ମିଳିଛି ଯେ, ସେ ବର୍ତ୍ତମାନ କଂଗ୍ରେସର ରାଜ୍ୟ ଏବଂ କେନ୍ଦ୍ରୀୟ ନେତୃତ୍ୱ ଉପରେ କ୍ଷୁବ୍ଧ, ଯେଉଁ କାରଣରୁ ସେ ବୈଠକରେ ଯୋଗ ନ ଦେବାକୁ ନିଷ୍ପତ୍ତି ନେଇଛନ୍ତି । ରିପୋର୍ଟ ଅନୁସାରେ, ଥରୁର ତାଙ୍କର ନିକଟତମ ସହକର୍ମୀଙ୍କ ପାଖରେ ନିଜର ନିରାଶା ପ୍ରକାଶ କରିଛନ୍ତି ଏବଂ କହିଛନ୍ତି ଯେ, ଏହି ଘଟଣା ଦଳରେ ତାଙ୍କ ଅବଦାନକୁ ଅଣଦେଖା କରିବାର ଏକ ବଡ଼ ନମୁନାକୁ ପ୍ରତିଫଳିତ କରେ । କୋଚି କାର୍ଯ୍ୟକ୍ରମରେ ବସିବା ବ୍ୟବସ୍ଥା ଏବଂ ଭାଷଣ ସୂଚୀରେ ସମସ୍ୟା ଦେଖାଦେଇଥିଲା । ରିପୋର୍ଟ ଅନୁଯାୟୀ, ଥରୁରଙ୍କୁ କୁହାଯାଇଥିଲା ଯେ ତାଙ୍କ ପରେ କେବଳ ରାହୁଲ ଗାନ୍ଧୀ କହିବେ, କିନ୍ତୁ ପରେ ଅନ୍ୟ ନେତାମାନେ ମଧ୍ୟ ଭାଷଣ ଦେଇଥିଲେ । ଏହି ଅବ୍ୟବସ୍ଥା ସର୍ବସାଧାରଣରେ ଥରୁରଙ୍କ ବରିଷ୍ଠତା ପ୍ରତି ଅପମାନ ବୋଲି ସେ କହିଥିଲେ । ପ୍ରାରମ୍ଭିକ ନିର୍ଦ୍ଦେଶ ସତ୍ତ୍ୱେ, ରାହୁଲ ଗାନ୍ଧୀଙ୍କ ଭାଷଣ କାର୍ଯ୍ୟକ୍ରମ ସରିବା ପରେ ଦଳର ଅନ୍ୟ ନେତାମାନେ କାର୍ଯ୍ୟକ୍ରମରେ ଭାଷଣ ଦେଇଥିଲେ ।ଯାହା ପରେ ଶଶି ଥରୁର ରାଗି ଯାଇଥିଲେ । ବକ୍ତାଙ୍କ କ୍ରମ ସମ୍ପର୍କରେ ପ୍ରୋଟୋକଲର ଉଲ୍ଲଂଘନ ମଧ୍ୟ ଦେଖାଯାଇଥିଲା । ଏହି ଘଟଣା ଦଳୀୟ କର୍ମୀଙ୍କ ମଧ୍ୟରେ ଶୃଙ୍ଖଳା ଏବଂ ବରିଷ୍ଠ ନେତାଙ୍କ ପ୍ରତି ସମ୍ମାନ ବିଷୟରେ ଏକ ବିତର୍କ ସୃଷ୍ଟି କରିଛି । ମହାପଞ୍ଚାୟତରେ ତାଙ୍କ ଭାଷଣ ସମୟରେ ରାହୁଲ ଗାନ୍ଧୀ ଶଶି ଥରୁରଙ୍କ ନାଁକୁ ବାଦ୍ ଦେଇଥିଲେ । ଏହି ଅବହେଳା ଶଶି ଥରୁରଙ୍କ ଅସନ୍ତୋଷକୁ ଆହୁରି ବଢ଼ାଇ ଦେଇଛି । ଥରୁର କଂଗ୍ରେସ ହାଇକମାଣ୍ଡ ବୈଠକରେ ଯୋଗ ଦେବେ ନାହିଁ ।



### ଜୁଭେଣ୍ଟସ୍ ହେଲଥକେୟାର ବନ୍ଦ ଗୁଜବକୁ ଖଣ୍ଡନ

## କାର୍ଯ୍ୟକ୍ଷମ ଶକ୍ତି ଏବଂ ନେତୃତ୍ୱ ଅଭିବୃଦ୍ଧିକୁ ପୁନଃ ନିଶ୍ଚିତ କରୁଛି

ଭୁବନେଶ୍ୱର/ମୁମ୍ବାଇ: ୨୦୦୨ ରେ ପ୍ରତିଷ୍ଠିତ ଏକ ଅଗ୍ରଣୀ ଭାରତୀୟ ଔଷଧ କମ୍ପାନୀ ଏବଂ ଏମ୍ସ୍ୟୁର୍ ଫାର୍ମାସ୍ୟୁଟିକାଲସ୍ (ବିଏସ୍ଇ ଏବଂ ଏନ୍‌ଏସ୍ଇରେ ତାଲିକାଭୁକ୍ତ) ର ଏକ ସହାୟକ କମ୍ପାନୀ ଜୁଭେଣ୍ଟସ୍ ହେଲଥକେୟାର ଲିମିଟେଡ୍, କମ୍ପାନୀର ଭବିଷ୍ୟତ ସମ୍ପର୍କରେ ମିଥ୍ୟା ଏବଂ ଭ୍ରାମକ ସୂଚନାକୁ ସମାଧାନ କରିବା ଏବଂ ଖାରଜ କରିବା ପାଇଁ ଏକ ଆନୁଷ୍ଠାନିକ ସ୍ପଷ୍ଟୀକରଣ ଜାରି କରିଛି। ଜୁଭେଣ୍ଟସ୍ ବନ୍ଦ କିମ୍ବା ପୁନଃବ୍ରାଣ୍ଡିଂର ଗୁଜବକୁ ସ୍ପଷ୍ଟ ଭାବରେ ଅସ୍ୱୀକାର କରିଛି। ଜୁଭେଣ୍ଟସ୍ ଆହୁରି ସ୍ପଷ୍ଟ କରିଛି ଯେ ଏହାର ବ୍ୟବସାୟିକ ସମ୍ପତ୍ତିର କୌଣସି ବନ୍ଦ, ନିଲମ୍ବନ କିମ୍ବା ସ୍ଥାନାନ୍ତର ହୋଇନାହିଁ ଏବଂ ଏହାର କ୍ଷେତ୍ର କର୍ମଚାରୀମାନେ ସାରା ଦେଶରେ ପୂର୍ଣ୍ଣ ଶକ୍ତିରେ କାର୍ଯ୍ୟ ଜାରି ରଖିଛନ୍ତି। ଜୁଭେଣ୍ଟସ୍ ସ୍ପଷ୍ଟ କରୁଛି ଯେ ଏହାର - ଜୋରଭିଆ ହେଲଥକେୟାର ଲିମିଟେଡ୍ ନାମକ କୌଣସି ସଂସ୍ଥା ସହିତ କୌଣସି ସମ୍ପର୍କ କିମ୍ବା ସମ୍ପର୍କ ନାହିଁ ଏବଂ ଏପରି ଦାବିଗୁଡ଼ିକ ଭୁଲ ଏବଂ ଭ୍ରାମକ। ଜୁଭେଣ୍ଟସ୍ ଏହାର ଅଂଶୀଦାରମାନଙ୍କ ପାଇଁ ଉଚ୍ଚମାନର ଏବଂ ସୁଲଭ ଔଷଧ ବିକାଶ, ଉତ୍ପାଦନ ଏବଂ ବିପଣନ କରିବାର ଦାୟିତ୍ୱ ପ୍ରତି ପ୍ରତିବଦ୍ଧ। କମ୍ପାନୀ ଏହାର ଅଂଶୀଦାରମାନଙ୍କ ମଧ୍ୟରେ ଏହାର ସଦଭାବନାକୁ ସୁରକ୍ଷା ଦେବା ପାଇଁ ଆଇନ ଅନୁଯାୟୀ ଉପଯୁକ୍ତ ଆଇନଗତ ପ୍ରତିକାରଗୁଡ଼ିକୁ ସକ୍ରିୟ ଭାବରେ ଅନୁସରଣ କରୁଛି।

## ହୋଟେଲ ପ୍ରାଚୀରେ 'ସିଲ୍କ ଇଣ୍ଡିଆ' ପ୍ରଦର୍ଶନୀ ଆରମ୍ଭ

ଭୁବନେଶ୍ୱର, ୨୩।୧ (ନି.ପ୍ର): ପାର୍ବଣ ଓ ବିବାହ ଋତୁକୁ ନଜରରେ ରଖି ଭୁବନେଶ୍ୱରରେ ସିଲ୍କ ଇଣ୍ଡିଆ ପ୍ରଦର୍ଶନୀ ଲୋକଙ୍କୁ ଆକର୍ଷିତ କରିବାକୁ ପ୍ରସ୍ତୁତ ହୋଇଛି। ସମସ୍ତ ଅବସର ପାଇଁ ଉପଯୁକ୍ତ ବିଭିନ୍ନ ପ୍ରକାରର ରେଶମ ଶାଢ଼ି ଗୋଟିଏ ସ୍ଥାନରେ ପ୍ରଦାନ କରିବା ଉଦ୍ଦେଶ୍ୟରେ ଓଡ଼ିଶା କଳା ଓ ଶିଳ୍ପ ପକ୍ଷରୁ ଭୁବନେଶ୍ୱର ଜନପଥ ହୋଟେଲ ପ୍ରାଚୀରେ ସିଲ୍କ ଇଣ୍ଡିଆ ପ୍ରଦର୍ଶନୀ ଆୟୋଜନ କରାଯାଇଛି। ଦଶ ଦିନିଆ ଏହି ପ୍ରଦର୍ଶନୀରେ ଗ୍ରାହକଙ୍କୁ ପର୍ବପର୍ବାଣୀ ଏବଂ ବିବାହ ପାଇଁ ଉପଯୁକ୍ତ ବିଭିନ୍ନ ପ୍ରକାରର ସ୍ୱତନ୍ତ୍ର ଶାଢୀ ଏବଂ ପୋଷାକ ସାମଗ୍ରୀ ପ୍ରଦାନ କରାଯାଇଛି। ୧୩ ଟି ରାଜ୍ୟର ହସ୍ତତନ୍ତ ଶାଢୀ ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ଅଟେ। ଉଦଘାଟନ ପରେ ମଡେଲମାନେ ଏକ ସୁନ୍ଦର ରାମ୍ପ ୱାକ୍ ମାଧ୍ୟମରେ ଭାରତର ୧୫୦ ରୁ ଅଧିକ ବୁଣାକାର ଏବଂ ଡିଜାଇନରଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଶାଢୀ ପ୍ରଦର୍ଶନ କରିଥିଲେ। ଏହି



ଅବସରରେ ଓଡ଼ିଶା କଳା ଓ ଶିଳ୍ପର ପରିଚାଳନା ନିର୍ଦ୍ଦେଶକ ମାନସ ଆଚାର୍ଯ୍ୟ କହିଛନ୍ତି ଯେ, 'ରେଶମ ବୁଣାର ପାରମ୍ପରିକ କଳାକୁ ବଂଚାଇ ରଖିବା ପାଇଁ ସଂଗଠନ ଅନେକ ବର୍ଷ ଧରି ନିରନ୍ତର କାର୍ଯ୍ୟ କରିଆସୁଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଦେଶର ବିଭିନ୍ନ ପ୍ରାନ୍ତରୁ ବୁଣାକାର ଏବଂ ଡିଜାଇନରଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ପ୍ରକାରର ରେଶମ ସଂଗ୍ରହ ପ୍ରଦର୍ଶନୀରେ ପ୍ରଦର୍ଶିତ ହେଉଛି। ମାନସ ଆଚାର୍ଯ୍ୟ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ ଏହି ପ୍ରଦର୍ଶନୀ ଜାନୁୟାରୀ ୨୩ ରୁ ଫେବୃଆରୀ ୧, ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି ଏବଂ ପ୍ରତିଦିନ ସକାଳ ୧୦:୩୦ ରୁ ରାତି ୮:୩୦ ପର୍ଯ୍ୟନ୍ତ ଖୋଲା ରହିବ। ସିଲ୍କ ଇଣ୍ଡିଆ ପ୍ରଦର୍ଶନୀରେ ଦେଶର ବିଭିନ୍ନ ପ୍ରାନ୍ତରୁ ଲୋକପ୍ରିୟ ରେଶମ ଶାଢୀ ଏବଂ ପୋଷାକ ସାମଗ୍ରୀର ଏକ ଚିତାକର୍ଷକ ସଂଗ୍ରହ ଉପସ୍ଥାପନ କରାଯାଇଛି।'ଏହି ପ୍ରଦର୍ଶନୀରେ ଥିବା ପ୍ରତ୍ୟେକ ଶାଢୀ ଏବଂ ପୋଷାକ ସାମଗ୍ରୀ ନିଜ ଢଙ୍ଗରେ ଅନନ୍ୟ ଏବଂ ଆକର୍ଷଣୀୟ। ସେ କହିଛନ୍ତି ଯେ ପ୍ରଦର୍ଶନୀରେ ୮୦ ରୁ ଅଧିକ ଷ୍ଟଲ୍ ସ୍ଥାପନ କରାଯାଇଛି, ଯେଉଁଥିରେ ରେଶମ ଶାଢୀ, ସୁଟ୍, ଡ୍ରେସ୍ ସାମଗ୍ରୀ, ଷ୍ଟୋଲ, କୁର୍ତୀ, ଦୁପଟ୍ଟା, କୁର୍ତା, ଜୋତା ଏବଂ ଘରୋଇ ସାଜସଜ୍ଜା ସାମଗ୍ରୀ ପ୍ରଦାନ କରାଯାଇଛି। ପର୍ଯ୍ୟଟକମାନେ ବିଭିନ୍ନ ରାଜ୍ୟର ପ୍ରସିଦ୍ଧ ରେଶମ ଶାଢୀର ଏକ ଉତ୍କୃଷ୍ଟ ସଂଗ୍ରହ ଦେଖିବାକୁ ପାଇବେ, ଯେଉଁଥିରେ ଓଡ଼ିଶାର ସମ୍ବଲପୁରୀ ଇକତ ରେଶମ, ବିହାରର ଜୈବିକ ଟସର ସିଲ୍କ, ଆସାମର ମୁଗା ଏବଂ ଏରି ସିଲ୍କ, କର୍ଣ୍ଣାଟକର କ୍ରେପ, ଜର୍ଜେଟ ଏବଂ ଅରାନୀ ସିଲ୍କ, ତାମିଲନାଡୁର କାଚିପୁରମ୍ ସିଲ୍କ, ଉତରପ୍ରଦେଶର ମଲବେରୀ, ଜାମାୱାର ଏବଂ ଜାମଦାନୀ ସିଲ୍କ, ଛତିଶଗଡର କୋସା ସିଲ୍କ ଅନ୍ତର୍ଭୁକ୍ତ। ଜାମ୍ମୁ କାଶ୍ମୀରର ଚିନାର ଏବଂ ଟେଡି ସିଲ୍କ, ରାଜସ୍ଥାନର କୋଟା ସିଲ୍କ, ପାବର ଫୁଲକାରୀ ପୋଷାକ ସହିତ ଅନ୍ୟାନ୍ୟ ରାଜ୍ୟର ରେଶମ ଏବଂ ପୋଷାକ ସାମଗ୍ରୀ। ସେ ଆହୁରି ମଧ୍ୟ ଉଲ୍ଲେଖ କରିଛିଁ ଯେ ରେଶମ ଶାଢୀ ଉପରେ ସ୍ୱତନ୍ତ୍ର ରିହାତି ଦିଆଯାଉଛି। ପ୍ରବେଶ ମାଗଣା ଏବଂ ସମସ୍ତ ଅନଲାଇନ୍ ପେମେଟ୍ ସୁବିଧା ଭେନ୍ୟୁରେ ଉପଲବ୍ଧ।

## ନେତାଜୀ ଜୟନ୍ତୀ ଅବସରରେ ଭେଟେରାନ୍ସ କ୍ଲବ୍ ଓଡ଼ିଶା ପକ୍ଷରୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ

ଭୁବନେଶ୍ୱର, ୨୩/୧ (ନି.ପ୍ର): ଆଜି ପବିତ୍ର ନେତାଜୀ ଜୟନ୍ତୀ ଅବସରରେ ଭେଟେରାନ୍ସ କ୍ଲବ୍ ଓଡ଼ିଶା ପକ୍ଷରୁ ରସୁଲଗଡ଼ ସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ଅନେକ ରାଜ୍ୟସ୍ତରୀୟ ସଙ୍ଗଠନମାନଙ୍କ




ପକ୍ଷରୁ ଏହି ଅବସରରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଉଥିଲା ବେଳେ ଭେଟେରାନ୍ସ କ୍ଲବ୍ ଓଡ଼ିଶା ପକ୍ଷରୁ ସ୍ୱାଧୀନତା ସଂଗ୍ରାମରେ ନେତାଜୀଙ୍କ ବିଶେଷ ଯୋଗଦାନ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ବ୍ୟାନର ଉପସ୍ଥାପନ କରାଯାଇଥିଲା। ନେତାଜୀଙ୍କ ବ୍ୟକ୍ତିତ୍ୱ ଓ ସ୍ୱାଧୀନତା ସଂଗ୍ରାମରେ ଅଦମ୍ୟ ସାହସର ପରାକାଷ୍ଠା ପ୍ରଦର୍ଶନ ଉପରେ ଆଲୋକପାତ କରି ଭେଟେରାନ୍ସ କ୍ଲବ୍ ଓଡ଼ିଶା ସଭାପତି ଭେଟେରାନ୍ ବିଦ୍ୟାଧର ନାୟକ କହିଛନ୍ତି ଯେ ଭାରତୀୟ ଇତିହାସର ଲେଖକମାନେ ନେତାଜୀଙ୍କ ପ୍ରତି ଅନେକ ଅନ୍ୟାୟ କରିଛନ୍ତି। ଭାରତର ସ୍ୱାଧୀନତା ଆନ୍ଦୋଳନରେ ତାଙ୍କର ଯୋଗଦାନକୁ ସଠିକ୍ ଭାବେ ଉପସ୍ଥାପନ କରାଯାଇନାହିଁ। ତାଙ୍କ ନେତୃତ୍ୱରେ ପରିଚାଳିତ ଆଜାଦ୍ ହିନ୍ଦ୍ ଫଉଜର ଅଦ୍ଭୁତ ବୀରତ୍ୱର ଗାଥା ସଦା ସର୍ବଦା ଭାରତୀୟ ସୈନିକ ମାନଙ୍କୁ ପ୍ରେରିତ କରିଆସିଛି। ଆଜାଦ୍ ହିନ୍ଦ୍ ଫଉଜ୍ ପ୍ରେରଣାରେ ୧୯୪୬ ମସିହାରେ ନୌସେନା ବିଦ୍ରୋହ ସଙ୍ଗଠିତ ହୋଇଥିଲା ଯ ଏହା ବ୍ରିଟିଶ୍ ସାମ୍ରାଜ୍ୟର ବିରୁଦ୍ଧରେ ଭାରତର ଶେଷ ସ୍ୱାଧିନତା ସଂଗ୍ରାମ ବୋଲି କୁହାଯାଏ। କିନ୍ତୁ ନେତାଜୀଙ୍କ ଗରିମାକୁ କ୍ଷୁର୍ଣ୍ଣ କରିବା ପାଇଁ ତତ୍କାଳୀନ ରାଜନୀତିର ପ୍ରଭାବରେ ଇତିହାସକାର ମାନେ ଭାରତୀୟ ସୈନିକ ମାନଙ୍କର ଏ ଯୋଗଦାନକୁ ଲୁଚାଇ ଦେଲେ।

## ନୂଆଦିଲ୍ଲୀରେ ଗଣତନ୍ତ୍ର ଦିବସରେ ଯୋଗଦେବେ ଓଡ଼ିଶାର ଯୁବ ଉଦ୍ଭାବକ

ଭୁବନେଶ୍ୱର, ୨୩।୧ (ନି.ପ୍ର): ଓଡ଼ିଶା ପାଇଁ ଗର୍ବର ବିଷୟ। ଓଡ଼ିଶାର ବଲାଙ୍ଗୀର ଏବଂ ଖୋର୍ଦ୍ଧା ଜିଲ୍ଲାର ଚାରି ଜଣ ସ୍କୁଲ ଛାତ୍ରଛାତ୍ରୀ ଏବଂ ଦୁଇ ଜଣ ଶିକ୍ଷକଙ୍କୁ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ୭୭ତମ ଗଣତନ୍ତ୍ର ଦିବସ ସମାରୋହ ଦେଖିବା ପାଇଁ ସ୍ୱତନ୍ତ୍ର ଅତିଥି ଭାବରେ ନିମନ୍ତ୍ରଣ କରାଯାଇଛି। ଭାରତ ସରକାରଙ୍କ ନୀତି ଆୟୋଗର ଅଟଳ ଇନୋଭେସନ୍ ମିଶନର ଅଟଳ ଟିଙ୍କରିଂ ଲ୍ୟାବ୍ସ (ଏଟିଏଲ) ପ୍ରୟାସରେ ସେମାନଙ୍କର ଉଦ୍ଭାବନ ଏବଂ ସମ୍ପୃକ୍ତିକୁ ସ୍ୱୀକୃତି ଦେଇ ଏଠାକୁ ସେମାନଙ୍କୁ ନିମନ୍ତ୍ରିତ କରାଯାଇଛି। ଅଟଳ ଇନୋଭେସନ ମିଶନ ଦ୍ୱାରା ସମର୍ଥିତ ଏକ ଇନକ୍ୟୁବେଟର, ଏଆଇସି-ନାଳନ୍ଦା ଦ୍ୱାରା ଏହି ଏଟିଏଲ ଏବଂ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ ଦିଆଯାଉଛି।




ଭୁବନେଶ୍ୱରର ଆଇଆରସି ଭିଲେଜର ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସାଇ ସିଦ୍ଧାର୍ଥ ସ୍ୱାଇଁ ଏବଂ ଜଗତ ଜ୍ୟୋତି ମହାପାତ୍ର ଏକ ନିରୀକ୍ଷଣ ରୋବୋଟ୍ ଉଦ୍ଭାବନ କରୁଛନ୍ତି ଯାହାର ପ୍ରତିରକ୍ଷା କ୍ଷେତ୍ର, ଖଣି କ୍ଷେତ୍ର ଏବଂ ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ପ୍ରୟୋଗ ରହିଛି। ଏହି ରୋବୋଟ ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକୁ ଯାଇପାରିବ ଏବଂ ବସ୍ତୁଗୁଡ଼ିକ ସହିତ ସେମାନଙ୍କର ସମ୍ପତି ଚିହ୍ନଟ କରିପାରିବ ଏବଂ ତଥ୍ୟ ପଠାଇପାରିବ। ବଲାଙ୍ଗିରର ପଥରଚେପାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସ୍ୱସ୍ତିକ ଶ୍ରେୟାଂସ ମେହେର ଏବଂ ବିମଳେନ୍ଦ୍ର ବର୍ଷା ଋତୁରେ, ବିଶେଷକରି ସହରାଂଚଳରେ ଜଳବନ୍ଦୀ ରୋକିବା ପାଇଁ ଏକ ସ୍ମାର୍ଟ ଡ୍ରେନେଜ୍ ଜଳ ପରିଚାଳନା ପ୍ରଣାଳୀ ଉପରେ କାମ କରୁଛନ୍ତି। ଏହା ଅତିରିକ୍ତ ଜଳ ଚିହ୍ନଟ କରିବା, ଡ୍ରେନେଜ୍ ପ୍ରବାହ ପରିଚାଳନା କରିବା ଏବଂ ଡ୍ରେନରୁ ବର୍ଜ୍ୟବସ୍ତୁ ବାହାର କରିବା ପାଇଁ ସେନ୍ସର ଏବଂ ଅଟୋମେସନର ବ୍ୟବହାର କରେ, ଯାହା ସହର ଜଳ ନିଷ୍କାସନ ପ୍ରଣାଳୀରେ ଜଳବନ୍ଦୀ, ଅବରୋଧ ଏବଂ ଓଭରଫ୍ଲୋ ହ୍ରାସ କରିବାରେ ସାହାଯ୍ୟ କରେ।

ଏହି ବିଶେଷ ନିମନ୍ତ୍ରଣ ଅଟଳ ଇନୋଭେସନ୍ ମିଶନ (ଏଆଇଏମ) ର ବିଦ୍ୟାଳୟଗୁଡ଼ିକରେ ନବସୃଜନ-ଚାଳିତ ଶିକ୍ଷାକୁ ପ୍ରୋତ୍ସାହିତ କରିବା, ଛାତ୍ରଛାତ୍ରୀମାନଙ୍କୁ ଛୋଟ ବୟସରୁ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ଡିଜାଇନ ଚିନ୍ତାଧାରାର ସହ ହାତପାହାନ୍ତାରେ ସଶକ୍ତ କରିବା ପାଇଁ ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି। ପ୍ରତିନିଧିମଣ୍ଡଳୀରେ ଏଆଇସି-ନାଳନ୍ଦାର ସିଇଓ ଶ୍ରୀ ଦୁର୍ଗା ପ୍ରସାଦ ଏବଂ ଏଆଇସି-ନାଳନ୍ଦା ସିଆଇଓ ଶ୍ରୀ ମାନସ କୁମାର ସାମନ୍ତରାୟଙ୍କ ସହିତ ଏଟିଏଲଏସର ଦାୟିତ୍ୱରେ ଥିବା ଫ୍ୟାକଲ୍ଟି-ଇନ୍-ଚାର୍ଜ, ଶ୍ରୀ ମନୋଜ କୁମାର ପ୍ରଧାନ ଏବଂ ଶ୍ରୀ ସୀମାଂଚଳ ସାହୁ ପ୍ରମୁଖ ସାମିଲ ଅଛନ୍ତି। ଏଟିଏଲ ସାର୍ଥୀ ପଦକ୍ଷେପ ଅଧୀନରେ ଏଆଇସି-ନାଳନ୍ଦା ୨୦୦ ରୁ ଅଧିକ ଯୁବ ଟିଙ୍କର୍ ଦଳକୁ ପରାମର୍ଶ ଦେଉଛି ଏବଂ ପରବର୍ତ୍ତୀ ପିଢ଼ିର ନବସୃଜନକାରୀ, ପରିବର୍ତ୍ତନକାରୀ ଏବଂ ରାଷ୍ଟ୍ର ନିର୍ମାତାଙ୍କୁ ଗଠନ କରିବା ପାଇଁ ଏଟିଏଲ ସହିତ ୩୦୦+ ସ୍କୁଲ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛି।

## ଝାରସୁଗୁଡ଼ାରେ ଜାତୀୟ ଯୁବ ଦିବସ ପାଳିତ

ଝାରସୁଗୁଡ଼ା, ୨୩।୧ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର ଶ୍ରୀ?ପୁରା ଗ୍ରାମସ୍ଥିତ ପିଏଚସି ପ?ଡ଼ିଆଠାରେ ଏକ କମ୍ୟୁନିଟି ୟୁଥ ଏନଗେଜମେଂଟ ପ୍ରୋଗ୍ରାମର ଆୟୋଜନ କରାଯାଇ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହାକୁ ଏ?ପସିଲନ କାର୍ବନ ପ୍ରାଇଭେଟ ଲିମିଟେଡର ସିଏସଆର ଶାଖା ଏ?ପସିଲନ ଫାଉଣ୍ଡେସନ ଦ୍ୱାରା ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଜୟନ୍ତୀକୁ ପାଳନ କରିବା ପାଇଁ ଶ୍ରୀପୁରା ଓ ସୁନାମାଳ ଗ୍ରାମର ୧୦୦ ଜଣ ମହିଳା ଓ ୩୦ଜଣ ପୁରଷଙ୍କ ସମେତ ୧୩୦ଜଣ ଅଂଶଗ୍ରହଣକାରୀ ଏକାଠି ହୋଇଥିଲେ। ମ୍ୟାଜିକ ବସ ଫାଉଣ୍ଡେଶନ ସହ ସହଭାଗିତାରେ ଆୟୋଜିତ ଏହି ଉତ୍ସବକୁ ଶ୍ରୀପୁରାର ସରପଂଚ ଶ୍ରୀମତି ଯଶୋବନ୍ତୀ ପାଣ୍ଡେ ଏବଂ ପିଏଚସି ଶ୍ରୀପୁରାର ମେଡିକାଲ ଅଫିସର ଡା. ଲସିକା ରଥ ଉଦ୍‌ଘାଟନ କରିଥିବା ବେଳେ ଏଠାରେ ଏପ୍‌ସିଲନ ଝାରସୁଗୁଡାର ପ୍ରତିନିଧି ଓ ସମୁଦାୟ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡିକ ଯୋଗ ଦେଇଥିଲେ। ଏହି ଅବସରରେ ବକ୍ତାମାନେ ଯୁବ ସଶକ୍ତିକରଣ ପାଇଁ ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟିକୋଣ ଏବଂ ଆତ୍ମବିଶ୍ୱାସୀ ଓ ସାମାଜିକ ଭାବେ ଦାୟିତ୍ୱପୂର୍ଣ୍ଣ ନାଗରିକ ଗଠନ କ୍ଷେତ୍ରରେ ତାଙ୍କ ଶିକ୍ଷାର ନିରନ୍ତର ପ୍ରାସଙ୍ଗିକତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶାରୀରିକ ସୁସ୍ଥତା, ଦଳଗତ କାର୍ଯ୍ୟ ଏବଂ ସକ୍ରିୟ



ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ୧୦ଟି କ୍ରୀଡା ଏବଂ ମନୋରନ କାର୍ଯ୍ୟକଳାପ ଆୟୋଜନ କରାଯାଇଥିଲା। ଗ୍ରାମର ନେତୃତ୍ୱ ଦ୍ୱାରା ବିଜେତାମାନଙ୍କୁ ପୁରସ୍କାର ସହିତ ସମ୍ମାନିତ କରାଯାଇଥିଲା।

ଏହି ଅବସରରେ ଶ୍ରୀପୁରାର ସରପଂଚ ଶ୍ରୀମତୀ ଯଶୋବନ୍ତୀ ପାଣ୍ଡେ ନିଜର ଦୃଷ୍ଟିକୋଣ ବାଂଟି କହିଛନ୍ତିଯେ, 'ଏପସିଲନ ଏବଂ ମ୍ୟାଜିକ ବସ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀପୁରା ଗ୍ରାମର ମହିଳା ଏବଂ ଯୁବକମାନେ ଏତେ ଆତ୍ମବିଶ୍ୱାସର ସହିତ ଅଂଶଗ୍ରହଣ କରିବା ଦେଖିବା ଉତ୍ସାହଜନକ ଥିଲା। ଆମ ଗାଁରେ ଏହି ପଦକ୍ଷେପ ଆଣିବା ପାଇଁ ମୁଁ ଉଭୟ ସଂଗଠନକୁ ଧନ୍ୟବାଦ ଜଣାଉଛି ଏବଂ ଆଶା କରୁଛି ଯେ ସେମାନେ ଆମ ସମ୍ପ୍ରଦାୟ ପାଇଁ ସମାନ କାର୍ଯ୍ୟକ୍ରମ ଆୟୋଜନ କରିବେ।' ସେହିଭଳି ଏପସିଲନ୍ କାର୍ବନର ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିକ୍ରମ ହାଣ୍ଡା କହିଛନ୍ତିଯେ, 'ଏପସିଲନ୍‌ରେ, ଆମର ସମ୍ପ୍ରଦାୟ ପଦକ୍ଷେପଗୁଡ଼ିକ ଯୁବପିଢ଼ିଙ୍କୁ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା, ଜୀବନ କୌଶଳ ନିର୍ମାଣ କରିବା ଏବଂ ସେମାନଙ୍କ ପରିବେଶରେ ସକାରାତ୍ମକ ଅବଦାନ ଦେବା ଉପରେ ଧ୍ୟାନ କେନ୍ଦ୍ରିତ କରେ। ଏହିପରି କାର୍ଯ୍ୟକ୍ରମଗୁଡ଼ିକ ଆମର ବିଶ୍ୱାସକୁ ପ୍ରତିଫଳିତ କରେ ଯେ ଦୀର୍ଘକାଳୀନ ବିକାଶ ତୃଣମୂଳ ସ୍ତରରେ ଲୋକଙ୍କ ମଧ୍ୟରେ ନିବେଶ ଏବଂ ସହଭାଗୀତା ସହିତ ଆରମ୍ଭ ହୁଏ।

## ନେକ୍ସସ୍ ଏସପ୍ଲାନେଡ୍ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, ୨୩।୧ (ନି.ପ୍ର): ନେକ୍ସସ୍ ଏସପ୍ଲାନେଡ, ଭୁବନେଶ୍ୱରର ସବୁଠାରୁ ପ୍ରିୟ ସପିଂ ମଲ୍ ନେକ୍ସସ୍ ଏସପ୍ଲାନେଡ ପକ୍ଷରୁ ଓଡ଼ିଶାରେ ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬ ଅବସରରେ ଏକ ସଫଳ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜନସାଧାରଣ ବିଶେଷ କରି ଦୁଇ ଚକିଆ ଯାନ ଚାଳକ ଏବଂ ଯୁବପିଢ଼ିଙ୍କୁ ଟ୍ରାଫିକ୍ ନିୟମ, ହେଲମେଟ୍ ପିନ୍ଧିବାର ଗୁରୁତ୍ୱ ଏବଂ ନିରାପଦ ଗାଡ଼ି ଚାଳନା ସମ୍ପର୍କରେ ଶିକ୍ଷା ପ୍ରଦାନ କରିବା।

ଏହି କାର୍ଯ୍ୟକ୍ରମରେ ମଲ୍‌କୁ ଆସୁଥିବା ଯୁବକ ଏବଂ ପରିବାର ତଥା ଦୈନନ୍ଦିନ ଯାତାୟତ କରୁଥିବା ବ୍ୟକ୍ତି ବିଶେଷଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯାହା ଏହି ପ୍ରମୁଖ ସ୍ଥାନରେ ଏକ




ପ୍ରଭାବଶାଳୀ ପରିବେଶ ସୃଷ୍ଟି କରିଥିଲା। ଏହି ଅବସରରେ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ, ସେମାନଙ୍କ ମଧ୍ୟରେ ଥିଲେ : ଦିଲ୍ଲୀପ୍ କୁମାର ପଣ୍ଡା, ସଭାପତି ଏସ୍.ଏ.ଏଫ୍.ଇ. ଇଣ୍ଡିଆ ଏବଂ ସଂସଦର ସଡ଼କ ସୁରକ୍ଷା କମିଟିର ସଦସ୍ୟ, ଜ୍ୟୋତିରନ ମହାପାତ୍ର, ରାଷ୍ଟ୍ରପତି ପଦକ ବିଜେତା, ସଡ଼କ ସୁରକ୍ଷା ତଥା ବିପର୍ଯ୍ୟୟ ପରିଚାଳନା ବିଶେଷଜ୍ଞ, ସିଭିଲ୍ ଡିଫେନ୍ସଦ୍ୱାରା ସ୍ୱୀକୃତି ପ୍ରାପ୍ତ, ସୌମ୍ୟରନ ପ୍ରଧାନ ତଥା ଉପନିୟନ୍ତ୍ରକ, ସିଭିଲ୍ ଡିଫେନ୍ସ ଭୁବନେଶ୍ୱର, ମାନସ ମିଶ୍ର ଆର୍.ଟି.ଓ., ଭୁବନେଶ୍ୱର।

କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ମଧ୍ୟରେ ସଡ଼କ ସୁରକ୍ଷା ଉପରେ ଆଧାରିତ ଏକ କୁଇଜ୍ ପ୍ରତିଯୋଗିତା, ସଚେତନତାମୂଳକ କାର୍ଯ୍ୟକଳାପ ଏବଂ ଦାୟିତ୍ୱବାନ୍ ଭାବେ ଗାଡ଼ି ଚାଳନା ପାଇଁ ଜୀବନ୍ତ ପ୍ରଦର୍ଶନ ଇତ୍ୟାଦି। ଏହି ପଦେକ୍ଷପର ଅଂଶବିଶେଷ ଭାବରେ ସୁରକ୍ଷିତ ଗାଡ଼ି ଚାଳନାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ତଥା କୁଇଜ୍ ପ୍ରତିଯୋଗିତାର ବିଜେତାମାନଙ୍କୁ ଏଠାରେ ହେଲ୍‌ମେଟ୍ ପ୍ରଦାନ କରାଯାଇଥିଲା।

ଏହି ପଦକ୍ଷେପ ମାଧ୍ୟମରେ ନେକ୍ସସ୍ ଏସପ୍ଲାନେଡ୍ ସାମାଜିକ କଲ୍ୟାଣ ଏବଂ ଗୋଷ୍ଠି ସଚେତନା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃପ୍ରତିପାଦିତ କରିଛି। ଜାତୀୟ ସଡ଼କ ସୁରକ୍ଷା ମାସ, ୨୦୨୬ ଅବସରରେ ଏହି କାର୍ଯ୍ୟକ୍ରମ ମଲ୍ ପରିଦର୍ଶନ କରୁଥିବା ପର୍ଯ୍ୟଟକଙ୍କ ପାଇଁ ଏକ ଶିକ୍ଷଣୀୟ ଏବଂ ସାମାଜିକ ଦାୟିତ୍ୱ ବୋଧର ଅନୁଭୂତି ସୃଷ୍ଟି କରିଛି।

## ରଣବୀର କପୂର ପିଏନଜି ଜୁଏଲର୍ସର ନୂଆ ବ୍ରାଣ୍ଡ ଆମ୍ବାସାଡର

ଭୁବନେଶ୍ୱର, ୨୩।୧ (ନି.ପ୍ର): ଭାରତର ଅନ୍ୟତମ ପ୍ରତିଷ୍ଠିତ ଜୁଏଲରୀ ବ୍ରାଣ୍ଡ ପିଏନଜି ଜୁଏଲର୍ସ, ବଲିଉଡ ଅଭିନେତା ରଣବୀର କପୁରଙ୍କୁ ଏହାର ନୂଆ ବ୍ରାଣ୍ଡ ଆମ୍ବାସାଡର ଘୋଷଣା କରିଛି। ମହାରାଷ୍ଟ୍ରରେ ସ୍ଥାପିତ ଏବଂ ବର୍ତ୍ତମାନ ଭାରତ ଓ ବିଦେଶରେ ଆତ୍ମବିଶ୍ୱାସର ସହ ସମ୍ପ୍ରସାରିତ ହୋଇଥିବା ପିଏନଜି ଜୁଏଲର୍ସ ଏକ ସ୍ୱଚ୍ଛ ଓ ଅଗ୍ରଗାମୀ ଦୃଷ୍ଟିକୋଣ ସହ ଡଃ ସୌରଭ ଗଡଗିଲଙ୍କ ଦ୍ୱାରା ପରିଚାଳିତ ହେଉଛି। ରଣବୀର କପୁରଙ୍କ ସହ ଏହି ସହଭାଗିତା ବ୍ରାଣ୍ଡର ବିବର୍ତ୍ତନକୁ ପ୍ରତିଫଳନ କରୁଛି। ରଣବୀର କପୁର ବର୍ତ୍ତମାନର ବ୍ରାଣ୍ଡ ଫେସ୍ ବ୍ୟତୀତ ପିଏନଜି ଜୁଏଲର୍ସର ଜଣେ ଆମ୍ବାସାଡର ଭାବେ ଯୋଗ ଦେବା ସହିତ ଏହି ୨ ବର୍ଷିଆ ସହଭାଗିତା ଜାନୁଆରୀ ୨୦୨୬ରୁ ଆରମ୍ଭ ହେଉଛି। ଏହି ସହଭାଗିତା ସମ୍ପର୍କରେ ଅଭିନେତା ରଣବୀର କପୁର କହିଛନ୍ତି, 'ପିଏନଜି



ଜୁଏଲର୍ସ ଏଭଳି ଏକ ବିରାସତ ପାଇଁ ଛିଡା ହୋଇଛି ଯାହା ପିଢି ପରେ ପିଢି ଚାଲିଆସୁଛି। ପରମ୍ପରାକୁ ସମ୍ମାନ ଦେବା ସହ ଭବିଷ୍ୟତକୁ ଆଲିଙ୍ଗନ କରୁଥିବା ଏକ ବ୍ରାଣ୍ଡର ଅଂଶ ହେବା, ଏକ ଅତ୍ୟଧିକ ପ୍ରାକୃତିକ ସହଯୋଗିତା ଭଳି ମନେ ହେଉଛି ଏବଂ ମୁଁ ଏହି ଯାତ୍ରାରେ ସେମାନଙ୍କ ସହ ଯୋଗ ଦେଇ ଗର୍ବିତ। ଏହି ସହଯୋଗିତା ଏବଂ ବ୍ରାଣ୍ଡ ଉପରେ ଏହାର ସୁଦୂର ପ୍ରଭାବ ସମ୍ପର୍କରେ ଉତ୍ସାହ ବ୍ୟକ୍ତ କରି ପିଏନଜି ଜୁଏଲର୍ସର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ, ଡଃ ସୌରଭ ଗଡଗିଲ କହିଛନ୍ତି, ' ରଣବୀର କପୁର ଐତିହ୍ୟ ଓ ଆଧୁନିକ ଆକାଂକ୍ଷାର ଉପଯୁକ୍ତ ସନ୍ତୁଳନର ପ୍ରତିନିଧିତ୍ୱ କରୁଛନ୍ତି। ପିଏନଜି ଜୁଏଲର୍ସ ଯେଉଁଭଳି ନିଜର ମୂଳତ୍ୱ ପ୍ରତି ବାସ୍ତବ ରହି ବିଗତ ଦଶନ୍ଧିଗୁଡିକରେ ବିକଶିତ ହୋଇଛି, ରଣବୀର କପୁର ମଧ୍ୟ ସେହିପରି ଭାବେ ସତ୍ୟତା ଓ ପ୍ରାସଙ୍ଗିକତା ସହିତ ଏକ କିମ୍ବଦନ୍ତୀ ବିରାସତକୁ ଆଗକୁ ବଢାଉଛନ୍ତି। ଏହି ସହଭାଗିତା କେବଳ ଦୃଶ୍ୟମାନତା ସମ୍ପର୍କିତ ନୁହେଁ ବରଂ ଭବିଷ୍ୟତ ପାଇଁ ମିଳିତ ମୂଲ୍ୟବୋଧ ଓ ଏକ ସାଧାରଣ ଦୃଷ୍ଟିକୋଣ ସମ୍ବନ୍ଧିତ ଅଟେ।

## ବୀମା-ଆଧାରିତ ବିନିଯୋଗ ବିକଳ୍ପ ଗୁଡ଼ିକ ବଜାରର ସ୍ଥିରତା ପ୍ରଦାନ କରିପାରିବେ: ବନ୍ଧନ ଲାଇଫ ଇନସୁରାନ୍ସ

ଭୁବନେଶ୍ୱର, ୨୩।୧ (ନି.ପ୍ର): ଆର୍ଥିକ ବଜାରରେ ଅନିଶ୍ଚିତରତା ଜାରି ରହିଥିବା ବେଳେ, ବୀମା ଭିତିକ ବିନିଯୋଗ ଗୁଡ଼ିକ ଦୀର୍ଘକାଳୀନ ପୋର୍ଟଫୋଲିଓର ଏକ ସ୍ଥିର ଉପାଦାନ ଭାବରେ ଉଭା ହୋଇ ସୁରକ୍ଷା, ପୂର୍ବାନୁମାନ ଯୋଗ୍ୟତା ଏବଂ ଅଭିବୃଦ୍ଧିରେ ସହଭାଗୀତା ପ୍ରଦାନ କରିଥାଏ। ସତୀଶ୍ୱର ବି., ଏମଡ଼ି ଏବଂ ସିଇଓ, ବନ୍ଧନ ଲାଇଫଙ୍କ ଅନୁଯାୟୀ, ବୀମା- ଆଧାରିତ ବିନିଯୋଗ ଉତ୍ପାଦ ଗୁଡ଼ିକ ଏହି ସନ୍ତୁଳନ ରକ୍ଷା କରିପାରିବ, ବିଶେଷକରି ସେହି ବ୍ୟକ୍ତିମାନଙ୍କ ପାଇଁ ଯେଉଁମାନେ ସେମାନଙ୍କର ସର୍ବାଧିକ ରୋଜଗାରକ୍ଷମ ବୟସରେ ଅଛନ୍ତି। ଇକ୍ୱିଟି ବଜାରରେ ଅସ୍ଥିରତା ଜାରି ରହିଥିବାରୁ, ବୋନସ ଏବଂ ଦରମା ବୃଦ୍ଧି ଭଳି ଅତିରିକ୍ତ ଆୟକୁ ବଜାରରେ ବିନିଯୋଗ କରିବା ନେଇ ନିବେଶକମାନେ ସତର୍କ ହୋଇଛନ୍ତି। ଦୂର ଅବଧି ବିନିଯୋଗ ଯେଉଁ ସମୟରେ ଜରୁରୀ ହୋଇଥାଏ ଅନିଶ୍ଚିତରତା ସେହି ସମୟରେ ସେଥିରୁ ଆସୁଥିବା ସୁନ୍ଦର ସମାଧାନକୁ ସମାନ୍ତରାଳ ରିଟର୍ଣ୍ଣ କରିବା ସଙ୍ଗେ ସଙ୍ଗେ କ୍ୟାପିଟାଲ ସୁରକ୍ଷା ଏବଂ ଆର୍ଥିକ ସୁରକ୍ଷା ସହିତ ଲାଗି କରିଥାଏ। 'ବଜାର ଚକ୍ର ଅପରିହାର୍ଯ୍ୟ ଅଟେ କିନ୍ତୁ ଆର୍ଥିକ ଯୋଜନା ସ୍ଥିର ରହିବା ଉଚିତ। ଏଭଳି ପରିସ୍ଥିତିରେ ନିବେଶକମାନେ ବୀମା ଆଧାରିତ ବିନିଯୋଗ ବିକଳ୍ପ ଗୁଡ଼ିକୁ ଦେଖିବା ଉଚିତ ଯାହା ବଜାର ସଂଯୁକ୍ତ ଅଭିବୃଦ୍ଧି, ପୁଁ ସୁରକ୍ଷା ଏବଂ ଜୀବନ ବୀମାର ସୁରକ୍ଷା ପ୍ରଦାନ କରିଥାଏ। ଏଥିସହିତ ସୁରକ୍ଷାର ଜୀବନ ଏହା ଏକାଠି କରିଥାଏ ଯାହାକି ଅନିଶ୍ଚିତରତା ସହିତ ଦୃଢ଼ତାକୁ ପରିଚାଳନା କରିବାରେ ସାହାଯ୍ୟ କରିଥାଏ' ମତରଖି କହିଛନ୍ତି ସତୀଶ୍ୱର ବି., ଏମଡ଼ି ଏବଂ ସିଇଓ, ବନ୍ଧନ ଲାଇଫ।

## ସଡ଼କ ସୁରକ୍ଷା ନେଇ ମଣିପାଲ୍ ହସ୍ପିଟାଲର ସଚେତନତା ସଭା

ଭୁବନେଶ୍ୱର, ୨୩।୧ (ନି.ପ୍ର): ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ 'ସଡ଼କ ସୁରକ୍ଷା ସଚେତନତା ମାସ' ଅବସରରେ ଜାନୁଆରୀ ୨୩, ୨୦୨୬ ତାରିଖରେ ଭୁବନେଶ୍ୱର ପ୍ରେସ୍ କ୍ଲବ୍‌ରେ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବରିଷ୍ଠ ଡାକ୍ତର, ପ୍ରଶାସନିକ ଅଧିକାରୀ, ଆପାତକାଳୀନ ସେବାକର୍ମୀ ଏବଂ ମିଡିଆ। ପ୍ରତିନିଧିମାନେ ଯୋଗଦେଇ ଓଡ଼ିଶାରେ ବୃଥିବା ସଡ଼କ ଦୁର୍ଘଟଣା ସମସ୍ୟା ଉପରେ ବିସ୍ତୃତଭାବେ ଆଲୋଚନା କରିଥିଲେ।

ସରକାରୀ ନିୟମ, ଟ୍ରମା ଚିକିତ୍ସା ସୁବିଧା ଉନ୍ନତ ହେଲେ ମଧ୍ୟ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା କମୁନାହିଁ। ପରିବହନ ବିଭାଗ ତଥ୍ୟ ଅନୁଯାୟୀ, ଗତ ୫ ବର୍ଷରେ ଓଡ଼ିଶାରେ ୫୬,୮୩୧ଟି ସଡ଼କ ଦୁର୍ଘଟଣାରେ ୨୭,୧୬୭ ଜଣଙ୍କ ମୃତ୍ୟୁ ଏବଂ ୫୦,୦୪୧ ଜଣ ଆହତ ହୋଇଛନ୍ତି। ରାଜ୍ୟର ଦୁର୍ଘଟଣା ଗୁରୁତ୍ୱ ହାର ୪୯.୬ ପ୍ରତିଶତ ରହିଛି, ଯାହା ଜାତୀୟ ହାର ଠାରୁ ୩୭ ପ୍ରତିଶତଠାରୁ ଅଧିକ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ଅମିତାଭ ଠାକୁର, ଆଇପିଏସ୍, ପରିବହନ କମିଶନର ଓ ରାଜ୍ୟ




ପରିବହନ ପ୍ରାଧିକରଣ ((ଝଞଇ) ଅଧ୍ୟକ୍ଷ ଶ୍ରୀ ଅମିତାଭ ଠାକୁର, (ଆଇ.ପି.ଏସ୍), ଅଗ୍ନିଶମ ଓ ଆପାତକାଳୀନ ସେବାର ମହାନିରୀକ୍ଷକ ଡକ୍ଟର ଉମାଶଙ୍କର ଦାଶ (ଆଇପିଏସ୍), ଓଡ଼ିଶା ମହିଳା ମିଡିଆ। (OWM) ର ଅଧ୍ୟକ୍ଷ ଉପସ୍ଥିତ ଶ୍ରୀମତୀ କସ୍ତୁରୀ ରାୟ, ମଣିପାଲ୍ ହସ୍ପିଟାଲ୍ସ କ୍ଲଷ୍ଟର ନିର୍ଦ୍ଦେଶକ ଡାକ୍ତର ଶକ୍ତିମୟ ମହାପାତ୍ର ଙ୍କ ସମେତ ଅନେକ କାର୍ଯ୍ୟକାରୀ ସାମ୍ବାଦିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟି ଏହି ଅତିଥିଙ୍କ ଉପସ୍ଥିତିରେ ଦୀପ ପ୍ରଜ୍ୱଳନ ସହିତ ଶୁଭାରମ୍ଭ ହେଲା ଏହି ଅବସରରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଭୁବନେଶ୍ୱରର ବରିଷ୍ଠ ସାମ୍ବାଦିକା ସ୍ୱର୍ଗତା ଶୀଲା ପଟ୍ଟନାୟକଙ୍କ ସ୍ମୃତିରେ ଗୋଟିଏ ମିନିଟ୍ ନୀରବତା ପାଳନ କରାଯାଇଥିଲା।

ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ବରିଷ୍ଠ ସ୍ନାୟୁ ଶଲ୍ୟ ଚିକିତ୍ସକ ତଥା ନ୍ୟୁରୋ ସର୍ଜରୀ ବିଭାଗର ନିର୍ଦ୍ଦେଶକ ଡାକ୍ତର ଅମ୍ରି ଜୟସୱାଲ୍ କହିଥିଲେ ଯେ, ସଡ଼କ ଦୁର୍ଘଟଣାରେ ମୁଣ୍ଡ ଓ ମେରୁଦଣ୍ଡ ଆଘାତ ମୃତ୍ୟୁ ଓ ସ୍ଥାୟୀ ଅକ୍ଷମତାର ପ୍ରମୁଖ କାରଣ। ସେ ହେଲମେଟ୍ ବ୍ୟବହାର ଏବଂ ସମୟରେ ସଠିକ୍ ଚିକିତ୍ସା ମିଳିଲେ ଜୀବନ ରକ୍ଷା ସମ୍ଭବ ବୋଲି କହିଥିଲେ।

ସେହିଭଳି ମଣିପାଲ ହସ୍ପିଟାଲ ଭୁବନେଶ୍ୱର ସ୍ନାୟୁ ରୋଗ ବିଶେଷଜ୍ଞ ଡାକ୍ତର ପ୍ରଦ୍ୟୁତ ରଞ୍ଜନ ଭୂୟାଁ କହିଥିଲେ ଯେ, ଦୁର୍ଘଟଣା ପରେ ତୁରନ୍ତ ସ୍ନାୟୁ ପରୀକ୍ଷା ଅତ୍ୟନ୍ତ ଜରୁରୀ, ଯାହା ଭବିଷ୍ୟତରେ ଗୁରୁତର ସମସ୍ୟାକୁ ରୋକିପାରିବ। ମଣିପାଲ ହସ୍ପିଟାଲର ଆପାତକାଳୀନ ଚିକିତ୍ସା ବିଭାଗ ମୁଖ୍ୟ ଡାକ୍ତର ଅଭିଷେକ ଚଟର୍ଜୀ, 'ଗୋଲ୍ଡେନ୍ ଆୱର'ର ଗୁରୁତ୍ୱ ଉପରେ ଜୋର ଦେଇ କହିଥିଲେ ଯେ, ଘଟଣାସ୍ଥଳରେ ତୁରନ୍ତ ସହାୟତା, ଆମ୍ବୁଲାନ୍ସ ସେବା ଏବଂ ପ୍ରାଥମିକ ଚିକିତ୍ସା ଜ୍ଞାନ ଅନେକ ଆହାତ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇପାରିବ। ଓଡ଼ିଶା ମହିଳା ମିଡିଆ। ର ଅଧ୍ୟକ୍ଷ ଶ୍ରୀମତୀ କସ୍ତୁରୀ ରାୟ କହିଥିଲେ ଯେ, ସମାଜରେ ସଠିକ୍ ସଚେତନତା ସୃଷ୍ଟି ପାଇଁ ମିଡିଆର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

# ପୂର୍ବତଟ ରେଳପଥ ବିଶାଖାପାଟଣା ରେଳ ଷ୍ଟେସନରେ ହ୍ୟୁମାନଏଡ୍ ରୋବୋଟ୍ ପ୍ରଚଳନ କଲା

ଭୁବନେଶ୍ୱର,୨୩।୧: ଯାତ୍ରୀ ସୁରକ୍ଷା, ସୁରକ୍ଷା ଏବଂ ସେବା ପ୍ରଦାନକୁ ବୃଦ୍ଧି କରିବା ପାଇଁ ଉନ୍ନତ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପୂର୍ବ ତଟ ରେଳପଥ ରେଳ ସୁରକ୍ଷା ବଳର ତତ୍ତ୍ୱାବଧାନରେ ବିଶାଖାପାଟଣା ରେଳ ଷ୍ଟେସନରେ ଏକ ହ୍ୟୁମାନଏଡ୍ ରୋବୋଟ୍ ଏଏସସି ଅର୍ଜୁନ ପ୍ରଚଳନ କରିଛି ପ୍ରଥମଥର ପାଇଁ ଭାରତୀୟ ରେଳବାଇ ଏହି ପ୍ରକାର ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିଛି ।ବିଶାଖାପାଟଣା ରେଳ ଷ୍ଟେସନରେ ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ ଏକେ ଦୁବେଙ୍କ ଉପସ୍ଥିତିରେ ପ୍ରମୁଖ ମୁଖ୍ୟ ସୁରକ୍ଷା ଆୟୁକ୍ତ ଆଲୋକ ବୋହରା ଏବଂ ଡିଭିଜନାଲ ରେଲେ ମ୍ୟାନେଜର ଲଳିତ ବୋହରା ଏହି ହ୍ୟୁମାନଏଡ୍ ରୋବୋଟକୁ ଉନ୍ମୋଚନ କରିଥିଲେ। ରେଳ ସୁରକ୍ଷା ବଳର ଆଧୁନିକୀକରଣ ଏବଂ ଡିଜିଟାଲ ରୂପାନ୍ତରଣ ପଦକ୍ଷେପର ଅଂଶ ଭାବରେ ନିୟୋଜିତ ଏହି ହ୍ୟୁମାନଏଡ୍ ରୋବୋଟ୍ ବିଭିନ୍ନ ରେଳ କାର୍ଯ୍ୟକୁ ସଠିକ ଭାବରେ କରିବା ପାଇଁ ଡିଜାଇନ୍ କରାଯାଇଛି, ବିଶେଷକରି ସୁରକ୍ଷା, ଯାତ୍ରୀ ସହାୟତା, ଭିଡ଼ ପରିଚାଳନା, ସ୍ୱଚ୍ଛତା ତଦାରଖ ଏବଂ ସୁରକ୍ଷା ସଚେତନତା କ୍ଷେତ୍ରରେ ଏହାକୁ ବ୍ୟବହାର କରାଯାଇପାରିବ ।

ଏହି ରୋବୋଟଟି ସମ୍ପୂର୍ଣ୍ଣ ଭାବରେ ବିଶାଖାପାଟଣାରେ ଡିଜାଇନ୍ ଏବଂ ବିକଶିତ ହୋଇଛି, ଯେଉଁଥିରେ ସ୍ୱଦେଶୀ ଜ୍ଞାନକୌଶଳ ମାଧ୍ୟମରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇଛି ପ୍ରମୁଖ ମୁଖ୍ୟ ସୁରକ୍ଷା ଆୟୁକ୍ତ ଶ୍ରୀ ଆଲୋକ ବୋହରା ଏବଂ ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ ଶ୍ରୀ ଏକେ ଦୁବେଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଏହି ଉନ୍ନତ ପ୍ରଯୁକ୍ତିବିଦ୍ୟାକୁ



ସଫଳତାର ସହିତ ବିକଶିତ କରିବା ପାଇଁ ଏକ ବର୍ଷରୁ ଅଧିକ ସମୟ ଧରି କଠିନ ପରିଶ୍ରମ କରିଛି।

ରୋବୋଟ ମୁହଁ ପରିଚୟ ପ୍ରଣାଳୀ ବ୍ୟବହାର କରି ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିପାରିବ ଏବଂ -ସକ୍ଷମ ଆଲର୍ଟ ମାଧ୍ୟମରେ ତୁରନ୍ତ କର୍ମଚାରୀଙ୍କୁ ସତର୍କ କରିପାରିବ, ଯାହା ଦ୍ରୁତ ପ୍ରତିକ୍ରିୟା ସୁନିଶ୍ଚିତ କରିବା ଏବଂ ଚିହ୍ନଟ ସମୟ ହ୍ରାସ କରିବା ପାଇଁ ଉପଯୋଗୀ ହୋଇପାରିବ ।-ଆଧାରିତ ଯାତ୍ରୀ ଭିଡକୁ ବିଶ୍ଳେଷଣ କରି ଭିଡ଼କୁ ରୋକିବାରେ ସାହାଯ୍ୟ କରେ ଏବଂ ପିକ୍ ଆୱାରରେ ସକ୍ରିୟ ଭିଡ଼ ନିୟନ୍ତ୍ରଣ ପଦକ୍ଷେପକୁ ସକ୍ଷମ କରେ ରୋବୋଟ ନିୟନ୍ତ୍ରଣ କକ୍ଷକୁ ବାର୍ତ୍ତା ପଠାଇବ ଏବଂ ଶୀଘ୍ର ପ୍ରତିକ୍ରିୟା ପାଇଁ ସୁରକ୍ଷା କର୍ମୀଙ୍କୁ ସତର୍କ କରିବ।

ସ୍ୱୟଂଚାଳିତ ସୁରକ୍ଷା ଏବଂ ସୂଚନା ଘୋଷଣା ଇଂରାଜୀ, ହିନ୍ଦୀ ଏବଂ ତେଲୁଗୁ ଭାଷାରେ ପ୍ରଦାନ କରାଯିବ, ଯାହା ଯାତ୍ରୀ ସଚେତନତା ଏବଂ ଅନୁପାଳନକୁ ଉନ୍ନତ କରିବ ଏହା ପିକ୍ ଆୱାରରେ ପ୍ରଭାବଶାଳୀ ଭାବରେ ମାର୍ଗଦର୍ଶନ କରିବାକୁ ଜନସାଧାରଣଙ୍କୁ ସକ୍ଷମ କରିବ।

ପ୍ରତିବନ୍ଧକ ଏଡ଼ାଇବା ସହିତ ପୂର୍ବନିର୍ଦ୍ଧାରିତ ପଥରେ ଅର୍ଦ୍ଧ-ସ୍ୱୟଂଶାସିତ ନାଭିଗେସନ କୁ ନିରନ୍ତର ପାଟ୍ରୋଲିଂ ଏବଂ ୨୪ସ୭ ଉପସ୍ଥିତିକୁ ଅନୁମତି ଦେଇଥାଏ, ଯାହା ମାନବ ସମ୍ବଳର ବୋଝକୁ ହ୍ରାସ କରିଥାଏ ଏହା ଫଳପ୍ରଦ ସୁରକ୍ଷା ପରିଚାଳନାରେ ଉନ୍ନତି ଆଣିବ।ଏଏସସି ଅର୍ଜୁନ ବନ୍ଧୁପୂର୍ଣ୍ଣ ଅଙ୍ଗଭଙ୍ଗୀ ଏବଂ ସୂଚନା ସହାୟତା ମାଧ୍ୟମରେ ଯାତ୍ରୀମାନଙ୍କ ସହ ଭାବିନିମୟ କରିଥାଏ, ଯାହା ଜନସାଧାରଣଙ୍କ ବିଶ୍ୱାସ ଏବଂ ଆର୍. ପି. ଏଫ୍. କର୍ତ୍ତୃପକ୍ଷଙ୍କ ଧାରଣାକୁ ବୃଦ୍ଧି କରିଥାଏ।

ଏଏକ ସମନ୍ୱିତ ଡ୍ୟାସବୋର୍ଡ ସହିତ ନିରନ୍ତର ନିରୀକ୍ଷଣ ଆର୍. ପି. ଏଫ୍. ଏବଂ କଣ୍ଟ୍ରୋଲ୍ ରୁମ୍ ଦ୍ୱାରା ପ୍ରଭାବଶାଳୀ ନିଷ୍ପତ୍ତି ନେବାରେ ସହାୟତା କରିବା ପାଇଁ ରିଅଲ୍ ଟାଇମ୍ ଇଣ୍ଟେଲିଜେନ୍ସ ପ୍ରଦାନ କରିଥାଏ।

ତୁରନ୍ତ ଆଲର୍ଟ ସହିତ ନିଆଁ ଏବଂ ଧୂଆଁର ଶୀଘ୍ର ଚିହ୍ନଟ୍‌ରିତ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ଯାତ୍ରୀ ସୁରକ୍ଷାକୁ ଉନ୍ନତ କରିଥାଏ।

ପାରସ୍ପରିକ କ୍ରିୟାଶୀଳ କ୍ଷମତା:. ସୁରକ୍ଷା ନିର୍ଦ୍ଦେଶାବଳୀ ଏବଂ ଭିଡ଼ ମାର୍ଗଦର୍ଶନ ପାଇଁ ବହୁଭାଷୀ ଘୋଷଣା। ଯାତ୍ରୀଙ୍କ ପାଇଁ ନମସ୍ତେ ଏବଂ ଅଧିକାରୀମାନଙ୍କୁ ସାଲ୍ୟୁଟ୍ ଭଳି ସାଂସ୍କୃତିକ ଅଙ୍ଗଭଙ୍ଗୀ। ୩. ନିୟନ୍ତ୍ରଣ କକ୍ଷ ସହିତ ବାସ୍ତବ-ସମୟ ସଂଯୋଗ। ଜନସାଧାରଣଙ୍କ ପାରସ୍ପରିକ କ୍ରିୟା ଏବଂ ସହାୟତା ପାଇଁ ଯାତ୍ରୀ-ଅନୁକୂଳ ୟୁଜର ଇଣ୍ଟରଫେସ୍

ପ୍ରମୁଖ ମୁଖ୍ୟ ସୁରକ୍ଷା ଆୟୁକ୍ତ ଆଲୋକ ବୋହରା କହିଛନ୍ତି ଯେ ଏଏସସି ଅର୍ଜୁନର ପ୍ରଚଳନ ରେଳ ସୁରକ୍ଷାକୁ ସୁଦୃଢ଼ କରିବା, ଯାତ୍ରୀ ଅଭିଜ୍ଞତାକୁ ଉନ୍ନତ କରିବା ଏବଂ ଫ୍ରଣ୍ଟଲାଇନ୍ କର୍ମଚାରୀଙ୍କୁ ସମର୍ଥନ କରିବା ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାରେ ଏକ ଅଗ୍ରଣୀ ପଦକ୍ଷେପ ଭାରତୀୟ ରେଳବାଇ ଏକ ନିରାପଦ, ସୁରକ୍ଷିତ ଏବଂ ଯାତ୍ରୀ-ଅନୁକୂଳ ରେଳ ଇକୋସିଷ୍ଟମ ସୃଷ୍ଟି କରିବା ପାଇଁ ନବସୃଜନକୁ ଗ୍ରହଣ କରିବାକୁ ପ୍ରତିବଦ୍ଧ।

# କୂଅ ଭିତରୁ ଭାଲୁକୁ ଉଦ୍ଧାର କରିଲା ବନ ବିଭାଗ

ମାଲକାନଗିରି, ୨୩।୧(ନି.ପ୍ର):ଃ ଖାଦ୍ୟ ଅନୁସନ୍ଧାନ ରେ ଆସି ଭାଲୁ ଗାଁ ଭିତରେ କୂଅ ରେ ପଡିଲାଉଦ୍ଧାର କରିବାରେ ବନ ବିଭାଗ ନାକେଦମଏଭଳି ଦୃଶ୍ୟ ଦେଖିବାକୁ ମିଳିଛିକାଲିମେଳା ବ୍ଲକ ର ଗୋମ୍ପାକୋଣ୍ଡା ଗ୍ରାମ ପଞ୍ଚାୟତ ଅଧୀନ ଏମ ପି ଭି ୨୬ ଗ୍ରାମ ର ବିରେନ ବିଶ୍ୱାସ ଙ୍କ ବାରିକାନି ରହିଥିବା ପୁରୁଣା କୂଅ ଭିତରେ ଭାଲୁ ପଡିଯାଇଥିଲା ତେବେ ଉକ୍ତ ଘର ର ମାଲିକ ଜିଲ୍ଲା ମାଲକାନଗିରି ରେ ରହୁ ଥିବା ବେଳେ ଏମ ପି ଭି ୨୬ ନମ୍ବର ସ୍ଥିତ ଉକ୍ତ ଘରେ କେହି ରହୁନ ଥିଲେ ଓ ସେଇ କୂଅ ଉପରେ ଗୋଟିଏ ଜୋରି ଢ଼ାକି ଦେଇଥିଲେ ତେବେ ଆଜି ଭୋର ସକାଳେ ହଟାତ ଭାଲୁ କାନ୍ଦିବା ର ଶବ୍ଦ ଶୁଣି ପୋଡ଼ଶୀ ଘର ଲୋକ ଯାଇ ଦେଖିଲେ ଯେ କୂଅ ଭିତରେ ଗୋଟିଏ ଭାଲୁ ପଡି ରହିଛି। ଏନେଇ ବନବିଭାଗ କୁ ସ୍ଥାନୀୟ ଲୋକେ ଖବର ଦେବାରୁ କାଲିମେଳା ବନ ବିଭାଗ ସମେତ ଜିଲ୍ଲା ମାଲକାନଗିରି ର ଏକ ସ୍ୱତନ୍ତ୍ର ଦଳ ଆସି ଭାଲୁ ଉଦ୍ଧାର କରିବା ରେ ଲାଗିଛନ୍ତି ।କିପରି କୌଶଳ କରି କୂଅ ଭିତରୁ ଭାଲୁ ଟିକୁ ଉଦ୍ଧାର କରାଯିବ ସେ ନେଇ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା ଭାଲୁଟିକୁ ଉଦ୍ଧାର କରିବା ଉଦେଶ୍ୟ ରେ ବନ ବିଭାଗ ର ଜିଲ୍ଲା ରେପିଡ଼ ରେସପୋନ୍ସ ଟିମ ର ଆଠ ଜଣ ସମେତ କାଲିମେଳା ବନ ବିଭାଗ ସମସ୍ତ କର୍ମଚାରୀ ମିଶାଇ ପାଖା ପାଖି ୧୫ ରୁ ୨୦ ଜଣ ବନ ବିଭାଗ କର୍ମଚାରୀ ଭାଲୁ କୁ ଉଦ୍ଧାର କରିବା କାମ ରେ ସକାଳୁ ୭ ଟା ରୁ ଏପର୍ଯ୍ୟନ୍ତ ଲାଗି ପ୍ରାୟ ୨.୩୦ ସମୟରେ ଭାଲୁ ଟିକୁ କୂଅ



ଭିତରୁ ଉଦ୍ଧାର କରିବାରେ ସକ୍ଷମ ହୋଇଛନ୍ତି। ଶେଷରେ ଭାଲୁ କୁ କାବୁ କରି କୂଅ ଭିତରୁ ଉଦ୍ଧାର କରିଛନ୍ତି ।ଭାଲୁକୁ ନେଇ ସୁରକ୍ଷିତ ଜଙ୍ଗଲେ ନେଇ ଛଡ଼ାଯିବ ବୋଲି ସୂଚନା ମିଳିଛି।

# କିମସରେ ଭାରତର ପ୍ରଥମ ବହୁମୁଖୀ ୟୁଥ୍ ୱେଲ୍‌ନେସ୍ କ୍ଲିନିକ୍ ଆରମ୍ଭ




ଭୁବନେଶ୍ୱର, ୨୩।୦୧(ନି.ପ୍ର.): ଯୁବପିଢ଼ିଙ୍କଠାରେ ଅଣଦେଖା କରାଯାଉଥିବା ସ୍ୱାସ୍ଥ୍ୟ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏକ ପଦକ୍ଷେପ ସ୍ୱରୂପ, କିମ୍ସ ଭୁବନେଶ୍ୱରର ଶିଶୁ ରୋଗ ବିଭାଗରେ ଏକ ଉତ୍ସର୍ଗୀକୃତ ଯୁବ ସୁସ୍ଥତା କ୍ଲିନିକ୍ 'ତାରୁଣ୍ୟ' ଉଦଘାଟିତ ହୋଇଯାଇଛି। ଏଥିରେ ୧୦ରୁ ୧୯ ବର୍ଷ ବୟସର କିଶୋରମାନଙ୍କ ସାମଗ୍ରିକ ସୁସ୍ଥତା ଉପରେ ଧ୍ୟାନ ଦିଆଯିବ।

କିଶୋରାବସ୍ଥାରେ ମଣିଷ ଶରୀରରେ ଶାରୀରିକ, ହରମୋନ୍, ମାନସିକ, ସାମାଜିକ ଓ ଭାବପ୍ରବଣ ଜନିତ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ। ଏହି ସମୟରେ ଯୁବକଯୁବତୀମାନଙ୍କୁ ବିଶେଷ ଭାବରେ ଦୁର୍ବଳ କରିଥାଏ ତଥା ସେମାନଙ୍କ ସ୍ୱାସ୍ଥ୍ୟ ଚିନ୍ତାକୁ ସ୍ପଷ୍ଟ କରିଥାଏ। ଏଭଳି ଜଟିଳତାର ସମାଧାନ ଲାଗି କିମସରେ 'ତାରୁଣ୍ୟ' ଭଳି ଦେଶର ପ୍ରଥମ କ୍ଲିନିକ୍ ଆରମ୍ଭ କରାଯାଇଛି। ଏହି କ୍ଲିନିକ୍ ଶିଶୁରୋଗ, ମାନସିକ ରୋଗ, ପ୍ରସୂତି ଓ ସ୍ତ୍ରୀରୋଗ ଓ କମ୍ୟୁନିଟି ମେଡିସିନ୍ ବିଭାଗର ବିଶେଷଜ୍ଞମାନଙ୍କୁ ନେଇ ମିଳିତ ଭାବେ କାର୍ଯ୍ୟ କରୁଛି। ଶିଶୁରୋଗ ବିଶେଷଜ୍ଞ ଡା ସ୍ୱର୍ଣ୍ଣଲତା ଦାସଙ୍କ ନେତୃତ୍ୱରେ ଏହି କ୍ଲିନିକ୍ ପରିଚାଳିତ ହେଉଛି।

ୟୁଥ୍ ୱେଲନେସ୍ କ୍ଲିନିକ୍ କୈଶୋରାବସ୍ଥାର ବିକାଶ, ଋତୁସ୍ରାବ ସ୍ୱାସ୍ଥ୍ୟ ଓ ପିସିଓଏସ, ପୁଷ୍ଟିକର ପରାମର୍ଶ, ଚିନ୍ତା ଓ ପରୀକ୍ଷା ସମ୍ବନ୍ଧୀୟ ଚାପ, ସଂପର୍କ ଓ ଯୋଗାଯୋଗ ଚ୍ୟାଲେଞ୍ଜ, ନିଶା ନିବାରଣ ପରାମର୍ଶ, ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ଶିକ୍ଷା, ବୟସ-ଉପଯୋଗୀ ଟୀକାକରଣ ଉପରେ ମାର୍ଗଦର୍ଶନ ପ୍ରଦାନ କରିବ। ନୂତନ ଭାବପ୍ରବଣତା ପ୍ରତିକ୍ରିୟାରେ ପିତାମାତାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ, ସାମାଜିକ ଗଣମାଧ୍ୟମର ଅତ୍ୟଧିକ ବ୍ୟବହାର ଓ ଡିଜିଟାଲ୍ ନିଶା ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକ ଉପରେ ମଧ୍ୟ ଏହି କ୍ଲିନିକ ମାଧ୍ୟମରେ ବିସ୍ତାର କରାଯିବ।

ପ୍ରଥମ ବର୍ଷରେ ଅତି କମରେ ୫ ହଜାର କିଶୋରକିଶୋରୀଙ୍କ ନିକଟରେ ପହଞ୍ଚିବା ଏହି କ୍ଲିନିକ୍‌ର ଲକ୍ଷ୍ୟ ରହିଛି। ଏହା ବ୍ୟତୀତ କ୍ଲିନିକ୍ ସମ୍ପୂର୍ଣ୍ଣ କିଶୋର ସ୍ୱାସ୍ଥ୍ୟସେବା ପାଇଁ ଏକ ମଡେଲ ଢାଞ୍ଚାରେ ବିକଶିତ ହେବାକୁ ଲକ୍ଷ୍ୟ ରଖିଛି। ପ୍ରତି ଶନିବାର ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଚିକିତ୍ସା ଅପେକ୍ଷା ପ୍ରତିରୋଧ ଉପରେ ଏହି କ୍ଲିନିକ୍ ଅଧିକ ଗୁରୁତ୍ୱାରୋପ କରିବ। ଏହି କ୍ଲିନିକ୍‌ର ପ୍ରଚାର ପ୍ରସାର ପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସ୍ଥାନୀୟ ଅଞ୍ଚଳ ପରିବେଶରେ ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ଗଣମାଧ୍ୟମ ବ୍ୟବହାର, ସୁସ୍ଥ ଜୀବନଶୈଳୀ ବଜାୟ ରଖିବା ତଥା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ଡା ଆର.ସି. ଦାସ ଏହି କ୍ଲିନିକକୁ ଉଦଘାଟନ କରିଥିବା ବେଳେ କିମ୍ସ ମେଡିକାଲ୍ ଅଧୀକ୍ଷକ ଡା ମାନସ ରଞ୍ଜନ ବେହେରାଙ୍କ ସମେତ ଶିଶୁ ରୋଗ, ମାନସିକ ରୋଗ ଏବଂ କମ୍ୟୁନିଟି ମେଡିସିନ ବିଭାଗର ମୁଖ୍ୟ ଓ ଅଧ୍ୟାପକମାନେ ଏହି ଅବସରରେ ଉପସ୍ଥିତ ଥିଲେ।

# ଜଳେଶ୍ୱର ବିଡ଼ିଓଙ୍କ କାର୍ଯ୍ୟକୁ ପ୍ରଶଂସା

ଜଳେଶ୍ୱର,୨୩।୧ (ନି.ପ୍ର): ଆଜିର ଆଧୁନିକତା ଚକ ଚକ୍ୟରେ ମଧ ରହିଛି କୁପ୍ରଭାବ, ଛୁଆଁ ଅଛୁଆଁ ଭେଦଭାବ ।ସେଥିପାଇଁ ତ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଗୋବରଘଟ୍ଟା ଅଞ୍ଚଳର ଜଣେ ଅସହାୟ ଗରିବ କୁଷ୍ଠ ରୋଗୀ ଖଗେନ୍ଦ୍ର ରଣାଙ୍କ ମୃତ୍ୟୁ ପରେ ବି କେହି ତାଙ୍କୁ ଛୁଇଁଲେ ନାହିଁ କି କଲେ ନାହିଁ । ଶବ ସତ୍କାର ସେଥିପାଇଁ ଶେଷରେ ଜଳେଶ୍ୱର ଅଞ୍ଚଳର ସ୍ୱେଚ୍ଛାସେବୀ ସଙ୍ଗଠନ ଭୋଲା ଭୋଣ୍ଡରି ଅନ୍ନଦାତା ପରିବାରର ହରି ଶଙ୍କର ପଣ୍ଡା, ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ, ଗୋବରଘଟ୍ଟା ଗ୍ରାମ ପଞ୍ଚାୟତର ଯୁବ ସମାଜସେବୀ ଚନ୍ଦନ କୁମାର କର ଏବଂ କିଛି ସ୍ୱେଚ୍ଛାସେବୀ ମାନଙ୍କ ପ୍ରଚେଷ୍ଟା ବଳରେ ଆଜି କୁଷ୍ଠ ରୋଗୀ ଖଗେନ୍ଦ୍ର ରଣାଙ୍କ ଶବକୁ ସୁବର୍ଣ୍ଣରେଖା ନଦୀ କୂଳରେ ଶବ ସତ୍କାର କରାଯାଇ ଥିଲା । ଏଭଳି ପ୍ରଚେଷ୍ଟା ସାରା ଅଞ୍ଚଳରେ ପ୍ରଶଂସା କରାଯାଉଛି।



# ଫଲକନୁମା ଏକ୍ସପ୍ରେସର ପରୀକ୍ଷାମୂଳକ ରହଣି

**ଭୁବନେଶ୍ୱର,୨୩।୧ (ନି.ପ୍ର):** ଯାତ୍ରୀ ସୁବିଧା ବୃଦ୍ଧି ଏବଂ ରେଳ ସଂଯୋଗୀକରଣକୁ ଉନ୍ନତ କରିବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ଖଲ୍ଲିକୋଟ ରେଳ ଷ୍ଟେସନରେ ଟ୍ରେନ ନମ୍ବର ୧୭୦୧୫/୧୭୦୧୬ ଭୁବନେଶ୍ୱର ନୂତନ-ସିକନ୍ଦରାବାଦ-ଭୁବନେଶ୍ୱର ନୂତନ ବିଶାଖା ଏକ୍ସପ୍ରେସ ଏବଂ ଟ୍ରେନ ନମ୍ବର ୧୨୭୦୩/୧୨୭୦୪ ହାଓଡ଼ା-ସିକନ୍ଦରାବାଦ-ହାଓଡ଼ା ଫଲକନୁମା ଏକ୍ସପ୍ରେସର ପରୀକ୍ଷାମୂଳକ ରହଣି ଆରମ୍ଭ କରିଛି।



ଟ୍ରେନ ନମ୍ବର ୧୭୦୧୫ ଭୁବନେଶ୍ୱର ନୂତନ-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ ୨୭ ଜାନୁଆରୀ ଠାରୁ କାର୍ଯ୍ୟକାରୀ ହୋଇ ୧୦:୧୨ ଘଣ୍ଟାରେ ଖଲ୍ଲିକୋଟ ଷ୍ଟେସନରେ ଅଟକିବ ଏବଂ ୧୦:୧୪ ଘଣ୍ଟାରେ ପ୍ରସ୍ଥାନ କରିବ। ସେହିପରି, ଟ୍ରେନ ନମ୍ବର ୧୭୦୧୬ ସିକନ୍ଦରାବାଦ-ଭୁବନେଶ୍ୱର ନୂତନ ବିଶାଖା ଏକ୍ସପ୍ରେସ ୨୬ ଜାନୁଆରୀ ଠାରୁ କାର୍ଯ୍ୟକାରୀ ହୋଇ ୧୨:୪୫ ଘଣ୍ଟାରେ ଖଲ୍ଲିକୋଟ ଷ୍ଟେସନରେ ଅଟକିବ ଏବଂ ୧୨:୪୭ ଘଣ୍ଟାରେ ପ୍ରସ୍ଥାନ କରିବ। ଟ୍ରେନ ନମ୍ବର ୧୨୭୦୩ ହାଓଡ଼ା-ସିକନ୍ଦରାବାଦ ଫଲକନୁମା ଏକ୍ସପ୍ରେସ ୨୭ ଜାନୁଆରୀ ୨୦୨୬ ଠାରୁ କାର୍ଯ୍ୟକାରୀ ହୋଇ ୧୬:୫୦ ଘଣ୍ଟାରେ ଖଲ୍ଲିକୋଟ ଷ୍ଟେସନରେ ଅଟକିବ ଏବଂ ୧୬:୫୨ ଘଣ୍ଟାରେ ପ୍ରସ୍ଥାନ କରିବ।ସେହିପରି, ଟ୍ରେନ ନମ୍ବର ୧୨୭୦୪ ସିକନ୍ଦରାବାଦ-ହାଓଡ଼ା ଫଲକନୁମା ଏକ୍ସପ୍ରେସ ୨୬ ଜାନୁଆରୀ ୨୦୨୬ ଠାରୁ ୦୮:୧୫ ଘଣ୍ଟାରେ ଖଲ୍ଲିକୋଟ ଷ୍ଟେସନରେ ଅଟକିବ ଏବଂ ୦୮:୧୭ ଘଣ୍ଟାରେ ପ୍ରସ୍ଥାନ କରିବ।ଏହି ଦୂରଗାମୀ ଏକ୍ସପ୍ରେସ୍/ସୁପରଫାଷ୍ଟ ଟ୍ରେନ ଗୁଡ଼ିକ ଭୁବନେଶ୍ୱର, ବ୍ରହ୍ମପୁର, ବିଶାଖାପାଟଣା, ସିକନ୍ଦରାବାଦ ଏବଂ ହାଓଡ଼ା (କୋଲକାତା) ଭଳି ପ୍ରମୁଖ ସହରଗୁଡ଼ିକୁ ସଂଯୋଗ କରେ। ଏହି ପଦକ୍ଷେପ ଦ୍ୱାରା ଖଲ୍ଲିକୋଟ ଏବଂ ଆଖପାଖ ଅଞ୍ଚଳର ଯାତ୍ରୀମାନେଙ୍କୁ ଭୁବନେଶ୍ୱର, ବ୍ରହ୍ମପୁର, ବିଶାଖାପାଟଣା ଏବଂ ମଧ୍ୟବର୍ତ୍ତୀ ସ୍ଥାନଗୁଡ଼ିକୁ ଉନ୍ନତ ସଂଯୋଗ ପ୍ରଦାନ କରି ଯାତ୍ରୀ ସୁବିଧା ଏବଂ ରେଳ ସଂଯୋଗୀକରଣକୁ ଉନ୍ନତ କରିବ ବୋଲି ଆଶା କରାଯାଉଛି। ସ୍ଥାନୀୟ ରେଳ ବ୍ୟବହାରକାରୀ ଏବଂ ଜନପ୍ରତିନିଧିଙ୍କ ଦୀର୍ଘଦିନର ଦାବିକୁ ଦୃଷ୍ଟିରେ ରଖି ପରୀକ୍ଷାମୂଳକ ଭାବରେ ଏହି ଷ୍ଟପେଜ୍ ଆରମ୍ଭ କରାଯାଇଛି।

# କୁଚିଣ୍ଡା କଲେଜ ଜାତୀୟ ସେବା ଯୋଜନା ପକ୍ଷରୁ ରକ୍ତଦାନ ଶିବିର

କୁଚିଣ୍ଡା, ୨୩।୧(ନି.ପ୍ର.):କୁଚିଣ୍ଡା କଲେଜର ପ୍ରେକ୍ଷାଳୟରେ ଯୁକ୍ତ ତିନି ବିଭାଗ ଏନଏସଏସ ପକ୍ଷରୁ ନୂତନ ରକ୍ତଦାତା ସୃଷ୍ଟି କରିବା ନିମନ୍ତେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ଅଧକ୍ଷ ମନୋଜ ପଣ୍ଡାଙ୍କ ନିର୍ଦ୍ଦେଶ ଓ ମାର୍ଗଦର୍ଶନ ରେ ପ୍ରୋଗ୍ରାମ ଅଫିସର ବେଲମତୀ କୁମୁରା ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ମହାବିଦ୍ୟାଳୟରୁ ନୂତନ ଭାବେ ୧୫ଜଣ ରକ୍ତଦାତା



ରକ୍ତଦାନ କରିଥିଲେ ପ୍ରାଧ୍ୟାପକ ପ୍ରମୋଦ ସାଇଁ, ଅଧ୍ୟାପକ ସୁଧାଂଶୁ ମହାପାତ୍ର, ଆଲୋକ ପଟେଲ, ଡ଼ଃ ପ୍ରକାଶ ଚନ୍ଦ୍ର ପଟେଲ, କାହ୍ନୁ ଚରଣ ମୁନ୍ନା, ଦୀପକ ବିଶ୍ୱାଲ, ଗଣନାଥ ନାୟକ, ପରମଜୀତ ନାୟକ , ଅଧ୍ୟାପିକା ସଞ୍ଜୁଶ୍ରୀ ସାହୁ, ଗଜାମତୀ କୁମୁରା, ଜିନିଆ। ଭଟ୍ଟାଚାର୍ଯ୍ୟ, ପୂଜା ଦାସ, ପଦ୍ମିନୀ ପ୍ରଧାନ, ଜାଗୃତି ବାଗ, କେ. ବେଗମ୍ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ଏନ. ଏସ. ଏସ ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରୁ ଅଙ୍କିତ ମେହେର, ସାଗର ପଣ୍ଡିତ, ରାକ୍ଷୀ ଅର୍କ ସ୍ମୃତିମୟୀ ସାହୁ, ସୁନେଶ ଲୁହା, ଧରଣୀ କିସାନ, ଅଙ୍କିତ ରାଉତ, ଚୁମକି ମହାନନ୍ଦୀଆ। ଏହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ପୁରାତନ ଛାତ୍ରି ରୁପାଲୀ ପଣ୍ଡା ଯୋଗଦେଇ ରକ୍ତଦାନ କରିଥିଲେ। ସମାଜସେବୀ ବିଜୁ ସାହୁ, ତନୟ ମହାପାତ୍ର, ରିଙ୍କୁ କୁସୁମ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ସହଯୋଗ କରିଥିଲେ ରୋଗୀମାନଙ୍କୁ ସଠିକ ସମୟରେ ରକ୍ତ ଯୋଗାଇବାର ମହତ ଉଦ୍ଦେଶ୍ୟ ରଖି କୁଚିଣ୍ଡା ମହାବିଦ୍ୟାଳୟ ଏନ. ଏସ. ଏସ ପକ୍ଷରୁ ପ୍ରତିବର୍ଷ ରକ୍ତଦାନ ଶିବିର ଆୟୋଜନ କରାଯାଉଛି ।ଏହା ବ୍ୟତୀତ ବହୁମୁଖୀ ପ୍ରତିଭାର ଅନ୍ୱେଷଣ ଓ ଛାତ୍ରଛାତ୍ରୀମାନଙ୍କ ବ୍ୟକ୍ତିର ବିକାଶ ସାମାଜିକ ଦୟିତ୍ୱ ଓ ରାଷ୍ଟ୍ରପ୍ରେମ ଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ଶିକ୍ଷା ବିଭାଗ ର ଅଧ୍ୟାପିକା ତଥା ଏନ. ଏସ. ଏସ ପ୍ରୋଗ୍ରାମ ଅଫିସର ବେଲମତୀ କୁମୁରାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଅଛି।।

# ସାମ୍ବାଦିକଙ୍କ ମାତୃ ବିୟୋଗ, ଅଞ୍ଚଳରେ ଶୋକର ଛାୟା

କୁକୁଡାଖଣ୍ଡି, ୨୩।୧(ନି.ପ୍ର.): କୁକୁଡାଖଣ୍ଡି ବ୍ଲକ ଦୈନିକ ଖବର କାଗଜ ମନ୍ଥନର ବରିଷ୍ଠ ସାମ୍ବାଦିକ ଇଶ୍ୱର ସେଠୀଙ୍କ ମାତା ହେମ ସେଠୀଙ୍କ ଦେହାନ୍ତ ହୋଇଛି। ୮୧ ବର୍ଷ ବୟସରେ ସେ ତାଙ୍କ ନିଜ ବାସଭବନ ଜଗଦଳପୁର ଗ୍ରାମରେ ପରଲୋକ ଗମନ କରିଛନ୍ତି। ଦୀର୍ଘଦିନ ଧରି ଅସୁସ୍ଥ ରହି ଶଯ୍ୟାସାୟୀ ହୋଇଥିବା ହେମ୍ ସେଠୀ ଶେଷରେ ଜୀବନ ଯୁଦ୍ଧରେ ପରାଜିତ ହୋଇଥିଲେ। ହେମ ସେଠୀ ଜଣେ ଧର୍ମପରାୟଣ, ସରଳ ଓ ମେଳାପୀ ସ୍ୱଭାବର ମହିଳା ଭାବେ ଅଞ୍ଚଳରେ ପରିଚିତ ଥିଲେ ହେମ ସେଠୀଙ୍କ ଜ୍ୟେଷ୍ଠ ପୁତ୍ର ଗୌର ସେଠି, କନିଷ୍ଠ ପୁତ୍ର ଇଶ୍ୱର ସେଠୀ, ବଡ ବୋହୂ ସାଇବାଣୀ, ସାନ ବୋହୁ ରୋଜି, ଦୁଇ ଝିଅ, ଜ୍ୱାଇଁ, ନାତି ନାତୁଣୀଙ୍କ ସମେତ ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ପ୍ରଚାର ପାଇବା ସହ ଜଗଦଳପୁର ଗ୍ରାମ ସହିତ ସମଗ୍ର କୁକୁଡାଖଣ୍ଡି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦିଗପହଣ୍ଡି ବିଜେଡି ବିଧାୟକ ପ୍ରାର୍ଥୀ ବିପ୍ଳବ ପାତ୍ର, ଆସିକା ସାମ୍ବାଦିକ ସୋରଜ ଦାସ, କୈଳାସ ରଣା, କେ ମଣି ବାବୁଙ୍କ ବ୍ଲକ୍ ସାମ୍ବାଦିକ ମାନେ ଶୋକ ପ୍ରକାଶ କରିଛନ୍ତି ସାମ୍ବାଦିକ, ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ଗ୍ରାମବାସୀମାନେ ତାଙ୍କ ନିଧନରେ ଗଭୀର ଶୋକ ପ୍ରକାଶ କରିଛନ୍ତି ଅନେକେ ତାଙ୍କ ପରିବାରକୁ ସାନ୍ତ୍ୱନା ଜଣାଇ ଦିବଙ୍ଗତ ଆତ୍ମାର ଶାନ୍ତି କାମନା କରିଛନ୍ତି।



# ବାହୁଦା ନଦୀରେ ବୁଡିଗଲେ ୨ଛାତ୍ର

ବ୍ରହ୍ମପୁର, ୨୩।୧ : ଗଞ୍ଜାମ ଜିଲ୍ଲା ନୂଆପଡା ଫାଣ୍ଡି ସୁନ୍ଦରଡା ଗ୍ରାମ ନିକଟ ବାହୁଦା ନଦୀରେ ବୁଡି ଆଜି ୨ଜଣ ଛାତ୍ରଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଅଷ୍ଟମ ଶ୍ରେଣୀ ଛାତ୍ର ଶାଶ୍ୱତ ପାତ୍ର ଓ ବିଶ୍ୱାସ ପ୍ରଧାନ। ଶାଶ୍ୱତଙ୍କ ଘର ଚାନ୍ଦପୁର ହୋଇଥିବା ବେଳେ ବମୋକୋଇ ନିବାସୀ ଥିଲେ ବିଶ୍ୱାସ ପ୍ରଧାନ। ପାଣିରେ ବୁଡିବା ପରେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବ୍ରହ୍ମପୁର ବଡମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ବୀର ସୁରେନ୍ଦ୍ର ସାଏ ଓ ସୁଭାଷ ଚନ୍ଦ୍ର ବୋଷ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ: ମନମୋହନ

ଭୁବନେଶ୍ୱର, ୨୩।୦୧(ନି.ପ୍ର.): ଭାରତବର୍ଷର ୨ ଜଣ ଶ୍ରେଷ୍ଠ ବରପୁତ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଗୋଟିଏ ଦିନରେ ଓଡ଼ିଶା ମାଟିରେ ଜନ୍ମନେବା ଗୋଟିଏ ମହାନ୍ ସଂଯୋଗ। ୧୮୫୭ ମସିହା ଆନ୍ଦୋଳନକୁ ଆମେ ଦେଶର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ବୋଲି କହିଥାଉ। ମାତ୍ର ଏହାର ଦୀର୍ଘ ୨୮ ବର୍ଷ ପୂର୍ବରୁ ଓଡ଼ିଶାରେ ବୀର ସୁରେନ୍ଦ୍ର ସାଏ ଇଂରେଜମାନଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଦେଇଥିଲେ। ଦେଶମାତୃକା ପାଇଁ ଲଢେଇ କରି ଜୀବନର ଦୀର୍ଘ ୩୭ ବର୍ଷ କାଳ ଜେଲ୍‌ଦଣ୍ଡ ସୁରେନ୍ଦ୍ର ସାଏଙ୍କୁ ଭୋଗିବାକୁ ପଡ଼ିଥିଲା ଏବଂ କାରାଗାରରେ ହିଁ ତାଙ୍କ ମୃତ୍ୟୁ ହୋଇଥିଲା। ଏଭଳି ଜଣେ ସ୍ୱାଧୀନତା ସଂଗ୍ରାମଙ୍କ ନାମ ବିଶ୍ୱ ଇତିହାସର ଶିଖରରେ ରହିବା ଉଚିତ୍। ସେହିପରି କଟକରେ ଜନ୍ମିତ ବରପୁତ୍ର ସୁଭାଷ ଚନ୍ଦ୍ର





ବୋଷ ଦେଶ ପାଇଁ ଅନେକ ବଳିଦାନ ଦେଇଛନ୍ତି। ଏହି ଦୁଇ ମହାପୁରଷ ଦେଶମାତୃକାର ସେବାପାଇଁ ଯେଉଁ ବୀରତ୍ୱ ଓ ବଳିଦାନର ପରାକାଷ୍ଠା ଦେଖାଇଥିଲେ। ନିଜର ସାହାସ, କଠୋର ସଂକଳ୍ପ ଓ ଦୃଢ଼ ନେତୃତ୍ୱ ବଳରେ ଉଭୟେ ଦେଶକୁ ସ୍ୱାଧୀନତା ପଥରେ ଆଗେଇ ନେଇଥିଲେ। ରାଷ୍ଟ୍ରପତି ସେମାନଙ୍କ ବଳିଦାନ ସର୍ବଦା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇରହିବ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି।

ଓଡ଼ିଶାର ଗର୍ବ ଗୌରବ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ୍ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ତଥା ପରାକ୍ରମ ଦିବସରେ ଶ୍ରୀ ସାମଲ କହିଛନ୍ତି ଯେ, ପରାଧୀନ ଭାରତରେ ସ୍ୱାଧୀନତା ସଂଗ୍ରାମର ଆଲୋକବର୍ତ୍ତିତା ସାଜିଥିଲେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ। ଦେଶ ପାଇଁ ତାଙ୍କ ତ୍ୟାଗ, ତପସ୍ୟା, ସାଧନା ଓ ପ୍ରତିବଦ୍ଧତାର କୌଣସି କଳନା କରାଯାଇପାରିବ ନାହିଁ। ଉଭୟ ସ୍ୱାଧୀନତା ସଂଗ୍ରାମୀ ସବୁଦିନ ପାଇଁ ଆମ ସମସ୍ତଙ୍କ ମାର୍ଗଦର୍ଶକ ହୋଇରହିବେ।

ଆଜି ଭୁବନେଶ୍ୱର ରସୁଲଗଡସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଓ ଭିଏସ୍‌ଏସ୍ ନଗରସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ରାଜ୍ୟ ସଭାପତି ଶ୍ରୀ ସାମଲ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି। ଏହି ଅବସରରେ ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ଶ୍ରୀ ମାନସ କୁମାର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ସାରଦା ପ୍ରସାଦ ଶତପଥୀ, ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ଶ୍ରୀ ନିରଞ୍ଜନ ମିଶ୍ର, ବରିଷ୍ଠ ନେତା ଶ୍ରୀ ଅରବିନ୍ଦ ଢ଼ାଲି, ଶ୍ରୀ ଜଗନ୍ନାଥ ପ୍ରଧାନ, ଶ୍ରୀ ପ୍ରିୟଦର୍ଶୀ ମିଶ୍ର ଏବଂ ଅନ୍ୟାନ୍ୟ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ